
ନବରାତ୍ର ପୂଜାର ଚତୁର୍ଥ ଦିନରେ ମା' କଟକଚଣ୍ଡୀଙ୍କ ବନଦୁର୍ଗା ବେଶ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-93 FRIDAY 26 SEPTEMBER 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୯୩ ଶୁକ୍ରବାର ୨୬ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦





# ସାଧାରଣ ୱାର୍ଡକୁ ସ୍ଥାନାନ୍ତର ହେଲେ ମଜୁମଦାର୍



ଭୁବନେଶ୍ୱର, ୨୫।୯ (ସମିସ): ଓଲିଉଡ୍‌ର ଚର୍ଚ୍ଚିତ ଗୀତିକାର ଅଭିଜିତ ମଜୁମଦାର୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଆଜି ଏମ୍‌ସର ସ୍ୱତନ୍ତ୍ର ଡାକ୍ତର ଟିମ୍ ତାଙ୍କୁ ଆଇସିୟୁରୁ ମେଡିସିନ୍ ୱାର୍ଡକୁ ସ୍ଥାନାନ୍ତର କରିଛନ୍ତି। ଅଭିଜିତଙ୍କ ଯକୃତ (ଲିଭର) ଏବଂ ଶରୀରର ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ପରିଚାଳନାରେ ମଧ୍ୟ ପୂର୍ବାପେକ୍ଷା ସୁଧାର ଆସିଛି ବୋଲି ଏମ୍‌ସ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ତାଙ୍କ ଚିକିତ୍ସା ସହ ଫିଜିଓଥେରାପି କରାଯାଉଛି। ସୂଚନା ଅନୁସାରେ, ଶ୍ରୀ ମଜୁମଦାର ଲିଭର୍‌ଜନିତ ରୋଗରେ ପୀଡ଼ିତ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନହେବାରୁ ଗତ ୪ତାରିଖରେ ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଟ୍ରମାକେୟାର୍‌ରେ ରଖାଯାଇ ଚିକିତ୍ସା କରାଯିବା ପରେ କ୍ରିଟିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ଶରୀରରେ ସୋଡିୟମ୍‌ର ମାତ୍ରା କମିବା ସହ ନିଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହେଉଥିଲା।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସମୟ ପୂର୍ବରୁ ପ୍ରତ୍ୟାହାର ହୋଇପାରିବ ଫିକ୍ସଡ୍ ଡିପୋଜିଟ୍

କଟକ, ୨୫।୯ (ସମିସ): ବିବାହରେ ଆବଶ୍ୟକତା ପାଇଁ ପୋଷ୍ଟାଲ ବ୍ୟାଙ୍କ ଫିକ୍ସଡ୍ ଡିପୋଜିଟ୍‌କୁ ଅସମୟରେ ବା ସମୟ ପୂର୍ବରୁ ପ୍ରତ୍ୟାହାରକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ହିନ୍ଦୁ ଆଇନ ଅନୁସାରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା। ଏଣୁ ନିୟମଗତ ପ୍ରତିବନ୍ଧକ ଦର୍ଶାଇ ଏଥିପାଇଁ ଜଣଙ୍କୁ ନିଜ ସମ୍ପତ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ପରିବାରରେ ବିବାହର ଖର୍ଚ୍ଚ ବହନ କରିବା ପାଇଁ ଜଣେ ମହିଳା ଫିକ୍ସଡ୍ ଡିପୋଜିଟ୍ ପାଇଁ ବିନିଯୋଗ କରିଥିବା ଟଙ୍କାକୁ ମାଚୁରିଟି ସମୟ ପୂର୍ବରୁ ପ୍ରତ୍ୟାହାର କରିବାକୁ ଅନୁମତି ଦେବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରିୟଦର୍ଶିନୀ ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ କହିଛନ୍ତି, ହିନ୍ଦୁ ଆଇନରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା ଭାବେ ସ୍ୱୀକୃତିପ୍ରାପ୍ତ। ତେଣୁ ଏହା ଯୁକ୍ତି କରାଯାଇପାରିବନାହିଁ ଯେ ଆବେଦନକାରୀଙ୍କୁ ଏଥିପାଇଁ ପାଣ୍ଠିର ଆବଶ୍ୟକତା ନାହିଁ। ଶେଷରେ, ଜମା ହୋଇଥିବା ଅର୍ଥ ସେହି ସଂସ୍ଥାର ନୁହେଁ, ଯାହାକୁ ଜମାକାରୀ ଜମା ରଖିଥାଏ। ଏଥିସହ ଦୁଇ ସପ୍ତାହ ମଧ୍ୟରେ ଉକ୍ତ ଫିକ୍ସଡ ଡିପୋଜିଟ୍ ପ୍ରତ୍ୟାହାର କରିବାକୁ ଆବେଦନକାରୀଙ୍କୁ ଅନୁମତି ଦେବା ପାଇଁ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରୁ ବିଳମ୍ବ ଘଟିଲେ, ସମ୍ପୃକ୍ତ ଡାକ କର୍ତ୍ତୃପକ୍ଷ ୧ ପ୍ରତିଶତ ହାରରେ ସୁଧ ଦେବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

# ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀଙ୍କୁ ୨ବର୍ଷ ଜେଲ୍

କଟକ, ୨୫।୯ (ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗର ପ୍ରାକ୍ତନ (ଅବସରପ୍ରାପ୍ତ) ଚକବନ୍ଦି ଅଧିକାରୀ ବିଷ୍ଣୁପଦ ଗ୍ରହାଚାର୍ଯ୍ୟ (ଓଏଏସ)ଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଇ) ଅନୁସାରେ ୨ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଶ୍ରୀ ଗ୍ରହଚାର୍ଯ୍ୟ କୁଜଙ୍ଗରେ ଚକବନ୍ଦି ଅଧିକାରୀ ଥିବା ବେଳେ ତାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିଲା। ପରେ ଶ୍ରୀ ମିଶ୍ର ଚାକିରିରୁ ଅବସର ନେଇଥିଲେ ମଧ୍ୟ ଭିଜିଲାନ୍ସ ମାମଲା ବିଚାରାଧୀନ ଥିଲା। ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଇନ୍ସପେକ୍ଟର୍ ଏ.ଏନ୍ ମହାନ୍ତି ଏହି ମାମଲାର ତଦନ୍ତ କରିଥିଲେ। ପ୍ରସିକ୍ୟୁସନ୍ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ରାକେଶ ସାହୁ ଓ ଜ୍ୟୋତିପ୍ରକାଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଚକବନ୍ଦି ଅଧିକାରୀଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

**ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ**

# ଭିଜିଲାନ୍ସ ଜାଲରେ ଟିପିସିଓଡିଏଲ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ୨୫।୯(ସମିସ): ଲାଞ୍ଚ ନେଇ ଭୁବନେଶ୍ୱର ଟିପିସିଓଡିଏଲ୍-୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ରାୟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସପକ୍ଷରେ ରିପୋର୍ଟ ଦେବାକୁ ଜଣେ ଠିକାଦାରଙ୍କଠାରୁ ସେ ୨୦ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ତାଙ୍କ ଘର ପାଖ ଏକ ପାର୍କରୁ କାବୁ କରିଛନ୍ତି। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କ ଘର ସମେତ ୪ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ଉ କରିଛି। ତାଙ୍କ ଘରୁ ନଗଦ ୯ଲକ୍ଷ ୫୩ ହଜାର ଟଙ୍କା ଜବତ ହୋଇଥିବା ଜଣାଯାଇଛି।

**୨୦ ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଲେ**



ଅଭିଯୋଗକାରୀ ଠିକାଦାର ତାଙ୍କ ସପକ୍ଷରେ ଚୂଡ଼ାନ୍ତ ରିପୋର୍ଟ ଦେବାକୁ ଗତ ଦୁଇ ମାସ ଧରି ଯନ୍ତ୍ରୀ ଶ୍ରୀ ରାୟଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ। କିନ୍ତୁ ୨୦ ହଜାର ଟଙ୍କା ନଦେଲେ ରିପୋର୍ଟ ଦେବେ ନାହିଁ ବୋଲି ଯନ୍ତ୍ରୀ ମନା କରିଦେଇଥିଲେ। ଗତକାଲି ସନ୍ଧ୍ୟାରେ ଅଭିଯୋଗକାରୀ ଠିକାଦାର ଯନ୍ତ୍ରୀଙ୍କ ବାସଭବନ ନିକଟରେ ପହଞ୍ଚିଥିଲେ। ପରେ ଯନ୍ତ୍ରୀ ତାଙ୍କ ଘର ନିକଟରେ ଥିବା ଏକ ପାର୍କକୁ ଡାକିଥିଲେ। ସେଠାରେ ତାଙ୍କଠାରୁ ୨୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ।

## ଗଜପତିର ୧୭ ପ୍ରକଳ୍ପରୁ ପାଣି ଶୋଷୁଛି ଆନ୍ଧ୍ର

# ୩୩ ବର୍ଷରେ ଟଙ୍କାଟିଏ ବି କର ପୈଠ କରିନି

ପାରଳାଖେମୁଣ୍ଡି,୨୫।୮(ସମିସ): ବର୍ଷବର୍ଷ ଧରି ଓଡ଼ିଶାର ପାଣି ଶୋଷୁଛି। ଗୋଟିଏ କି ଦୁଇଟି ନୁହେଁ, ୧୭ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ବର୍ଷତମାମ ପାଣି ନେଇ ଧାନ, ମୀନ, ପରିବା ଚାଷ କରି ନିଜ ଆର୍ଥିକ ମେରୁଦଣ୍ଡକୁ ମଜଭୁତ କରୁଛି। କିନ୍ତୁ ଜଳକର ବାବଦକୁ ଟଙ୍କାଟିଏ ବି ଦେଉନାହିଁ। ସେପଟେ ବକେୟା ଗଡ଼ିଗଡ଼ି

■ ଜଳକର ଚୁକ୍ତି ଖିଲାପ କରୁଛି ଆନ୍ଧ୍ର
■ ୪ କୋଟି ୩୨ଲକ୍ଷ ୮୧ହଜାର ୨୧୧ଟଙ୍କା ବକେୟା ଗଡ଼ୁଛି



| ପ୍ରକଳ୍ପ | ଜଳସେଚନ କ୍ଷମତା | ଓଡ଼ିଶା | ଆନ୍ଧ୍ରପ୍ରଦେଶ |
|---|---|---|---|
| ଆଲତୀନାଳ | ୩୩୭.୫୭ ଏକର | ୧୩୭.୫୧ଏକର | ୨୦୦ ଏକର |
| ବାଇଝାଲନାଳ | ୧୬୪୬.୯୩ଏକର | ୭୫୭.୨୫ ଏକର | ୮୭୯.୯୫ ଏକର |
| ଗୁମ୍ମାଗଡା ନାଳ | ୭୨୧.୨୭ ଏକର | ୯୮.୩୪ ଏକର | ୫୨୨.୯୩ ଏକର |
| କାଲୁଆନାଳ | ୧୬୫୪.୨୫ଏକର | ୧୧୯୭.୫୯ଏକର | ୪୫୬.୬୬ ଏକର |
| କୃଷ୍ଣସାଗ | ୪୯୭୯.୫୬ଏକର | ୪୫୧୫.୩୧ ଏକର | ୪୬୪.୨୫ଏକର |
| ମହେନ୍ଦ୍ରତନୟା | ୪୮୭୨.୭୬ଏକର | ୩୭୩୦ ଏକର | ୧୧୪୭.୭୬ଏକର |
| ନୀଳନାଳ ଓ ଶିରିଧାନାଳ | ୧୧୪୮.୧୨ଏକର | ୬୧୭.୫୭ ଏକର | ୫୩୦.୫୫ଏକର |
| ରାଧାସାଗର | ୭୦୩.୬୦ ଏକର | ୧୭୯.୨୯ଏକର | ୫୨୪.୩୧ଏକର |
| ରାମସାଗର | ୬୩୭.୦୩ ଏକର | ୬୩୬.୫୯ ଏକର | ୦.୪୪ଏକର |
| ସୀତାସାଗର | ୬୬୩.୯୭ଏକର | ୪୮୯.୧୨ଏକର | ୧୭୪.୮୫ଏକର |

୪ କୋଟି ପାର୍ ହୋଇଗଲାଣି। ଓଡ଼ିଶାର ଜଳ, ଜମି, ଜଙ୍ଗଲ ଉପରେ ଲୋଲୁପଦୃଷ୍ଟି ପକାଇ ଆସୁଥିବା ପଡ଼ୋଶୀ ଆନ୍ଧ୍ରର ଆଉ ଏକ ଦାଦାଗିରି ଏବେ ସାମ୍ନାକୁ ଆସିଛି। ଉଦ୍‌ବେଗର କଥା ହେଲା, ନିଜ ଆଡ଼ୁ କରିଥିବା ଚୁକ୍ତିକୁ ଆନ୍ଧ୍ର ଭାଙ୍ଗିଚାଲିଥିଲେ ହେଁ ଓଡ଼ିଶା ସରକାର ଏହାକୁ ନେଇ କୌଣସି ଠୋସ୍ ପଦକ୍ଷେପ ନେଉନାହାନ୍ତି।

ଆନ୍ଧ୍ରକୁ ଲାଗି ରହିଛି ଗଜପତି ଜିଲ୍ଲା ଦେଇ ପ୍ରବାହିତ ବଂଶଧାରା ଓ ମହେନ୍ଦ୍ରତନୟା ନଦୀ। ଏହି ଦୁଇ ନଦୀର ଜଳ ବ୍ୟବହାରକୁ ନେଇ ଅତୀତରେ ବିବାଦ ଉପୁଜିବାରୁ କଥା ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଛି। ତେବେ, ଆର୍ଥିକ ବର୍ଷ ୧୯୮୮-୮୯ରେ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଚୁକ୍ତି ମୁତାବକ, ଓଡ଼ିଶାର ଜଳସେଚନ ପ୍ରକଳ୍ପଗୁଡ଼ିକରୁ ଯେଉଁ ପାଣି ଆନ୍ଧ୍ରକୁ ଯିବ, ସେ ବାବଦକୁ କର ଓଡ଼ିଶାକୁ ପୈଠ କରିବ ଆନ୍ଧ୍ର। କିନ୍ତୁ ଚୁକ୍ତି ମୁତାବକ ଆନ୍ଧ୍ର ଜଳକର ପୈଠ କରୁନାହିଁ। ପ୍ରକଳ୍ପ ଆରମ୍ଭଠାରୁ ଆନ୍ଧ୍ର କର ଦେଉନାହିଁ। ଫଳରେ, ଆର୍ଥିକ ବର୍ଷ ୨୦୨୧-୨୨ ସୁଦ୍ଧା ମୋଟ ୪ କୋଟି ୩୨ଲକ୍ଷ ୮୧ ହଜାର ୨ଶହ ୧୧ଟଙ୍କାର ଜଳକର ଆନ୍ଧ୍ର ଉପରେ ଗଡ଼ୁଛି। ଏହାର ପରବର୍ତ୍ତୀ ବର୍ଷଗୁଡ଼ିକର ତଥ୍ୟ ନବୀକରଣ ହୋଇନାହିଁ। ବର୍ତ୍ତମାନ ୨୦୨୫ ବର୍ଷ ଚାଲିଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏହାର ପୁନଃ ଆକଳନ କରାଯାଇନାହିଁ। ଆହୁରି ଉଦ୍‌ବେଗଜନକ କଥା ହେଲା, ୧୭ ପ୍ରକଳ୍ପ ମଧ୍ୟରେ ବୁରୁଗାମଟେଙ୍କ୍, ବୁରୁଗାମନାଳ, ଲକ୍ଷ୍ମୀସାଗର ଓ ରାଧାସାଗର, ଲକ୍ଷ୍ମୀସାଗର ଓ ବୁରୁଗାମଗଡ଼ା ସ୍ଥାନିତ ହୋଇଥିଲେ ମଧ୍ୟ କେତେ ଏକର ପାଇଁ ଏହି ପ୍ରକଳ୍ପ ଉଦ୍ଦିଷ୍ଟ ଏବଂ ଏଥିରୁ ଆନ୍ଧ୍ରକୁ କେତେ ଓ ଓଡ଼ିଶାକୁ କେତେ ଜଳସେଚିତ ହେଉଛି, ତାହାର ତଥ୍ୟ ମଧ୍ୟ ଜଳସେଚନ ବିଭାଗ ନିକଟରେ ନାହିଁ।

ଏଠାରେ ଉଲ୍ଲେଖଯୋଗ୍ୟ, ଆନ୍ଧ୍ର ଉପରେ ବକେୟା ଥିବା ଜଳକର ବାବଦ ତଥ୍ୟ ପାଇଁ ଗଜପତି ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗ ବାରମ୍ବାର ଓଡ଼ିଶା କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କୌଣସି ତଥ୍ୟ ଦେଉନଥିବା ଜଣାପଡ଼ିଛି।

## ଟିକା ଦେବାରେ ଭୁଲ୍: ଚାଲିଗଲା ଶିଶୁପୁତ୍ରର ଜୀବନ

# ହସ୍ପିଟାଲରେ ପୁଲିସ-ସମ୍ପର୍କୀୟ ମୁହାଁମୁହିଁ

ନୟାଗଡ଼, ୨୫।୯(ସମିସ): ଅଢ଼େଇ ମାସର ଏକ ଶିଶୁର ମୃତ୍ୟୁକୁ ନେଇ ଆଜି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିସ୍ଫୋରକ ସ୍ଥିତି ଦେଖିବାକୁ ମିଳିଛି। ଶିଶୁର ପରିବାର ଓ ପୁଲିସ୍ ମଧ୍ୟରେ ଧସ୍ତାଧସ୍ତି ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନାନୁସାରେ, ନୟାଗଡ଼ ସଦର ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ରାଉତରାପୁର ଗ୍ରାମର ଜିତେନ୍ଦ୍ର ଦଳେଇଙ୍କ ଅଢ଼େଇ ମାସର ଶିଶୁପୁତ୍ରକୁ ବୁଧବାର ନିକଟସ୍ଥ ଏଏନ୍‌ଏମ୍ ସେଣ୍ଟରକୁ ନିଆଯାଇଥିଲା। ସେଠାରେ ଟିକା ଦେବା ବେଳେ ଶିଶୁଟିର ଉକ୍ତ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ଦୀର୍ଘ ସମୟ ଧରି ରକ୍ତ ବନ୍ଦ ନ ହେବାରୁ ପରିବାରଲୋକେ ବୁଧବାର ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତା'ର ବ୍ୟାଣ୍ଡେଜ୍ କରି ଘରକୁ ପଠାଇ ଦିଆଯାଇଥିଲା। କିନ୍ତୁ ଶିଶୁପୁତ୍ରର ଅବସ୍ଥା ଧୀରେଧୀରେ ବିଗିଡ଼ିଥିଲା। ତେଣୁ ଆଜି ପୁଣି ପରିବାରଲୋକ ଶିଶୁଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ତେବେ ସେଠାରେ ଉପଯୁକ୍ତ ଚିକିତ୍ସା ମିଳି ନଥିଲା ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି। ଶିଶୁକୁ ଭୁବନେଶ୍ୱର ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ତେବେ ଏହାର କିଛି ସମୟ ମଧ୍ୟରେ ଶିଶୁଟିର ଜୀବନ ଚାଲିଯାଇଥିଲା। ଏହାକୁ ନେଇ ଶିଶୁର ପରିବାର ଓ ସମ୍ପର୍କୀୟମାନେ



ଡାକ୍ତରଖାନା ପରିସରରେ ହୋ-ହଲ୍ଲା କରିଥିଲେ। ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ପ୍ରମୁଖ ସଦଳବଳେ ସେଠାରେ ପହଞ୍ଚିଥିଲେ। ସେଠାରେ ପୁଲିସ ଓ ସମ୍ପର୍କୀୟଙ୍କ ମଧ୍ୟରେ ମୁହାମୁହିଁ ଓ ଠେଲାପେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ସ୍ଥିତି ନିୟନ୍ତ୍ରଣ କରିଥିଲେ ହେଁ ଶିଶୁର ପରିବାରଲୋକ ଡାକ୍ତରଖାନା ପରିସରରେ ଧାରଣା ଦେଇଥିଲେ। ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ, ବରିଷ୍ଠ ଭେଷଜ ବିଶେଷଜ୍ଞ ଶତ୍ରୁଘ୍ନ ନାୟକ ଘଟଣାସ୍ଥଳରେ ପହଞ୍ଚି ପରିବାରଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯିବ ଏବଂ କମିଟିର ତଦନ୍ତ ଆଧାରରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଅପରପକ୍ଷେ, ପରିବାରଲୋକଙ୍କ ଅଭିଯୋଗ ଆଧାରରେ ବୋଦାପଡ଼ା ଏଏନ୍‌ଏମ୍ ସାଗରିକା ମିଶ୍ରଙ୍କ ନାମରେ ନୟାଗଡ଼ ସଦରଥାନାରେ ଏକ ମାମଲା ରୁଜୁ ହୋଇଛି।

ପ୍ରକାଶଯୋଗ୍ୟ, କିଛି ଦିନ ତଳେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ଚିକିତ୍ସାଳୟ କୋଠାରେ ବାଲୁଗାଁ ଅଞ୍ଚଳର ଜଣେ ମହିଳା ଓ ଗର୍ଭସ୍ଥ ଶିଶୁଙ୍କ ଚିକିତ୍ସା ଅବହେଳାରୁ ଜୀବନ ଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଡାକ୍ତର ରବୀନ୍ଦ୍ର ସାହୁଙ୍କୁ ନିଲମ୍ବନ କରାଯାଇଥିଲା। ତଥାପି ନୟାଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ କୌଣସି ସୁଧାର ଆସୁନଥିବା ଅଭିଯୋଗ ହେଉଛି। ନିର୍ବାଚିତ ଜନପ୍ରତିନିଧିମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ସୁସ୍ଥ ସ୍ୱାସ୍ଥ୍ୟସେବାର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ସ୍ଥିତି କିନ୍ତୁ ଭିନ୍ନ ଦେଖିବାକୁ ମିଳୁଛି।

## ବିଧାନସଭା ନିର୍ବାଚନ

# ଧର୍ମେନ୍ଦ୍ରଙ୍କୁ ବିହାର, ବୈଜୟନ୍ତଙ୍କୁ ତାମିଲନାଡୁ ଦାୟିତ୍ୱ





ଭୁବନେଶ୍ୱର, ୨୫।୯(ସମିସ): ଆଗାମୀ ବିହାର ଓ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ବିଜେପି ଓଡ଼ିଶାର ଦୁଇ ନେତାଙ୍କୁ ବଡ଼ ଦାୟିତ୍ୱ ଦେଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିହାରର ପ୍ରଭାରୀ ଦାୟିତ୍ୱ ମିଳିଛି। ଧର୍ମେନ୍ଦ୍ରଙ୍କ ସହ ଉତ୍ତରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ କେନ୍ଦ୍ରମନ୍ତ୍ରୀ ସିଆର୍ ପାଟିଲଙ୍କୁ ମଧ୍ୟ ଦଳ ସହ ପ୍ରଭାରୀ ଭାବେ ଦାୟିତ୍ୱ ଦେଇଛି। ସେହିପରି କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଦଳ ତାମିଲନାଡୁ ନିର୍ବାଚନର ପ୍ରଭାରୀ ଦାୟିତ୍ୱ ଦେଇଛି। ଆସନ୍ତା ୨୦୨୬ମସିହାରେ ତାମିଲନାଡୁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

# ୨ରୁ ବିଜେଡିର ଜନସଂପର୍କ ପଦଯାତ୍ରା

ଭୁବନେଶ୍ୱର, ୨୫।୯(ସମିସ): ଜନସଂପର୍କ ପଦଯାତ୍ରା ପାଇଁ ଗୁରୁବାର ଶଙ୍ଖ ଭବନରେ ବିଜୁ ଜନତା ଦଳ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଏଥର ମାସେବ୍ୟାପୀ ପଦଯାତ୍ରା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ୨ ତାରିଖ ଅର୍ଥାତ୍ ଗାନ୍ଧୀ ଜୟନ୍ତୀରୁ ନଭେମ୍ବର ୨ ତାରିଖ ଯାଏଁ ସମସ୍ତ ନିର୍ବାଚନମଣ୍ଡଳୀରେ ପଦଯାତ୍ରା ଅନୁଷ୍ଠିତ ହେବ ଏବଂ ସରକାରଙ୍କ ବିଫଳତା ନେଇ ରାଜ୍ୟବାସୀଙ୍କୁ ସଚେତନ କରାଯିବ। ପୂର୍ବରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଅକ୍ଟୋବର ୧୧ ଜୟପ୍ରକାଶ ନାରାୟଣ ଜୟନ୍ତୀ ଯାଏଁ ବିଜେଡି ପଦଯାତ୍ରା କରୁଥିଲା। ଆବଶ୍ୟକସ୍ଥଳେ ଏହାକୁ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ପ୍ରସାରିତ କରାଯାଉଥିଲା। ଚଳିତଥର ପ୍ରଥମରୁ ହିଁ ଏହାକୁ ମାସେବ୍ୟାପୀ କରିବାକୁ ନିଷ୍ପତ୍ତି ନିଆଯାଇଛି।

**ମାସେବ୍ୟାପୀ ପଦଯାତ୍ରାରେ ସରକାରଙ୍କ ବିଫଳତାକୁ ଉଜାଗର କରିବ ଦଳ**

ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ଲକ୍ଷ୍ୟ କରି ସରକାରଙ୍କ ବିଫଳତା ନେଇ ଅଧିକରୁ ଅଧିକ ଲୋକଙ୍କୁ ଜନସଂପର୍କ ପଦଯାତ୍ରା ମାଧ୍ୟମରେ ସଚେତନ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ବିଜେଡି ପକ୍ଷରୁ କୁହାଯାଇଛି, ଗତ ୧୫ ମାସରେ ରାଜ୍ୟର ସାମ୍ପ୍ରତିକ ସ୍ଥିତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ଜନବିରୋଧୀ କାର୍ଯ୍ୟ, ସରକାରଙ୍କ ଅସଲ ଚରିତ୍ରକୁ ପଦାରେ ପକାଇଛି। ବିଶେଷକରି ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିପରି, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ବାବୁରାଜ, ଚାଷୀଙ୍କୁ ସାର କଷଣ ଆଦି ନାନା ସମସ୍ୟାରେ ରାଜ୍ୟବାସୀ ସନ୍ତୁଳି ହେଉଛନ୍ତି।

ଅପରପକ୍ଷେ, ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବାରମ୍ବାର କେନ୍ଦ୍ରକୁ ଓଡ଼ିଶାର ନ୍ୟାଯ୍ୟ ଅଧିକାର ପାଇଁ ଦାବି କରିଆସୁଥିଲେ। ହେଲେ ରାଜ୍ୟରେ ଏବେ ବିଜେପି ସରକାର ଥିବା ସତ୍ତ୍ୱେ ଓଡ଼ିଶାକୁ କେନ୍ଦ୍ର ଅବହେଳା ବଢ଼ିବାରେ ଲାଗିଛି। ଏହା ବିରୋଧରେ ବିଜେଡି ଲଢ଼େଇ ଜାରି ରଖିବାକୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ୧୮ ଲକ୍ଷ ଟଙ୍କା ଆତ୍ମସାତ୍

# ପୂର୍ବତନ ସିଡିଭିଓ ଓ ପରିସଂଖ୍ୟାନ ଗଣନାକାରୀ ଗିରଫ

ନୂଆପଡ଼ା,୨୫।୯(ସମିସ): ଜଳବାୟୁ ପରିବର୍ତ୍ତନ ପାଣ୍ଠିରୁ ୧୮ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗରେ ନୂଆପଡ଼ା ଜିଲ୍ଲା ପ୍ରାଣୀଚିକିତ୍ସା ବିଭାଗର ପୂର୍ବତନ ସିଡିଭିଓ ତ୍ରିଲୋଚନ ଧଳ ଏବଂ ପରିସଂଖ୍ୟାନ ଗଣନାକାରୀ ଅଶୋକ କୁମାର ଦାଉଙ୍କୁ କୋରାପୁଟ ଭିଜିଲାନ୍ସ ଗିରଫ କରିଛି। ଭିଜିଲାନ୍ସ ତଦନ୍ତରୁ ଜଣାଯାଇଛି ଯେ ତ୍ରିଲୋଚନ ଏବଂ ଅଶୋକ ୨୦୨୦-୨୧ ଏବଂ ୨୦୨୧-୨୨ ଆର୍ଥିକ ବର୍ଷରେ ଜଳବାୟୁ ପରିବର୍ତ୍ତନ ପାଇଁ ଜାତୀୟ ଅନୁକୂଳନ ପାଣ୍ଠି ଅଧୀନରେ ଆବଣ୍ଟିତ ୧୮ଲକ୍ଷ ଟଙ୍କାର ଅପବ୍ୟବହାର କରିଛନ୍ତି। ଅଭିଯୁକ୍ତଦ୍ୱୟ ସରକାରୀ ପାଣ୍ଠିକୁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ ଆକାଉଣ୍ଟକୁ ସ୍ଥାନାନ୍ତର କରି ହଡ଼ପ କରିଥିଲେ। ଉକ୍ତ ଅନୁଦାନ ଦୁଗ୍ଧ ଏବଂ ଛେଳି ଚାଷ ମାଧ୍ୟମରେ ହିତାଧିକାରୀଙ୍କ





ଜୀବିକା ବୃଦ୍ଧି କରିବା ଏବଂ ପରିବେଶ ସୁରକ୍ଷା ପାଇଁ ମଞ୍ଜୁର ହୋଇଥିଲା। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଦୁହିଁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ଉଲ୍ଲେଖଯୋଗ୍ୟ, ନୂଆପଡ଼ାରେ କାର୍ଯ୍ୟକାଳ ସମୟରେ ତ୍ରିଲୋଚନ ଲକ୍ଷାଧିକ ଟଙ୍କା ନେଇ ଘରକୁ ଯାଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ି ଜେଲ ଯାଇଥିଲେ। ତାଙ୍କ ଉପରେ ଥିବା ଅନ୍ୟାନ୍ୟ ମାମଲାଗୁଡ଼ିକର ତଦନ୍ତ ବେଳେ ଏହି ୧୮ ଲକ୍ଷ ଆତ୍ମସାତ ପଦାକୁ ଆସିଥିଲା।

**୨୭-୨୮ ରେ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ**

# ଯୋଗଦେବେ ପ୍ରଧାନବିଚାରପତିଙ୍କ ସମେତ ୧୭ ମୁଖ୍ୟ ବିଚାରପତି

ଭୁବନେଶ୍ୱର, ୨୫।୯(ସମିସ): ମଧ୍ୟସ୍ଥତା ମାଧ୍ୟମରେ କୌଣସି ସମସ୍ୟାର ସମାଧାନ ମହାଭାରତ ଯୁଗରୁ ରହିଛି। ଏହାକୁ ଆଧାର କରି ୨୦୨୩ରେ ଦେଶରେ ମେଡିଏସନ୍ ଆଇନ ଆସିଛି। ଏହି ଆଇନ ସଫଳ ଭାବେ କାର୍ଯ୍ୟକାରୀ ହେଲେ ଦେଶର ଅନେକ ଲୋକଙ୍କର କମ୍ ଖର୍ଚ୍ଚ ଓ ଖୁବ୍‌ଶୀଘ୍ର ମାମଲାଗୁଡ଼ିକ ସମାଧାନ ହୋଇପାରିବ। ଏହା ଦ୍ୱାରା ନ୍ୟାୟାଳୟ ଉପରେ ରହୁଥିବା ଚାପ ମଧ୍ୟ କମିବ ବୋଲି ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ଆସନ୍ତା ୨୭ ଓ ୨୮ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ମେଡିଏସନ ସମ୍ମିଳନୀ ସମ୍ପର୍କରେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବର୍ତ୍ତମାନ ନିମ୍ନ ଅଦାଲତରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଅନେକ ମାମଲା ବିଚାରାଧୀନ ରହିଛି। ଏହି ମାମଲାଗୁଡ଼ିକ ହ୍ରାସ କରିବା ପାଇଁ ୨୦୨୩ରୁ ମେଡିଏସନ୍ ଆଇନ ଆସିଛି। ଏଥିରେ ଅନେକ ମାମଲାକୁ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ ହେବାର ବ୍ୟବସ୍ଥା କରାଯାଇଛି।

ଏହି ଆଇନର ସୁଦୂରପ୍ରସାରୀ ପାଇଁ ୨୭ ଓ

■ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଅତିଥି
■ ଉଦ୍‌ଯାପନୀରେ କେନ୍ଦ୍ର ଆଇନ ଓ ଶିକ୍ଷା ମନ୍ତ୍ରୀ ଯୋଗଦେବେ

୨୮ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଦ୍ୱିତୀୟ ଜାତୀୟ ମେଡିଏସନ୍ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର୍ ଗଭାଇଙ୍କ ସମେତ ୧୭ଟି ରାଜ୍ୟର ହାଇକୋର୍ଟର ମୁଖ୍ୟ ବିଚାରପତି ଯୋଗଦେବେ। ଏହାସହ ହାଇକୋର୍ଟ ଓ ସୁପ୍ରିମକୋର୍ଟର ୪୦ରୁ ଊର୍ଦ୍ଧ୍ୱ ଜଜ୍-୧ ମଧ୍ୟ ଯୋଗଦେବେ। ସୁପ୍ରିମକୋର୍ଟର ୧୦ଜଣ ବିଚାରପତିଙ୍କ ସମେତ ୨୦୦ରୁ ଅଧିକ ମାନ୍ୟଗଣ୍ୟ



ଅତିଥି ସାମିଲ ହେବେ। ୨୭ ତାରିଖ ସଂଧ୍ୟା ସାଢ଼େ ୬ଟାରେ ପ୍ରଧାନ ବିଚାରପତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏଥିରେ ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜାତୀୟ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଆଟର୍ଣ୍ଣି ଜେନେରାଲ୍, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ରାଜ୍ୟ ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ରହିବେ। ଦ୍ୱିତୀୟ ଦିନରେ ଏହି ଆଇନର ବିଭିନ୍ନ ଦିଗକୁ ନେଇ ୫ଟି ଅଧିବେଶନ ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଆଇନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖ ଯୋଗଦେବେ ବୋଲି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟରେ ଅନେକ ଜାତୀୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଉଛି। ଏହା ମଧ୍ୟସ୍ଥତା ଦିଗରେ ଦେଶକୁ ଏକ ଦିଗ୍‌ଦର୍ଶନ ଦେବ। ରାଜ୍ୟରେ ମଧ୍ୟ ଆଗକୁ ଗାଁମାନଙ୍କରେ ଛୋଟଛୋଟ ମାମଲାକୁ ମଧ୍ୟସ୍ଥତା ମାଧ୍ୟମରେ କିପରି ସମାଧାନ କାରଯାଇପାରିବ, ତାହା ଉପରେ ଦୃଷ୍ଟି ଦିଆଯାଉଛି। ରାଜ୍ୟ ସରକାର ଏ ବିଷୟରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ। ଏହି ସମ୍ମିଳନୀ ସମସ୍ତଙ୍କୁ ଆଗକୁ ବାଟ ଦେଖାଇବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

# ଆଜିଠୁ କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ

**ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ**

ଭୁବନେଶ୍ୱର,୨୫।୯(ସମିସ): କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଆସନ୍ତାକାଲି (ଶୁକ୍ରବାର) ଠାରୁ ଆରମ୍ଭ ହେବ। ପ୍ରଥମଥର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩ ଦିନିଆ ସମାବର୍ତ୍ତନ ହେଉଛି। ଉତ୍ସବରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ଶାନ୍ତି ପୁରସ୍କାର ବିଜେତା ଉଇଦେଦ୍ ବୋଚାମାଉଇ, ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ନ୍ୟାୟମୂର୍ତ୍ତି ଏ. ଅହମ୍ମଦ ୟୁସୁଫ୍ ଓ ନ୍ୟାୟମୂର୍ତ୍ତି ଦଲବୀର ଭଣ୍ଡାରିଙ୍କ ସମେତ ବିଶ୍ୱର ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେବେ। ଏହି ଅବସରରେ ଗୁଆଟେମାଲା ଗଣରାଜ୍ୟ କଂଗ୍ରେସ ସଦସ୍ୟ ଡ. ଫିଡେଲ ରେୟସ୍ ଲି, ୱକହର୍ଡ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ଆଡଭୋକେଟ୍ ଡ. ହୁଜେଫା ଖୋରାକିୱାଲା, ଜର୍ମାନୀ ୟୁଥ୍ ଫର୍ ଅଣ୍ଡରଷ୍ଟାଣ୍ଡିଂ ଫାଉଣ୍ଡେସନର ପ୍ରତିଷ୍ଠାତା ନବର୍ଟ ସାଉର, ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟ ସଞ୍ଜୟ ହାନ୍‌ସ, କମ୍ପିଟିସନ ସକସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସମ୍ପାଦକ ଏସ୍. କେ. ସଚଦେବା, ପ୍ରସିଦ୍ଧ ଚଳଚ୍ଚିତ୍ର ଓ ନାଟ୍ୟନିର୍ଦ୍ଦେଶକ ଅନନ୍ତ ମହାପାତ୍ର ପ୍ରମୁଖଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ। ଏହାସହ ଚଳିତ ବର୍ଷ ୭୨୩୫ ସ୍ନାତକ ଛାତ୍ରଛାତ୍ରୀ, ୨୦୩୪ ସ୍ନାତକୋତ୍ତର ଏବଂ ୧୯୫ ପିଏଚଡି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଉତ୍ସବର ପ୍ରଥମ ଦିନରେ ମେଡିକାଲ୍ ସାଇନସେସ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବାକୁ ଥିବା ବେଳେ ଦ୍ୱିତୀୟ ଦିନ ଆଇନ ଓ ମ୍ୟାନେଜମେଣ୍ଟ ଏବଂ ତୃତୀୟ ଦିନରେ ଟେକ୍ନୋଲୋଜି ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ତିନିଦିନ ଧରି ପ୍ରମୁଖ ଅତିଥି ଭାବରେ ବିଶ୍ୱର ପ୍ରସିଦ୍ଧ ବ୍ୟକ୍ତି ବିଶେଷ, ଆଇନ ବିଶାରଦ, ଶିକ୍ଷାବିତ୍, ନୋବେଲ ପୁରସ୍କାର ବିଜେତା ଏବଂ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।




ଲିସା କେଟ୍‌ଲି 'ମୁମ୍ବାଇ' କୋଚ୍
▶ପୃଷ୍ଠା-୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-93 • FRIDAY • 26 SEPTEMBER 2025 • PAGE-12 • ₹ 6.00 | BHUBANESWAR | • ବର୍ଷ-୪୩ • ସଂଖ୍ୟା-୯୩ • ଶୁକ୍ରବାର • ୨୬ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦







## ସୃଷ୍ଟି ହେଲା ଆଉ ଏକ ଲଘୁଚାପ

# ଦକ୍ଷିଣକୁ ବର୍ଷା, ଉପକୂଳକୁ ବନ୍ୟା ଭୟ

- ୨୭ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଅବପାତ ବର୍ଷା
- ହୀରାକୁଦରୁ ୨୦ ଗେଟ୍‌ରେ ଜଳ ନିଷ୍କାସନ
- ଆଜି ମୁଣ୍ଡଳୀରେ ଯିବ ୬ ଲକ୍ଷ କ୍ୟୁସେକ୍




■ **ଭୁବନେଶ୍ୱର, ୨୫।୯ (ସମିସ):** ପଛକୁ ପଛ ଆସୁଥିବା ଲଘୁଚାପ ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଏବେ ଫୁଲିବାରେ ଲାଗିଛି। ଯଦିଓ ଗୁରୁବାର ଗୋଟିଏ ଲଘୁଚାପ ଦୁର୍ବଳ ହୋଇଛି, ହେଲେ ଗୁରୁବାର ସନ୍ଧ୍ୟା ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ସବୁଠୁ ଅଧିକ ବର୍ଷା ସମ୍ଭାବନା ରହିଛି। ମାତ୍ର ଗଲା ୨-୩ଦିନ ମଧ୍ୟରେ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦକୁ ପ୍ରବଳ ପାଣି ପ୍ରବେଶ କରୁଛି। ଫଳରେ ବର୍ତ୍ତମାନ ମହାନଦୀ ତଳମୁଣ୍ଡରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ଦୁର୍ବଳ ହୋଇ ଘୂର୍ଣ୍ଣିବଳୟରେ ପରିଣତ ହୋଇଛି। ଏହା ବର୍ତ୍ତମାନ ଉତ୍ତରପଶ୍ଚିମ ତତ୍‌ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଦକ୍ଷିଣ ଓଡିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପରେ ସକ୍ରିୟ ରହିଛି। ଏଥିସହ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଘୁର୍ଣ୍ଣିବଳୟ ରହିଥିଲା। ଏହାର ପ୍ରଭାବରେ ଗୁରୁବାର ସନ୍ଧ୍ୟାରେ ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ନୂତନ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ଧୀରେଧୀରେ ପଶ୍ଚିମ ଦିଗକୁ ଗତି କରିବା ସହ ସେପ୍ଟେମ୍ବର ୨୬ରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। ସେପ୍ଟେମ୍ବର ୨୭ରେ ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ନିକଟରେ ଏହା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ବିଶେଷକରି, ▶ପୃଷ୍ଠା-୭

## ୧୮ ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ଏସ୍‌ଆର୍‌ସି

■ **ଭୁବନେଶ୍ୱର, ୨୫।୯ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶାରେ ବର୍ଷା ଓ ତତ୍‌ଜନିତ ସ୍ଥିତି ମୁକାବିଲା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ଗୁରୁବାର ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର ଡି.କେ ସିଂ ଦକ୍ଷିଣଓଡ଼ିଶା ସମେତ ବର୍ଷା ଆଶଙ୍କା ଥିବା ୧୮ ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ନୂଆପଡା ଜିଲ୍ଲାର ଜିଲ୍ଲାପାଳମାନେ ଉପସ୍ଥିତ ରହି ନିଜ ନିଜ ଜିଲ୍ଲାର ସ୍ଥିତି ସମ୍ପର୍କରେ ଏସ୍‌ଆରସିଙ୍କୁ ଅବଗତ କରାଇଛନ୍ତି। ବୈଠକରେ ଜଳସଂପଦ ବିଭାଗର ସର୍ବୋଚ୍ଚ ▶ପୃଷ୍ଠା-୭

## ଭାରତରେ ପ୍ରଥମ

# ଟ୍ରେନ୍‌ରୁ 'ଅଗ୍ନି' ପରୀକ୍ଷା



■ **ନୂଆଦିଲ୍ଲୀ/ବାଲେଶ୍ୱର, ୨୫।୯ (ସମିସ):** ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ମିଳିଛି ଆଉ ଏକ ଐତିହାସିକ ସଫଳତା। ଗତକାଲି ବିଳମ୍ବିତ ରାତିରେ ଟ୍ରେନରୁ ସଫଳତା ସହ ଲଞ୍ଚ୍ ହୋଇଛି ଅଗ୍ନି-ପ୍ରାଇମ୍ କ୍ଷେପଣାସ୍ତ୍ର। ଡିଆର୍‌ଡିଓ ପକ୍ଷରୁ ପ୍ରଥମ ଥର ଲାଗି ପରୀକ୍ଷା କରାଯାଇଥିବା ଏହି ମଧ୍ୟମ ଦୂରଗାମୀ ଅଗ୍ନି କ୍ଷେପଣାସ୍ତ୍ର ଦୁଇ ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଏଭଳି ସଫଳତା ପାଇବାରେ ରୁଷ, ଚୀନ ଓ ଉତ୍ତର କୋରିଆ ପରେ ଭାରତ ହେଉଛି ବିଶ୍ୱର ଚତୁର୍ଥ ଦେଶ। ଏବଂ ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଯେ ଓଡ଼ିଶା ମାଟିରେ ଏହାର ପରୀକ୍ଷା କରାଯାଇଛି। ଏହି ସଫଳତା ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ରୁଷ, ଚୀନ୍, ଉତ୍ତରକୋରିଆ ପରେ ଭାରତ ଚତୁର୍ଥ ଦେଶ**

ଏଭଳି ଐତିହାସିକ ପରୀକ୍ଷା ସଂପର୍କରେ ସୂଚନା ଦେଇଛନ୍ତି ରାଜନାଥ ସିଂହ। ଗତକାଲି (ବୁଧବାର) ବିଳମ୍ବିତ ରାତିରେ ଟ୍ରେନ୍ ଉପରେ ତିଆରି ହୋଇଥିବା ମୋବାଇଲ ଲଞ୍ଚର ସିଷ୍ଟମ ଜରିଆରେ ଅଗ୍ନି- ପ୍ରାଇମ୍ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରାଯାଇଥିଲା। ରେଳ ଭିତ୍ତିକ ଲଞ୍ଚରରୁ ପ୍ରଥମ ଥର ଲାଗି କ୍ଷେପଣାସ୍ତ୍ର ପରୀକ୍ଷା ହୋଇଛି। ଟ୍ରେନ ସହ ସଂଯୁକ୍ତ ଏହି ଲଞ୍ଚରରୁ ଦେଶର ଯେକୌଣସି ଭାଗରୁ ଉତ୍‌କ୍ଷେପଣ କରାଯାଇପାରିବ। ରେଳ ଲାଇନରେ ସହଜରେ ଏହାର ପରିବହନ ହୋଇପାରିବ। ▶ପୃଷ୍ଠା-୭

## ରବିବାର ଏସିଆ କପ୍ ଫାଇନାଲ

# ଭାରତ-ପାକିସ୍ତାନ ମୁକାବିଲା




**ସୁପର୍-୪ରେ ୧୧ ରନ୍‌ରେ ହାରିଲା ବାଂଲାଦେଶ**

■ **ଦୁବାଇ, ୨୫।୯ (ଏଜେନ୍ସି):** ଭାରତ ଓ ପାକିସ୍ତାନ ମଧ୍ୟରେ ଚଳିତ ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଖେଳାଯିବ। ଗୁରୁବାର ଅନୁଷ୍ଠିତ ସୁପର-୪ ମୁକାବିଲାରେ ବାଂଲାଦେଶକୁ ୧୧ ରନ୍‌ରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ପାକିସ୍ତାନ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ପାକିସ୍ତାନ ଓ ବାଂଲାଦେଶକୁ ହରାଇ ଭାରତ ପ୍ରଥମ ଦଳ ଭାବେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଛି। ଫାଇନାଲ ମ୍ୟାଚ୍ ଆସନ୍ତା ୨୮ ତାରିଖ, ରବିବାର ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ପାକିସ୍ତାନକୁ ୭ ୱିକେଟରେ, ସୁପର-୪'ରେ ୬ ୱିକେଟରେ ପରାସ୍ତ କରିଥିଲା। ଏସିଆ କପ୍ କ୍ରିକେଟ ଇତିହାସରେ ପ୍ରଥମଥର ଭାରତ ଓ ପାକିସ୍ତାନ ମଧ୍ୟରେ ଫାଇନାଲ ମୁକାବିଲା ହେବ। ଆସନ୍ତାକାଲି ଶେଷ ସୁପର-୪ରେ ଭାରତ-ଶ୍ରୀଲଙ୍କା ଔପଚାରିକ ମୁକାବିଲା ହେବ।

# ଦୁର୍ଘଟଣାରେ ଗଲା ୧୦ ଜୀବନ

## ବସ୍-ଟ୍ରକ୍ ମୁହାଁମୁହିଁ: ୬ ମୃତ, ୨୦ ଗୁରୁତର

■ **ରାଉରକେଲା, ୨୫।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ନମ୍ବର ଜାତୀୟ ରାଜପଥର କେ.ବଲାଙ୍ଗ ନିକଟସ୍ଥ ସମିଜ ବ୍ରିଜ୍ ନିକଟରେ ଗୁରୁବାର ଏକ ଘରୋଇ ବସ୍ ଓ ଟ୍ରକ୍ ମଧ୍ୟରେ ଧକ୍କା ହେବାରୁ ଏଥିରେ ୬ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ଜଣ ମହିଳା ଅଛନ୍ତି। ମୃତକମାନେ ହେଲେ, ରକ୍ସି ଗ୍ରାମର ପୁଷ୍ପା ଗୋପ (୫୬), ମେରି ନାଗ(୫୦), ସତ୍ୟଭାମା ଠାକୁର (୫୫), ମଞ୍ଜାବେଡ଼ାର କରମପାଲ ସିଂ (୪୫) ଏବଂ ବସ୍‌ର କଣ୍ଡକ୍ଟର ଶବର ବଳ (୫୨)। ଅନ୍ୟଜଣଙ୍କର ପରିଚୟ ମିଳି ପାରିନାହିଁ। ▶ପୃଷ୍ଠା-୭




**୪ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

## ଗଛରେ ପିଟିହେଲା ଟିପ୍ପର; ୨ ମୃତ



■ **ଗୁଣପୁର, ୨୫।୯ (ସମିସ):** ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଭାଲେରୀ କୁଡ଼ିଆ ମୁଖ୍ୟ ରାସ୍ତାରେ ଆଜି ଭୋରରେ ଏକ ଟିପ୍ପର ଗଛରେ ପିଟି ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଗାଡ଼ି ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ରାମାନାଗୁଡା ବ୍ଲକ ଅର୍ଜୁନଗୁଡା ଗାଁର ଅଲିକ୍ଷ ପାତିକା ଓ ଅଜୟ ପାଲକା।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ୨ ମୃତ

■ **ନାରାୟଣପାଟଣା, ୨୫।୯ (ସମିସ):** ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଫଳରେ ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। କୋରାପୁଟ ଜିଲ୍ଲା ନାରାୟଣପାଟଣା ସ୍ଥିତ ଷ୍ଟେଟ ବ୍ୟାଙ୍କ ସାମ୍ନାରେ ଏହି ଦୁର୍ଘଟଣା ଘଟିଛି। ଗତ ରାତି ପ୍ରାୟ ୧ଟା ସମୟରେ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ଓଡି ୧୦ ଏକ୍ସ ୬୯୩୬ ଓ ଓଡି ୧୦ ବି ୯୩୦୪ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ବାଇକ୍‌ରେ ୪ ▶ପୃଷ୍ଠା-୭

## ପୁରୀ ଜିଲ୍ଲା ଜେଲ୍‌ରେ କଏଦୀଙ୍କ ଆତ୍ମହତ୍ୟା

■ **କୋଣାର୍କ, ୨୫।୯ (ସମିସ):** ଗୋପ ବ୍ଲକ୍ ଅଧୀନ ସୁତନ ପଞ୍ଚାୟତର ବାଙ୍ଗରସ୍ଥିତ ପୁରୀ ଜିଲ୍ଲା କାରାଗାରରେ ଗୁରୁବାର ସକାଳେ ଜଣେ ବିଚାରାଧୀନ କଏଦୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ପିପିଲି ଥାନା ଅଞ୍ଚଳର ବୁଲୁ ବେହେରା(୨୫) ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୧ ତାରିଖରେ ବୁଲୁ ବେହେରା ପୋକ୍ସୋ ଆକ୍ଟରେ ହୋଇଥିବା ଏକ ମାମଲାରେ ଗିରଫ ହୋଇ ବାଙ୍ଗରସ୍ଥିତ ଜିଲ୍ଲା କାରାଗାରରେ ଥିଲେ। କୌଣସି କାରଣରୁ ଗୁରୁବାର ସକାଳ ସମୟରେ ସେ ରହୁଥିବା ଘରର କାନ୍ଥରେ ଲାଗିଥିବା ପାଣି ପାଇପ୍‌ରେ ନିଜ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜେଲ୍ କର୍ତ୍ତୃପକ୍ଷ ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ରାମଚଣ୍ଡୀ ଥାନା ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି।

# ଡାହାଣୀ ସନ୍ଦେହରେ ନିର୍ଯାତନା ମାମଲା: ୬ ଦୋଷୀ ସାବ୍ୟସ୍ତ

■ **ବାରିପଦା, ୨୫।୯ (ସମିସ):** ବାରିପଦାର ସହକାରୀ ସେସନ୍ସ ଜଜ୍ କୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲା ସାନସାରସପୋଷି ଗାଁର ଡାହାଣୀ ଅଭିଯୋଗରେ ଅବୈଧ ଭାବେ ବନ୍ଦୀ ରଖି ନିର୍ଯାତନା ଦେଇଥିବା ମାମଲାରେ ବିଚାରପତି ଦେବାଶିଷ ମହାନ୍ତି ୬ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ସଂଶୋଧନକୁ ଗୁରୁତ୍ୱ ଦେଇ କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ପ୍ରୋବେସନରେ ମୁକ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନେ ହେଲେ ଚାନ୍ଦୁଆ ଥାନା ଅଧୀନରେ ସାନସରସପୋସି ଗାଁର ଅମର କୁମାର ସିଂ (୬୯), କମଲ ସିଂ (୪୦), ସନାତନ ସିଂ (୫୦), ରାଜକିଶୋର ସିଂ(୪୫), ରାଜେନ୍ଦ୍ର ସିଂ (୪୦) ଏବଂ ରଙ୍ଗଲାଲ ସିଂ (୩୫)। ସୂଚନା ମୁତାବକ, ଅଭିଯୋଗକାରୀ ଶ୍ୟାମସୁନ୍ଦର ସିଂହଙ୍କ ପକ୍ଷରୁ ୨୦୨୧ ଫେବୃଆରୀ ୨୦ରେ ଏନେଇ ଏକ ମାମଲା ରୁଜୁ କରାଯାଇଥିଲା। ସେ ଅଭିଯୋଗ କରିଥିଲେ ଯେ ୨୦୨୦ ନଭେମ୍ବରରୁ ପ୍ରାୟ ତିନି ମାସ ପର୍ଯ୍ୟନ୍ତ ଅଭିଯୁକ୍ତମାନେ ତାଙ୍କୁ ଗାଁରେ ଜ୍ୱର ଏବଂ ଗୋରୁମାନଙ୍କ ମୃତ୍ୟୁ ପାଇଁ ଡାହାଣୀ ଅଭିଯୋଗ କରି ଏକ ତାଲାବନ୍ଦ କୋଠରୀରେ ବନ୍ଦୀ ରଖିଥିଲେ। ଏହି ସମୟରେ ତାଙ୍କୁ ନିୟମିତ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ଗରମ ଲୁହା ରଡ୍ ଦ୍ୱାରା ଚେଙ୍କ ମଧ୍ୟ ଦିଆଯାଇଥିଲା। ପ୍ରୋବେସନ୍ ଅଫିସରଙ୍କ ରିପୋର୍ଟରେ ଅଭିଯୁକ୍ତଙ୍କୁ ପ୍ରଥମ ଥର ଅପରାଧୀ ଏବଂ ସେମାନଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବୋଲି ଉଲ୍ଲେଖ କରାଯାଇଥିବାରୁ ବିଚାରପତି ସେମାନଙ୍କୁ ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆକ୍ଟର ସୁବିଧା ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ଏବଂ ସମାନ ପରିମାଣର ଜଣେ ଜାମିନଦାର ସହ ମୁକ୍ତ କରାଯାଇଛି। ସେମାନେ ମୟୂରଭଞ୍ଜ ଜିଲ୍ଲା ପ୍ରୋବେସନ୍ ଅଫିସରଙ୍କ ତତ୍ତ୍ୱାବଧାନରେ ୨ ବର୍ଷ ରହିବେ। ପ୍ରୋବେସନ୍ ସର୍ତ୍ତ ଉଲ୍ଲଙ୍ଘନ ହେଲେ ତୁରନ୍ତ ଦଣ୍ଡ ଘୋଷଣା ହୋଇପାରେ। କୋର୍ଟ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ଭୁକ୍ତଭୋଗୀ ଶ୍ୟାମସୁନ୍ଦର ସିଂହଙ୍କୁ ୨ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ବ୍ରଜେନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

## ରାଜ୍ୟବ୍ୟାପୀ ପାର୍ବଣ ଉତ୍ସାହ

# ମନମାରି ବସିଛନ୍ତି ନିଗମ, ବୋର୍ଡ ଆଶାୟୀ

■ **ଭୁବନେଶ୍ୱର, ୨୫।୯ (ସମିସ):** ଗତ ୧୫ ମାସ ମଧ୍ୟରେ ବିଜେପି ରାଜ୍ୟ ନେତୃତ୍ୱଙ୍କ ଏକାଧିକ ପ୍ରୟାସ , ଘନ ଘନ ଦିଲ୍ଲୀ ଗସ୍ତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରୁ ନାହିଁ। କାହିଁକି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରୁ ନାହିଁ ଓ ନିଗମ ନିଯୁକ୍ତି କାହିଁକି ଅଟକିଛି? ଏହାର ଉତ୍ତର କେହି ଦେବାକୁ ସକ୍ଷମ ନୁହନ୍ତି। ଦୀର୍ଘଦିନ ଧରି ଅପେକ୍ଷାରେ ଥିବା କ୍ଷମତା ଆଶାୟୀଙ୍କର ଧୈର୍ଯ୍ୟଚ୍ୟୁତି ଘଟିଲାଣି। ପାର୍ବଣକୁ ନେଇ ରାଜ୍ୟରେ ଏକ ପ୍ରକାର ଉତ୍ସବର ମାହୋଲ ଥିବାବେଳେ ମନ୍ତ୍ରୀ, ନିଗମ, ବୋର୍ଡ ଆଶାୟୀମାନେ ମନମାରି ବସିଛନ୍ତି। ପୂଜାକୁ ନେଇ ସେମାନଙ୍କ ମଧ୍ୟରେ ସରାଗ ନାହିଁ।

ନିଗମ ଏବଂ ବୋର୍ଡରେ ନିଯୁକ୍ତି ପାଇଁ ଗଲା ବର୍ଷଟିଏ ଧରି ଦଳର ନେତାମାନେ ଉଦ୍ୟମ କରି ଆସୁଛନ୍ତି। ନିଜ ନିଜ ନେତାଙ୍କ ପାଖରେ ଶରଣ ପସିବା ସହ ଏଥିପାଇଁ ପୁଳାଏ ଅର୍ଥ ମଧ୍ୟ ସାରିଲେଣି। ହେଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ପରି, ନିଯୁକ୍ତି ପ୍ରକ୍ରିୟା ଅହେତୁକ ବିଳମ୍ବ ହେବାରେ ଲାଗିଛି। ନିଯୁକ୍ତି ପ୍ରକ୍ରିୟା କେଉଁଠି ଏବଂ କାହା ପାଇଁ ଓ କେଉଁ କାରଣ ପାଇଁ ଅଟକିଛି, ସେନେଇ ଦଳର ଶୀର୍ଷ ନେତୃତ୍ୱ ଆଶାୟୀଙ୍କୁ କିଛି ଜଣାଉନାହାନ୍ତି। କେବଳ ସମୟ ଆସିଲେ ନିଯୁକ୍ତି ପ୍ରକ୍ରିୟାକୁ କାର୍ଯ୍ୟାନ୍ୱୟନ କରାଯିବ ବୋଲି ଅଭୟବାଣୀ ଶୁଣାଉଛନ୍ତି। ଯାହାକୁ ନେଇ ଆଶାୟୀ ସମ୍ପୂର୍ଣ୍ଣ ନିରାଶ ହୋଇ ପଡ଼ିଲେଣି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଆଶାୟୀ କହିଛନ୍ତି ଯେ ବାରମ୍ବାର ଆମକୁ ଦଳୀୟ ନେତୃତ୍ୱଙ୍କ ନିକଟରୁ କେବଳ ପ୍ରତିଶ୍ରୁତି ମିଳୁଛି।

### ଆଶାୟୀଙ୍କ କ୍ଷୋଭ: ଶାସନକୁ ଆସି ଲାଭ କଣ

ସଂଗଠନ ବୃଦ୍ଧି ପାଇଁ କାମ କରିବାକୁ କୁହାଯାଉଛି। କେତେଦିନ ଏମିତି ହାତରୁ ଟଙ୍କା ଖର୍ଚ୍ଚ କରି, ନିଜର ସମୟ ସାରି ସଂଗଠନ ପାଇଁ ଦୌଡୁଥିବୁ। ଦୁର୍ଗାପୂଜା ପୂର୍ବରୁ କିଛି ନିଗମ ଓ ବୋର୍ଡରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର ବର୍ତ୍ତମାନର ସ୍ଥିତିକୁ ଦେଖିଲେ ସେମିତି କିଛି ଜଣାପଡୁନାହିଁ। ରାଜ୍ୟରେ ଆମ ସରକାର ଆସି ଲାଭ କଣ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏପଟେ ଦଳୀୟ ନେତାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦୁର୍ଗାପୂଜା ପରେ ପରେ ନିଗମ, ବୋର୍ଡକୁ ନେଇ କିଛି ନିଷ୍ପତ୍ତି ନିଆଯାଇପାରେ। ଏଥିପାଇଁ ଆଶାୟୀମାନେ ଧୈର୍ଯ୍ୟ ଧରି ରହିବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଅପରପକ୍ଷେ ଚଳିତ ମାସ ଶେଷ ଆଡ଼କୁ ରାଜ୍ୟ ବିଜେପି ରାଜନୀତି ଏବଂ ସରକାର ସ୍ତରରେ ଅନେକ ଗୁଡ଼ିଏ ଘଟଣା ଘଟିପାରେ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର ପୂର୍ବରୁ ସଙ୍କେତ ଦେଇଥିଲେ। ସେହି ଅନେକ ଘଟଣା କଣ, ତାହାକୁ ଜାଣିବା ପାଇଁ ଦଳର କର୍ମୀ ମହଲରେ ଉତ୍ସୁକତା ବଢ଼ିବାରେ ଲାଗିଛି।




କଣାସ ବ୍ଲକ୍ ଜଳିଆପଡ଼ା ମାତୃଶକ୍ତି ପୀଠରେ ମା' ମଙ୍ଗଳାଙ୍କ କୁଷ୍ମାଣ୍ଡା ବେଶ

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

**କଣାସ,୨୫।୯ (ସମିସ):** କଣାସଠାରେ ପ୍ରତିଷ୍ଠିତ ଆଞ୍ଚଳିକ କ୍ରୀଡ଼ା ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁବାର କଣାସ ମହାବିଦ୍ୟାଳୟ ପରିସରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପଣ୍ଡିତ ଦୀନଦୟାଲଙ୍କ ଏକ ବକ୍ତୃତା ପ୍ରତିଯୋଗିତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସଞ୍ଜୟ କୁମାର ବଳିୟାରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ପାଳନ ସଭାରେ ଅଧ୍ୟକ୍ଷ ଗୁରୁ ପ୍ରସାଦ ମହାପାତ୍ର ଯୋଗାଦେଇ ଦୀନଦୟାଲଙ୍କ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ପାଦକ ମନୋଜ କୁମାର ସୁନ୍ଦରାୟ, ସହସମ୍ପାଦକ ପ୍ରେମାନନ୍ଦ ଜାଲି, ସତ୍ୟରଞ୍ଜନ ମହାପାତ୍ର, ରମେଶ ଗଜପତି, ରମେଶ ହାତୀ, ବିନୋଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# କଣାସ-ଜଙ୍କିଆ ମୁଖ୍ୟ ରାସ୍ତାକୁ ମାଡ଼ିଲାଣି ଗଛଲତା

**କଣାସ,୨୫।୯ (ସମିସ):** କଣାସଠାରୁ ନୂଆଜଗନ୍ନାଥ ସଡ଼କ ଜଙ୍କିଆ ନିକଟରେ ସଂଯୋଗ କରୁଥିବା ଦୟାନଦୀର ବାମପାଶ୍ୱର୍ ମୁଖ୍ୟ ରାସ୍ତା ଉପରେ ବଡ଼ ବଡ଼ ଗୁଳ୍ମଲତା ମାଡ଼ିଯାଇଥିବାରୁ ଦୈନନ୍ଦିନ ଦୁର୍ଘଟଣାମାନ ଘଟୁଛି। କଣାସ ବ୍ଲକ୍‌ଠାରୁ ଏହି ରାସ୍ତା ଦେଇ ଗଡ଼ଖାଦର, ଗଡ଼ିଶାଗୋଦା, କରମଳା, ଗଡ଼ବଳଭଦ୍ରପୁରକୁ ୪ରୁ ୫ ଖଣ୍ଡ ସରକାରୀ ବା ଆମ ବସ୍ ଦୈନନ୍ଦିନ ଯାତାୟାତ କରୁଥିବାବେଳେ ଏହି ରାସ୍ତା ଦେଇ ଶହ ଶହ ଛାତ୍ରଛାତ୍ରୀ ପାଠପଢ଼ିବା ପାଇଁ ଦୟାବିହାର କଲେଜ ଏବଂ କଣାସ କଲେଜକୁ ସାଇକଲ୍ ଯୋଗେ ଯାତାୟାତ କରନ୍ତି। ଆମ ବସ୍ ଯିବା ସମୟରେ ଛାତ୍ରଛାତ୍ରୀମାନେ ଦୁଇ ପାଶ୍ୱର୍ରେ ଗୁଳ୍ମଗଛ ଥିବାରୁ ଠିଆ ହେବା ପାଇଁ ଜାଗା ପାଆନ୍ତିନାହିଁ। ଯାହାଦ୍ୱାରା କି ବସ୍ ଡ୍ରାଇଭର ବହୁ ସାବଧାନତାର ସହ ଯାତାୟାତ କରନ୍ତି। ଏହି ରାସ୍ତା ଦେଇ ଦୈନନ୍ଦିନ ଶହଶହ ଯାନବାହନ ଯାମଳଗୋଦା, ଆଳିବାଡ଼, ଗଡ଼ସାହି, ଗଡ଼ିଶାଗୋଦା, ଗୋପିନାଥପୁର, କାଦୁଆ, ବକୁ, ବଡାଲ, ଦେଇପୁର, ସାହୁପଡ଼ା, ଗଡ଼ଖାର, ଦିବ୍ୟସିଂହପୁର, ଗଡ଼ବଳଭଦ୍ରପୁର ଗ୍ରାମପଞ୍ଚାୟତର ଜନସାଧାରଣ କଣାସଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲ୍ କାର୍ଯ୍ୟାଳୟ, ସବ୍‌ରେଜେଷ୍ଟ୍ରି କାର୍ଯ୍ୟାଳୟ, କୃଷି ଅଧିକାରୀ କାର୍ଯ୍ୟାଳୟ, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟକୁ ଯାତାୟାତ କରନ୍ତି। ଯାତାୟାତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଛୋଟ ଛୋଟ ଦୁର୍ଘଟଣାମାନ ଘଟୁଛି। ବିଶେଷ କରି ଗୁଳ୍ମଲତା ଉହାଡ଼ରେ ଛେଳି, ମେଣ୍ଢା, ଗାଈଗୋରୁ, କୁକୁର ପ୍ରଭୃତି ରହିଥିବାବେଳେ ହଠାତ୍ ରାସ୍ତା ଉପରକୁ ଆସିଯାଉଥିବାରୁ ରାସ୍ତାରେ ଯାଉଥିବା ବାଇକ୍ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତାର ଗୁଳ୍ମଲତା କାଟିବା ପାଇଁ ଜନସାଧାରଣରେ ଦାବି ହେଉଛି।



## ଜାତୀୟ ସେବା ଯୋଜନା ଦିବସ

**ସାକ୍ଷୀଗୋପାଳ,୨୫।୯ (ସମିସ):** ଉତ୍କଳମଣି ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳ ପରିସରରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସୁରଜମଲ ସାହା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଓ ସମ୍ମାନିତ ଅତିଥି ଭାବରେ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଗଣିତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ଯୋଗଦେଇଥିଲେ। +୨ ଓ +୩ ଜାତୀୟ ସେବା ଯୋଜନାର ସମ୍ପାଦକ ପ୍ରକାଶ କୁମାର ସାହୁ ଓ ଦିଲ୍ଲୀପ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପଟ୍ଟନାୟକ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନଙ୍କୁ ଏହି ଦିବସର ଗୁରୁତ୍ୱ ବିଷୟରେ ସୂଚନା ଦେବା ସହିତ ଏହାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ପ୍ରାଧ୍ୟାପକ ଧନୁର୍ଦ୍ଧର ମୁଦୁଲି ତାଙ୍କର ଅଭିଭାଷଣରେ ସ୍ୱେଚ୍ଛାସେବୀମାନଙ୍କୁ ଉପଦେଶ ଦେବା ସହିତ ଏହି ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କ ଯୋଗଦାନ ଏକାନ୍ତ ଅପରିହାର୍ଯ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

**କଣାସ,୨୫।୯ (ସମିସ):** ୨୦୨୪-୨୫ ଶିକ୍ଷା ବର୍ଷରେ କୃତିତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ କଣାସ ବ୍ଲକ୍‌ରୁ ମଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ସିଆର୍‌ସିସିଙ୍କ ସମେତ ୫ଜଣ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ବୁଧବାର କଣାସ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। କଣାସ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକ୍ ଓ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚଳିତ ମାସର ଦ୍ୱିତୀୟ ମାସିକ ସମୀକ୍ଷା ବୈଠକରେ ପୁରୀ ଜିଲ୍ଲାରୁ ଏକମାତ୍ର ସାଧନାକେନ୍ଦ୍ର ସଂଯୋଜକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ବୈକୁଣ୍ଠନାଥ କୋଦମାସିଂହ, ପ୍ରାଥମିକ ବିଭାଗରେ ଶିକ୍ଷୟିତ୍ରୀ ମମତାରାଣୀ ବେହେରା, ମାଧ୍ୟମିକ ବିଭାଗରେ ପିତବାସ ସୁନା, ପ୍ରଫୁଲ୍ଲ କୁମାର ପଲେଇ ଓ ଆଶୁତୋଷ ଦାସଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାଧିକାରୀ ଶ୍ରୀ ବେହେରାଙ୍କ ସହ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା ଓ ପ୍ରଫୁଲ୍ଲ ବେହେରା ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ୍‌ର ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କର ଏହି କୃତିତ୍ୱ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇବ ବୋଲି ଶିକ୍ଷାଧିକାରୀମାନେ ପ୍ରକାଶ କରିଥିଲେ। ସିଆର୍‌ସିସି ଭୂପତିଭୂଷଣ ତ୍ରିପାଠୀ ସମ୍ବର୍ଦ୍ଧନା ଆଭିମୁଖ୍ୟ ପ୍ରକାଶ କରିଥିବାବେଳେ କଣାସ ବ୍ଲକ୍‌ର ସମସ୍ତ ସିଆର୍‌ସିସି ଓ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ।




## ଦୁଇ ଦିନରେ ୨ ଯୁବତୀ ଉଦ୍ଧାର

**କାକଟପୁର,୨୫।୯ (ସମିସ):** ଏସ୍‌ପିଙ୍କ ତ୍ୱରିତ ତତ୍ତ୍ୱାବଧାନରେ ଓ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶରେ କାକଟପୁର ପୁଲିସ୍ ମାତ୍ର ଦୁଇ ଦିନରେ ଦୁଇଜଣ ଯୁବତୀଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି। କାକଟପୁର ଥାନା ଅନ୍ତର୍ଗତ ଜଳେଶ୍ୱରପଡ଼ା ଗ୍ରାମର ଜଣେ ଯୁବତୀଙ୍କୁ ପାରାଦ୍ୱୀପ ଆଦର୍ଶ ଥାନା ଅଞ୍ଚଳରୁ ଉଦ୍ଧାର କରାଯାଇଥିବାବେଳେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ତରାସାହି ଗ୍ରାମର ଜଣେ ଯୁବତୀକୁ ପୁରୀରୁ ଉଦ୍ଧାର କରାଯାଇଛି। ପରିବାର ପକ୍ଷରୁ ଅଭିଯୋଗ ପରେ କାକଟପୁର ପୁଲିସ ତ୍ୱରିତ ପଦକ୍ଷେପ ନେଇ ଯୁବତୀଦ୍ୱୟଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନୂତନ ଭାବେ ଯୋଗ ଦେଇଥିବା ଆଇଆଇସି ଶ୍ରୀ ସାହୁଙ୍କ ଏତାଦୃଶ କାର୍ଯ୍ୟ ପାଇଁ ସାଧାରଣରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି।

## ବିଦ୍ୟାଳୟର ନାହିଁ ଖେଳପଡ଼ିଆ; ଖତ ଖାଉଛି ଖେଳ ଉପକରଣ

**ନୟାହାଟ,୨୫।୯ (ସମିସ):** ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ଧୂମାଳ ପଞ୍ଚାୟତରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ପାଇଁ ସରକାରୀ ଜାଗା ଥାଇ ଖେଳ ପଡ଼ିଆ ନ ଥିବାରୁ ବିଦ୍ୟାଳୟକୁ ମିଳିଥିବା ଲକ୍ଷ ଲକ୍ଷ ଟଙ୍କାର ଖେଳ ଉପକରଣ ଖତ ଖାଉଛି। ବିଦ୍ୟାଳୟ ପାଖରେ ସରକାରୀ ଜାଗା ଥିବାବେଳେ ଉକ୍ତ ଜାଗାକୁ ସ୍କୁଲ ନାମରେ କରିବା ପାଇଁ ତହସିଲ୍‌ଦାରଙ୍କୁ ଏକ ଦାବିପତ୍ର ସ୍କୁଲ ପକ୍ଷରୁ ଦିଆଯାଇଥିଲା। ତହସିଲ୍ ପ୍ରଶାସନ ସ୍କୁଲ ନାମରେ ଜାଗା ଦେବା ପାଇଁ ବିଳମ୍ବ କରିବାରୁ ସେହି ଜାଗା ଉପରେ କେତେକ ବ୍ୟକ୍ତି ଇଟାଭାଟି କରିବା ଓ ସେଥିରୁ ନିର୍ଗତ ଧୂଆଁ ସ୍କୁଲରେ ପ୍ରବେଶ କରି ପାଠପଢ଼ାରେ ବାଧା ସୃଷ୍ଟି କରୁଛି। ସ୍କୁଲ ପାଚେରି କଡ଼ରେ ଇଟାଭାଟି ନିର୍ମାଣ ହେଉଥିବାବେଳେ ଏ ସମ୍ପର୍କରେ ଗୋପ ତହସିଲ୍‌ଦାର ଅନିଲ କୁମାର ମହାନ୍ତିଙ୍କୁ ଅବଗତ କରିବାରେ ସେ କହିଥିଲେ ପଦକ୍ଷେପ ନିଆଯିବ। ତେବେ ପଦକ୍ଷେପ ନେବାରେ ବିଳମ୍ବ ହେବାରୁ ଗତ କିଛିଦିନ ତଳେ ସ୍କୁଲ କର୍ମଚାରୀ ପାଚେରି ପାଖରୁ ଅଳିଆ ସଫା କରୁଥିବାବେଳେ ସରକାରୀ ଜାଗାକୁ ଦଖଲ କରି ଇଟା ପକାଇଥିବା ଜନୈକ ବ୍ୟକ୍ତି ଗାଳିଗୁଲଜ କରିଥିଲେ। ଇଟା ପକାଇବା ଦ୍ୱାରା ପରିବେଶ ପ୍ରଦୂଷଣ ହେଉଥିବାବେଳେ ବାଳିକା ଉଚ୍ଚ ବିଦ୍ୟାଳୟକୁ ଖେଳ ପଡ଼ିଆ ପାଇଁ ଉଦ୍ଦିଷ୍ଟ ଜାଗା ଜବରଦଖଲକାରୀଙ୍କ କବଳରେ ରହିଛି। ଏ ଦିଗରେ ଗୋପ ତହସିଲ୍‌ଦାର ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।



# ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ

**ସାକ୍ଷୀଗୋପାଳ,୨୫।୯ (ସମିସ):** ସତ୍ୟବାଦୀ ବକୁଳବନ ମହୋତ୍ସବ କମିଟି ପକ୍ଷରୁ ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଅଳଗୁମ ପଞ୍ଚାୟତର ଖଣ୍ଡାୟତ ସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଜ୍ୟାମିତି ବାକ୍ସ ସହିତ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି। ମହୋତ୍ସବ କମିଟି ସଭାପତି ସଚ୍ଚିକାନ୍ତ ବିଶ୍ୱାଳ, ସାମାଜିକ କର୍ମୀ କଳ୍ପନା ନାୟକ, ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନଳିନୀ ବରାଳ ଓ ଶିକ୍ଷୟିତ୍ରୀ ସୁଜାତା ଦେବୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ପାଠପଢ଼ି ଭଲ ମଣିଷ ହେବାପାଇଁ ଶ୍ରୀ ବିଶ୍ୱାଳ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ବକୁଳବନ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନଳିନୀ ବରାଳ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଧୀରଞ୍ଜନ ବିଶ୍ୱାଳ, ପଟ୍ଟଚିତ୍ର ଶିଳ୍ପୀ ସଞ୍ଜୟ କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସର୍ମିଷ୍ଠା ପଲେଇ ପ୍ରମୁଖ ଯୋଗଦେଇଥିଲେ। ବକୁଳବନ ମହୋତ୍ସବ କମିଟି ସମ୍ପାଦକ ଯଯାତି କେଶରୀ ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ବେସରକାରୀ ସ୍କୁଲ ଗାଡ଼ିର କାଗଜପତ୍ର, ଫିଟ୍‌ନେସ୍ ନାହିଁ !

**ନୟାହାଟ,୨୫।୯ (ସମିସ):** ନୟାହାଟ ଅଞ୍ଚଳରେ ଛତୁ ଫୁଟିଲା ଭଳି ବେସରକାରୀ ଶିକ୍ଷାନୁଷ୍ଠାନ ଗଢ଼ିଉଠିଥିବା ବେଳେ ଏହାର ମାଲିକ ଲାଭ ଆଶାରେ କୋମଳମତି ଶିଶୁମାନଙ୍କୁ ମିଠା ମିଠା କଥା କହି ବିଦ୍ୟାଳୟକୁ ନେବା ପରେ ଶୋଷଣ ଆରମ୍ଭ କରିଥାନ୍ତି। ସ୍କୁଲ ଫି', ଗାଡ଼ି ଭଡ଼ା ବାପା-ମାଆ ଦେଉଥିବାବେଳେ ପିଲାଙ୍କୁ ବୁହା ହେଉଥିବା ଗାଡ଼ିର କାଗଜପତ୍ର ନ ଥିବା ସାଙ୍ଗକୁ ଫିଟ୍‌ନେସ୍, ଇନ୍ସୁରାନ୍ସ ଓ ଗାଡ଼ି ଡ୍ରାଇଭର ଲାଇସେନ୍ସ ନ ଥିବା ଓ ୧୫ ବର୍ଷରୁ ଊର୍ଦ୍ଧ୍ୱ ଗାଡ଼ି ଚାଲିବାକୁ ନିୟମ ନ ଥିବାବେଳେ ସେହି ଭଙ୍ଗା ଗାଡ଼ିରେ ପିଲାମାନଙ୍କୁ ଅତି ବିପଦପୂର୍ଣ୍ଣ ଭାବେ ସ୍କୁଲକୁ ଅଣାଯାଇଛି। ବେସରକାରୀ ଶିକ୍ଷାନୁଷ୍ଠାନରେ ତାଲିମପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ନ ଥିବାବେଳେ ପିଲାମାନଙ୍କୁ ଅଣତାଲିମପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ପାଠ ପଢ଼ାଇଥା'ନ୍ତି। ବେସରକାରୀ ଶିକ୍ଷାନୁଷ୍ଠାନରେ ଜଣେ ଶିକ୍ଷକ ଅନ୍ୟତ୍ର ବଦଳି ହୋଇଥିବାବେଳେ ସେହି ଶିକ୍ଷକଙ୍କୁ ଅଣାଯାଇ ପ୍ରଧାନଶିକ୍ଷକ କରାଯାଇଥିବା ବେଳେ ତାଙ୍କର କାର୍ଯ୍ୟକଳାପକୁ ନେଇ ଜନଅସନ୍ତୋଷ ସୃଷ୍ଟି ହେଉଛି। ଉକ୍ତ ବିଦ୍ୟାଳୟରେ ପାଠ ପଢୁଥିବା ପିଲାଙ୍କ ଅଭିଭାବକଙ୍କ ମଧ୍ୟରୁ ସଭାପତି, ସମ୍ପାଦକ ରହିବା କଥା। କିନ୍ତୁ ଯେଉଁମାନଙ୍କର ପିଲା ଉକ୍ତ ବିଦ୍ୟାଳୟରେ ପାଠ ପଢୁନାହାନ୍ତି ସେହି ଲୋକଙ୍କୁ ସଭାପତି ଓ ସମ୍ପାଦକ କରାଯାଇଥିବାରୁ ଅଭିଭାବକମାନଙ୍କର ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଧାନଶିକ୍ଷକ ଜଣକ ସ୍ଥାନୀୟ ଲୋକ ହୋଇଥିବାରୁ ତାଙ୍କୁ ବଦଳି କରିବା ପାଇଁ ଦାବି ହେଉଛି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର

**ଡେଲାଙ୍ଗ,୨୫।୯ (ସମିସ):** ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନକୁ ଦୃଷ୍ଟିରେ ରଖି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସାନ୍ତନୁ କୁମାର ଜେନା ଆନୁଷ୍ଠାନିକ ଭାବେ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ କ୍ଲବ୍‌ର ସଦସ୍ୟ, ଡେଲାଙ୍ଗ ବ୍ଲକ୍ କାର୍ଯ୍ୟାଳୟର କର୍ମଚାରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀମାନେ ଏହି ଶିବିରରେ ରକ୍ତଦାନ କରିଥିଲେ। ପୁରୀ ରକ୍ତଭଣ୍ଡାର ଡାକ୍ତର ଦୀପକ କୁମାର ସାହୁ, ଡା. ମାନସ ରଞ୍ଜନ ଦାଶ, ସୁଶାନ୍ତ କୁମାର ରାଉତ, ମନୋଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ମୋଟ୍ ୨୯ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଆପାତ୍‌କାଳୀନ ପରିସ୍ଥିତିରେ ରକ୍ତ ଅଭାବରୁ ଡାକ୍ତରଖାନାରେ ଲୋକଙ୍କ ଜୀବନ ଚାଲିଯାଉଥିବା ଉପରେ ଡାକ୍ତରମାନେ ଗୁରୁତ୍ୱାରୋପ କରିବା ସହିତ ରକ୍ତଦାନ ସମ୍ପର୍କରେ ସଚେତନ କରାଇଥିଲେ। ସ୍ୱାସ୍ଥ୍ୟ ମିଶନ ଡେଲାଙ୍ଗ ବ୍ଲକ୍ ପ୍ରୋଜେକ୍ଟ ମ୍ୟାନେଜର ଦିଲ୍ଲୀପ କୁମାର ପରିଡ଼ା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ସ୍ନେହାଞ୍ଜଳି ପଣ୍ଡା, ମନୋରଞ୍ଜନ ଭୋଇ, ଶକ୍ତିକାନ୍ତ ମହାପାତ୍ର, ଅମିତ ପାଢ଼ୀ, ପ୍ରବୀଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ମିଶନ ଶକ୍ତି ମହାସଂଘର ଗଣଧାରଣା; ୨ ଅସୁସ୍ଥ



**ସାକ୍ଷୀଗୋପାଳ,୨୫।୯ (ସମିସ):** ସତ୍ୟବାଦୀ ବ୍ଲକ୍ ଜିପିଏଲ୍‌ଏଫ୍ ମିଶନ ଶକ୍ତି କର୍ମୀ ସଂଘ ବ୍ଲକ୍ କାର୍ଯ୍ୟାଳୟରେ ଦେଇଥିବା ଧାରଣା ଗୁରୁବାର ୪ର୍ଥ ଦିନରେ ପହଞ୍ଚିଛି। ସୋମବାରଠାରୁ ସତ୍ୟବାଦୀ ବ୍ଲକ୍‌ର ୨୪ଟି ପଞ୍ଚାୟତର କର୍ମୀମାନେ ଧାରଣା ଦେଇ ବସିରହିବା ଫଳରେ ଗୁରୁବାର ୨ ଜଣ ମହିଳା ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନେ ହେଲେ ବ୍ଲକ୍ ସଂଘ ସଭାପତି ଧରିତ୍ରୀ ତ୍ରିପାଠୀ ଓ ସିଆର୍‌ପି ସୁରଥି ପାଢ଼ୀ। ଉଭୟଙ୍କୁ ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ପୂର୍ବତନ ବିଧାୟକ ତଥା ବିଜେଡିର ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ଓ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା ସାକ୍ଷୀଗୋପାଳ ଡାକ୍ତରଖାନାରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

# କାକଟପୁର ଥାନା ଏଏସ୍‌ଆଇଙ୍କୁ ବିଦାୟ ସମ୍ବର୍ଦ୍ଧନା

**କାକଟପୁର,୨୫।୯ (ସମିସ):** କାକଟପୁର ଥାନାରେ ପ୍ରାୟ ୫ ବର୍ଷ ଧରି କାର୍ଯ୍ୟରତ ଏଏସ୍‌ଆଇ ପ୍ରମୋଦ ସେଠୀଙ୍କୁ କାକଟପୁର ଥାନା ପରିବାର ପକ୍ଷରୁ ବିଦାୟ ସମ୍ବର୍ଦ୍ଧନ ଦିଆଯାଇଛି। ଚାକିରି ସମୟରେ ପ୍ରମୋଦ ନିଜର କର୍ମନିଷ୍ଠ, ଅନୁଶାସନ, ସହଯୋଗୀ ମନୋଭାବ ଓ କାକଟପୁର ଅଞ୍ଚଳର ସାଧାରଣ ଲୋକଙ୍କ ସହ ସରଳ ସମ୍ପର୍କ ଦ୍ୱାରା କାକଟପୁରବାସୀଙ୍କ ହୃଦୟରେ ବିଶେଷ ସ୍ଥାନ ଅର୍ଜନ କରିଛନ୍ତି। ଶ୍ରୀ ସେଠୀ କାକଟପୁର ଅଞ୍ଚଳରେ ଲୋକମାନଙ୍କୁ ପୁଲିସର ତ୍ୱରିତ ସେବା, ସହାୟତା ଓ ଉତ୍ତମ ବ୍ୟବହାର ସହିତ ସେବା ଯୋଗାଇ ଦେଉଥିଲେ। ବର୍ତ୍ତମାନ ସେ ଗୋପ ଥାନାକୁ ବଦଳି ହୋଇଛନ୍ତି। ସେଠାରେ ମଧ୍ୟ ସେ ନିଜର ପରିଶ୍ରମ ଓ ସଦ୍‌ଭାବରେ ଆହୁରି ସୁନାମ ଅର୍ଜନ କରିବେ ବୋଲି କାକଟପୁରବାସୀ ଆଶା କରୁଛନ୍ତି। ବିଦାୟ ସମ୍ବର୍ଦ୍ଧନା ସଭାରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ସୁସ୍ଥ ନିରାମୟ ଜୀବନ କାମନା କରିବା ସହିତ ଆଶୀର୍ବାଦ ଜଣାଇଛନ୍ତି। କାକଟପୁରବାସୀଙ୍କ ମନରେ ପ୍ରମୋଦ ସେଠୀଙ୍କ ନାମ ସଦା ସ୍ମରଣୀୟ ହୋଇ ରହିବ ବୋଲି କାକଟପୁର ପ୍ରେସ୍ କ୍ଲବ୍ ସଭାପତି କମଳ ଲୋଚନ ଦୀକ୍ଷିତ ପ୍ରକାଶ କରିଛନ୍ତି।



## ଅନାବାଦୀ ଜାଗାରୁ ବେଆଇନ ମାଟି ଚାଲାଣ

**ନୟାହାଟ,୨୫।୯ (ସମିସ):** ଗୋପ ତହସିଲ୍ ଅନ୍ତର୍ଗତ ବରିମୁଣ୍ଡ ଆର୍‌ଆଇ ସର୍କଲ ଅଞ୍ଚଳରୁ ଦିନରାତି ଅନାବାଦୀ ଜାଗାରୁ ଟ୍ରାକ୍ଟର ଯୋଗେ ଶହ ଶହ ଟ୍ରିପ୍ ମାଟି ବିକ୍ରି କରାଯାଉଛି। ନୟାହାଟ ଫାଣ୍ଡି ଅନ୍ତର୍ଗତ ଇଶାଣପୁର ପଞ୍ଚାୟତର ବାଉଁଶ ପୋଖରୀ କେଳାସାହିଠାରେ ଥିବା ସରକାରୀ ଜାଗାରୁ ଜେସିବି ଦ୍ୱାରା ମାଟି ଖୋଳାଯାଇ ବିକ୍ରି ହେବା କାହାର ହାତ ପ୍ରଶାସନ ପକ୍ଷରୁ ତଦନ୍ତ ପାଇଁ ଦାବି ହେଉଛି। ମାଟି ଖୋଳୁଥିବା ଜେସିବି ଓ ଟ୍ରାକ୍ଟର ସ୍ଥାନୀୟ ଜନୈକ ବ୍ୟକ୍ତିଙ୍କର ହେଇଥିବାବେଳେ ମାଟି ଖୋଳିବା ପାଇଁ ନିର୍ଦ୍ଦେଶ ଦେଉଥିବା ଲୋକଟି ପ୍ରଭାବଶାଳୀ ହୋଇଥିବାରୁ ତାଙ୍କ ବିରୁଦ୍ଧରେ କେହି ପାଟି ଖୋଲୁନାହାନ୍ତି। ଯାହା ଫଳରେ ମନଇଚ୍ଛା ମାଟି ବିକ୍ରି ହେବା ଫଳରେ ମୃତ୍ତିକା କ୍ଷୟ ହେଉଛି ଓ ରାଜସ୍ୱ କ୍ଷତି ହେଉଛି। ଆଉ କେତେକ ବ୍ୟକ୍ତି କିଛି ଅନାବାଦୀ ଜାଗାକୁ ନିଜ ନାମରେ ପଟ୍ଟା କରିନେଲେଣି। ଗୋପ ତହସିଲ୍ ପ୍ରଶାସନ ପକ୍ଷରୁ ତଦାରଖ କରାଯାଇ ସରକାରୀ ଜମି ଫେରାଇ ଆଣିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ

**ପିପିଲି,୨୫।୯ (ସମିସ):** ଭକ୍ତ ଦାସିଆ ସ୍ମୃତି କମିଟିର ମାସିକ ସମୀକ୍ଷା ବୈଠକ ଭୁବନେଶ୍ୱରସ୍ଥିତ ରାଜୀବ ଭବନ ନିକଟରେ ଥିବା ଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ, ପୁରୀ ଜିଲ୍ଲାର ପିପିଲି ବ୍ଲକ୍ ବାଲିଗାଁଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ମା' ବିମଳାଙ୍କ ମନ୍ଦିର, ମା' ମହାଲକ୍ଷ୍ମୀଙ୍କ ମନ୍ଦିରରେ ଚଳିତ ମାସରେ ଥିବା ପର୍ବପର୍ବାଣୀ ସହିତ ଆସନ୍ତା କାର୍ତ୍ତିକ ମାସରେ ଏକ ମାସବ୍ୟାପୀ ଅଖଣ୍ଡ ନାମଯଜ୍ଞ ଓ ଭକ୍ତ ଦାସିଆଙ୍କ ଜୟନ୍ତୀ ଉତ୍ସବ କାର୍ତ୍ତିକ ଶୁକ୍ଳ ଏକାଦଶୀ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଭକ୍ତ ଦାସିଆ ସ୍ମୃତି କମିଟିର କାର୍ଯ୍ୟକାରୀ ସଭାପତି ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ବିଭିନ୍ନ ପ୍ରସଙ୍ଗରେ ବିବରଣୀ ଉପସ୍ଥାପନା କରିଥିଲେ। ଚଳିତ ମାସ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ତ୍ରୟୋଦିବସୀୟ ଶପ୍ତସତୀ ଚଣ୍ଡୀପାଠ ମା' ବିମଳାଙ୍କ ମନ୍ଦିରରେ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଆଇନଜୀବୀ ସରୋଜ କୁମାର ସାହୁଙ୍କ ପୌରୋହିତ୍ୟରେ ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ସମ୍ପନ୍ନ ହେବାକୁ ସ୍ଥିର କରାଯାଇଛି। ସେହିପରି ଅକ୍ଟୋବର ୬ରେ ମା' ମହାଲକ୍ଷ୍ମୀଙ୍କ ମନ୍ଦିରରେ ପୂଜା କାର୍ଯ୍ୟ ଅନୁଷ୍ଠାନର ଉପସଭାପତି ତଥା ଶିଶୁରୋଗ ବିଶେଷଜ୍ଞ ଡାକ୍ତର ନରେନ୍ଦ୍ର ନାଥ ସାହୁଙ୍କ ଜ୍ୟେଷ୍ଠପୁତ୍ରଙ୍କ ପୌରୋହିତ୍ୟରେ ସମାପିତ ହେବାକୁ ସ୍ଥିର କରାଯାଇଛି। ଏହି ବୈଠକରେ ଅନୁଷ୍ଠାନର ଉପସଭାପତି ତଥା ପ୍ରାକ୍ତନ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ଇଂ ଦେବ ନାରାୟଣ ପାଲ୍, ବିଶିଷ୍ଟ ଶିକ୍ଷାବିତ୍ ଡ. ଚିତ୍ତରଞ୍ଜନ ମିଶ୍ର, ବରିଷ୍ଠ ସଦସ୍ୟ ପ୍ରତାପ ଚନ୍ଦ୍ର ସିଂ, ସୂର୍ଯ୍ୟ ନାରାୟଣ ମିଶ୍ର, ଲାବଣ୍ୟ ଶବର, ଆଡ୍‌ଭୋକେଟ୍ ସରୋଜ କୁମାର ପରିଡ଼ା, ବୃନ୍ଦାବନ ମହାପାତ୍ର, ଜୟପ୍ରକାଶ ମିଶ୍ର, ଅଧ୍ୟାପିକା ଡ. ବାସନ୍ତୀ ଦାସ, ମନୋରମା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କୁ ଏମ୍‌ସ ଭୋପାଳର ମ୍ୟାନେଜ୍‌ମେଣ୍ଟ କମିଟିର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ବହନ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା।



# 'ଜୀବନଚର୍ଯ୍ୟା ଓ ଶ୍ରୀଜଗନ୍ନାଥ ମହାପ୍ରଭୁ' ଶୀର୍ଷକ ପାଠଚକ୍ର





**ଚାରିଛକ,୨୫।୯ (ସମିସ):** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଉତ୍କଳୀୟ ସେବା ଟ୍ରଷ୍ଟ, ଭୁବନେଶ୍ୱର ଆନୁକୂଲ୍ୟରେ "ଜୀବନଚର୍ଯ୍ୟା ଓ ଶ୍ରୀଜଗନ୍ନାଥ ମହାପ୍ରଭୁ' ଶୀର୍ଷକ ପ୍ରେରଣାଧର୍ମୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପାଠଚକ୍ରରେ ମୁଖ୍ୟ ଅତିଥି ରୂପେ ଗ୍ଲୋବାଲ ଆଷ୍ଟ୍ରୋ ଫେଡେରେସନର ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ଦାଶ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଡ. ଶଶୀକାନ୍ତ ରଥ ଏବଂ ପତିତପାବନ ଶ୍ରୀଜଗନ୍ନାଥଙ୍କ ପରମ ସେବକ ପଣ୍ଡିତ ପ୍ରିୟବ୍ରତ ଦାଶ ଯୋଗଦେଇ ଛାତ୍ରୀମାନଙ୍କୁ ବ୍ରାହ୍ମଚର୍ଯ୍ୟ ପାଳନପୂର୍ବକ ପ୍ରତିଦିନ ଓଡ଼ିଆ ଭାଗବତ ଓ ଶ୍ରୀମଦ୍ ଭଗବତଗୀତା ଅଧ୍ୟୟନ ପାଇଁ ଉପଦେଶ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ. ଶ୍ରୀଲେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ଏଥିରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଅଶୋକ ବିଶ୍ୱାଳ, ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ, ସଂସ୍କୃତ ବିଭାଗ ମୁଖ୍ୟ ଡ. ପୂର୍ଣ୍ଣିମା ମହାନ୍ତି, ମେଜର ପୁଷ୍ପଲତା ଦତ୍ତ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଓଡ଼ିଆ ବିଭାଗ ଅଧ୍ୟାପିକା ସୁନିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୨୫/୯/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୩୨,୨୭୪/- ସୁନା: ୦୪.୯୭୦ ଗ୍ରାମ୍ ରୁପା: ୧୭୦.୪୮୦ ଗ୍ରାମ୍







## ‘ହବିଷ୍ୟାଳି ବ୍ରତ କାର୍ଯ୍ୟରେ ଅବହେଳା ବରଦାସ୍ତ ନୁହେଁ’

ପୁରୀ,୨୫।୯ (ସମିସ): ଚଳିତ ବର୍ଷର ହବିଷ୍ୟାଳି ବ୍ରତ ଆସନ୍ତା ଅକ୍ଟୋବର ୭ରୁ ଆରମ୍ଭ ହୋଇ ନଭେମ୍ବର ୫ରେ ଶେଷ ହେବ। ରାଜ୍ୟର ବିଭିନ୍ନ ଜିଲ୍ଲାର ବିଭିନ୍ନ ସ୍ଥାନରୁ ମାଆମାନେ ହବିଷ ପାଳନ ପାଇଁ ପୁରୀ ଆସିବେ। ତେଣୁ ସମସ୍ତଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମତପ୍ରକାଶ କରିଛନ୍ତି। ଗୁରୁବାର ଅପରାହ୍ଣରେ ଟାଉନ ହଲ୍‌ଠାରେ ହବିଷ୍ୟାଳି ବ୍ରତ ପାଇଁ ନିୟୋଜିତ ହେବାକୁ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଶ୍ରୀ ପରିଡ଼ା ଯୋଗଦେଇ ପବିତ୍ର ମାସ କାର୍ତ୍ତିକରେ ମାଆମାନେ ଶ୍ରୀକ୍ଷେତ୍ର ଧାମରେ ରହି ଏକ ମାସ ବ୍ରତ ଓ ତପ କରିବାର ମାନସିକତା ନେଇ ଆସୁଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଓ ପ୍ରଶାସନର ତତ୍ତ୍ୱାବଧାନରେ ଏହି କାର୍ଯ୍ୟକୁ ଶୃଙ୍ଖଳିତ ଭାବେ କରିବାର ବ୍ୟବସ୍ଥା କରାଯାଇଛି। ତେଣୁ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ଅତ୍ୟନ୍ତ ନିଷ୍ଠାପର ଭାବେ କାର୍ଯ୍ୟ କରିବା ଉଚିତ୍। ମାଆମାନେ ମାସସାରା ବ୍ରତ କରି ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ଓ କୌଣସି ଅସୁବିଧା ଯେପରି ନ ହୁଏ ଏଥିପାଇଁ ଆମେ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ହବିଷ୍ୟାଳି ବ୍ରତ କାର୍ଯ୍ୟରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସତର୍କ କରାଇ ଦେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ସମସ୍ତଙ୍କୁ ସ୍ୱାଗତ ସହ ହବିଷ୍ୟାଳି ମାଆମାନଙ୍କ ଆଗମନ ପରେ ହବିଷ୍ୟାଳି କେନ୍ଦ୍ର ଅନୁସାରେ ପଞ୍ଜୀକରଣ, ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସ୍ୱେଚ୍ଛାସେବୀମାନଙ୍କ ସହ ସମନ୍ୱୟ ରକ୍ଷା ଇତ୍ୟାଦି ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା ପ୍ରମୁଖ ଯୋଗଦେଇ ଅଧିକାରୀ ଓ କର୍ମଚାରୀମାନଙ୍କର ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜିବ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ବିବେକାନନ୍ଦ ସାହୁ, ସହଦେବ ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

## ଜାଲରେ ଲାଗିଲା ଶିବ-ପାର୍ବତୀଙ୍କ ଅଷ୍ଟଧାତୁ ମୂର୍ତ୍ତି

ପୁରୀ,୨୫।୯ (ସମିସ): ମାଛ ଧରିବା ବେଳେ ଜାଲରେ ଲାଗିଲା ଶିବ-ପାର୍ବତୀଙ୍କ ଅଷ୍ଟଧାତୁ ମୂର୍ତ୍ତି। ପୁରୀ-କୋଣାର୍କ ମୁଖ୍ୟ ରାସ୍ତାର ନୂଆନଇ ପୋଲ ତଳେ ବେଲଧଳର ପ୍ରକାଶ ଚନ୍ଦ୍ର



ସ୍ୱାଇଁ ବୁଧବାର ସକାଳେ ମାଛ ଧରୁଥିଲେ। ଏହି ସମୟରେ ତାଙ୍କ ଜାଲରେ ଏହି ଓଜନିଆ ଜିନିଷ କ’ଣ ଲାଗିଥିବା ସେ ଜାଣିଥିଲେ। ତେଣୁ ଧୀରେ ଧୀରେ ଜାଲ ଟାଣି ଉପରକୁ ଆଣିବାବେଳେ ମୂର୍ତ୍ତିଟି ଲାଗିଥିଲା। ମୂର୍ତ୍ତିଟି ଅଷ୍ଟ ଧାତୁରେ ତିଆରି ହୋଇଥିବାବେଳେ ଏଥିରେ ‘ଶ୍ରୀଶ୍ରୀ ବାନାମ୍ବରାୟ ନମଃ’ ଲେଖାଯାଇଛି। ଶିବ-ପାର୍ବତୀଙ୍କ ଏହି ଯୁଗଳ ମୂର୍ତ୍ତିର ଓଜନ ପ୍ରାୟ ୩୦ କିଲୋଗ୍ରାମରୁ ଅଧିକ ହେବ। ଗୋଟିଏ ଫ୍ରେମ୍‌ରେ ଏହି ଦୁଇ ମୂର୍ତ୍ତି ରହିଛନ୍ତି। ପ୍ରକାଶ ପୁରୀ ସଦର ଥାନାକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳେ ପହଞ୍ଚି ମୂର୍ତ୍ତିଟିକୁ ଜବତ କରିଛି। ତେବେ ନଦୀ ଭିତରକୁ ଏହି ମୂର୍ତ୍ତି କିପରି ଆସିଲା, ଏହା କୌଣସି ଚୋରି ମୂର୍ତ୍ତି ନୁହେଁ ତ ଏହାର ତଦନ୍ତ କରୁଛି ପୁଲିସ।

## ସ୍ୱାସ୍ଥ୍ୟ ବ୍ୟକ୍ତିଗତ ନୁହେଁ; ଜାତୀୟ ସମ୍ପଦ

ପୁରୀ,୨୫।୯ (ସମିସ): ଡାକ୍ତରମାନଙ୍କୁ ନେଇ ଗଠିତ ‘ଡକ୍ଟର୍ସ ଆସୋସିଏସନ ଫର୍ ହେଲ୍‌ଥ ଆଣ୍ଡ ମେଡିକାଲ ଏଜୁକେସନ’ର ସମ୍ମିଳନୀ ହୋଟେଲ ଗୋଲ୍‌ଡେନ ପ୍ୟାଲେସ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଇନ୍ଦ୍ରମଣି ଜେନା, ସଭାପତି ଡାକ୍ତର ଆଦିକନ୍ଦ ସାହୁ, ସମ୍ପାଦକ ଡାକ୍ତର ବଂଶୀଧର ନାୟକ, କୋଷାଧ୍ୟକ୍ଷ ଡାକ୍ତର ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉଦ୍‌ବୋଧନରେ ଅଧୁନା ଚିକିତ୍ସା ବିଜ୍ଞାନରେ ହୋଇଥିବା ପ୍ରଗତି ଏବଂ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ କହିଥିଲେ, ସ୍ୱାସ୍ଥ୍ୟ ବ୍ୟକ୍ତିଗତ ନୁହେଁ, ଏହା ଜାତୀୟ ସମ୍ପଦ। ସରକାର ସକାରାତ୍ମକ ଭାବେ ସମସ୍ତ ଚିକିତ୍ସା ଦାୟିତ୍ୱ ନେବା ଉଚିତ୍। ଲୋକେ ରୋଗରେ ପଡ଼ିଲେ ନିଜ ପକେଟରୁ ଖର୍ଚ୍ଚ ନ କରି ସରକାରଙ୍କ ଦ୍ୱାରା ପ୍ରଦତ୍ତ ସୁବିଧାରେ ଉପକୃତ ହେବା ଆବଶ୍ୟକ। ରାଷ୍ଟ୍ର ସମସ୍ତ ଯତ୍ନ ନେବା ଭାରତୀୟ ସମ୍ବିଧାନର ପ୍ରଣିତ ବିଷୟ ବୋଲି କହିଥିଲେ। ଏସ୍‌ସିବି ମେଡିକାଲ କଲେଜର ୧୯୭୪ ବ୍ୟାଚ୍‌ର ଏହି ଛାତ୍ରଛାତ୍ରୀମାନେ ଦେଶ ବିଦେଶରେ ଚାକିରି ଏବଂ ପରେ ଅବସର ନେଇଥିଲେ ହେଁ ସମାଜସେବାରେ ବ୍ରତୀ ଅଛନ୍ତି। ୫୧ ବର୍ଷ ଧରି ଚିକିତ୍ସା ସହିତ ସମାଜର ହିତ, ସାହିତ୍ୟ, ରାଜନୀତି ସହ ଜଡ଼ିତ ରହିଛନ୍ତି।

### ରାଜ୍ୟସ୍ତରୀୟ କୁମାର କବି ଶ୍ରଦ୍ଧାଞ୍ଜଳି ସମାରୋହ

## କବି ଲେଖନ୍ତି, ମହାକବି ସମାଜକୁ ବାଟ ବତାନ୍ତି



- ସ୍ୱପ୍ନ, ସଂକଳ୍ପ ଓ ସାଧନା ଥିଲା କୁମାର କବିଙ୍କ ସଫଳତାର ମୂଳମନ୍ତ୍ର
- ପ୍ରଫେସର ଦାଶ ବେନହୁରଙ୍କୁ କୁମାର କବି ସମ୍ମାନ
- ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ପାଇଲେ ଉତ୍କଳ ସଂଗୀତ ରତ୍ନ ସମ୍ମାନ

ପୁରୀ,୨୫।୯ (ସମିସ)

କୁମାର କବି ଅରକ୍ଷିତ ପ୍ରଧାନ ଥିଲେ ଏକାଧାରରେ ଜଣେ ମହାକବି, ଲେଖକ, ଗବେଷକ, ସାହିତ୍ୟିକ, ନାଟ୍ୟକାର, ଔପନ୍ୟାସିକ, ପ୍ରଚଣ୍ଡ ବାଗ୍ମୀ ପୁରୁଷ, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ ଓ ସଂଗଠକ। ତାଙ୍କର ୧୮ ଖଣ୍ଡ କାଳଜୟୀ ପୁସ୍ତକ ଓଡ଼ିଆ ସାହିତ୍ୟକୁ ଅନବଦ୍ୟ ଅବଦାନ। ସେ ଥିଲେ ଓଡ଼ିଶା ଓ ଆସାମ ରାଜ୍ୟ ମଧ୍ୟରେ ଏକମାତ୍ର ଓଡ଼ିଆ ସାଂସ୍କୃତିକ ରାଷ୍ଟ୍ରଦୂତ। ପୁରୀ ଜିଲ୍ଲା ସଂସ୍କୃତି ଭବନ ସଭାଗୃହରେ ଗୁରୁବାର ଅନୁଷ୍ଠିତ ପଞ୍ଚଦଶ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସମାରୋହକୁ ଉଦ୍‌ଘାଟନ କରିଥିଲେ ପ୍ରଖ୍ୟାତ ଓଡ଼ିଶୀ ସଙ୍ଗୀତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ। ସେ କୁମାର କବିଙ୍କୁ ଜଣେ ମହାକବି ବୋଲି କହିଥିଲେ। କୁମାର କବି ଓଡ଼ିଶାର ଅସ୍ମିତା ଥିଲେ ବୋଲି ସେ କହିଛନ୍ତି।

ଫାଉଣ୍ଡେସନର ସଭାପତି ଅଧ୍ୟାପକ ବସନ୍ତ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଫାଉଣ୍ଡେସନ ସମ୍ପାଦକ ଅଧିବକ୍ତା ଦିଗମ୍ବର ବେହେରା। କୁମାର କବି ସମ୍ମାନ ଗ୍ରହଣ କରି ସାହିତ୍ୟିକ ଦାଶ ବେନହୁର କୁମାର କବି ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ, କବି ଲେଖନ୍ତି ମାତ୍ର ମହାକବି ଜାତିକୁ ବାଟ ବତାନ୍ତି। କୁମାର କବି ସେହି ମହାକବି ଥିଲେ ବୋଲି ସେ ଦୋହରାଇ ଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ ପ୍ରଫେସର ଡ. କୈଳାସ ଚନ୍ଦ୍ର ଟିକାୟତରାୟ କୁମାର କବିଙ୍କ କାଳଜୟୀ କୃତୀ ସମ୍ପର୍କରେ ଆଲୋଚନା କରି ସାହିତ୍ୟ ଏକାଡେମୀ ତାଙ୍କ ସାହିତ୍ୟ ସୃଷ୍ଟିକୁ କୁମାର କବି ଗ୍ରନ୍ଥାବଳୀ ଆକାରରେ ପ୍ରକାଶ କରିବାକୁ ପ୍ରସ୍ତାବ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଭାସ୍କର ଚନ୍ଦ୍ର ମିଶ୍ର, ଡ. ଶଶାଙ୍କ ଚୂଡ଼ାମଣି କୁମାର କବିଙ୍କୁ ସ୍ୱାଭିମାନର ପ୍ରତୀକ ବୋଲି କହିଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନ ତରଫରୁ ପ୍ରକାଶିତ କୁମାର କବି ସୃଷ୍ଟି ସମୀକ୍ଷା ପୁସ୍ତକର ଲୋକାର୍ପିତ ହୋଇଥିଲା। କୁମାର କବି ବିରଚିତ ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ସୁଶାନ୍ତ ପ୍ରଧାନଙ୍କ କଣ୍ଠଦାନରେ ନିର୍ମିତ ଭଜନ ସିଡିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଦାଶ ବେନହୁରଙ୍କୁ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ କୁମାର କବି ସମ୍ମାନ ଏବଂ ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ଉତ୍କଳ ସଙ୍ଗୀତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କୁ ସଂସ୍କୃତ ସୌରଭ, ପଣ୍ଡିତ ପ୍ରମୋଦ ଚନ୍ଦ୍ର ମିଶ୍ରଙ୍କୁ ସଂସ୍କୃତ ରତ୍ନ, ଡ. ଭାସ୍କର ମିଶ୍ରଙ୍କୁ ସଂସ୍କୃତି ରତ୍ନ, ସଦାଶିବ ମିଶ୍ରଙ୍କୁ ସାରସ୍ୱତ ରତ୍ନ, ରବୀନ୍ଦ୍ରନାଥ ପଟ୍ଟନାୟକଙ୍କୁ ଗଳ୍ପ ରତ୍ନ, ରଞ୍ଜନ କୁମାର ଦଳାଇଙ୍କୁ ସେବକ ରତ୍ନ, କବି ସନ୍ୟାସୀ ନାୟକଙ୍କୁ କବି ସୌରଭ, ଭଗବାନ ଦାସ ମହାପାତ୍ରଙ୍କୁ ସଂସ୍କୃତି ସେବା ରତ୍ନ, ନିରଞ୍ଜନ ବାହିନୀପତିଙ୍କୁ ଗାୟକ ଗୌରବ ରତ୍ନ, ମନୋଜ କୁମାର ମିଶ୍ରଙ୍କୁ ଗାୟକ ସୌରଭ ରତ୍ନ, ପଦନ କିଶୋର ଭୂତିଆଙ୍କୁ ଲୋକକଳା ରତ୍ନ, ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ରଙ୍କୁ ଶିକ୍ଷା ସୌରଭ ଓ ଯୁବ ଇଞ୍ଜିନିୟର ସ୍ୱୟଂ ପ୍ରକାଶ ପରିଡ଼ାଙ୍କୁ ଉତ୍କଳ ବାଣିଜ୍ୟ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଏଥିରେ କାର୍ଯ୍ୟକାରୀ ସଭାପତି ଡ. ପ୍ରମୋଦ କୁମାର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ପୂର୍ବାହ୍ଣରେ ଅନୁଷ୍ଠିତ କବି ସମ୍ମିଳନୀ ଓ କବିତା ପାଠୋତ୍ସବକୁ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକ ବିପିନ ବିହାରୀ ଦଳାଇ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ତତ୍ତ୍ୱ କବି ବିଭୁଦାସ ଭିକାରୀ ଚରଣ ଜେନା ଯୋଗଦେଇଥିଲେ। ୭୦ ଜଣ କବି ସ୍ୱରଚିତ କବିତାପାଠ କରିଥିଲେ ଏବଂ ସମସ୍ତଙ୍କୁ କୁମାର କବି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଭଜନତୀର୍ଥ ଭାଗିରଥୀ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହକୁ ଉଷାରାଣୀ ମିଶ୍ର, ଶାଶ୍ୱତୀ ଦାଶ, କବି ସତ୍ୟ ପ୍ରଧାନ, ଚିଣ୍ଟୁ ମାନସିଂହ, ଗାୟକ ପର୍ଶୁରାମ ସାସମଲ, ସନ୍ଧ୍ୟାରାଣୀ ପଲାଇ, ରୀତା ରାଣୀ ଜେନା, ଶୁଭଶ୍ରୀ ପ୍ରଧାନ, ଜଗନ୍ନାଥ ପ୍ରଧାନ ପରିଚାଳନା କରିଥିଲେ।

### ଆଇଏମ୍‌ଟି ଫର୍ମାସୀ କଲେଜରେ ଫାର୍ମାସିଷ୍ଟ ଦିବସ ପାଳିତ

## ଓଡ଼ିଶାରେ ଔଷଧ ଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳ



ପୁରୀ,୨୫।୯ (ସମିସ)

ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜ ଆନୁକୂଲ୍ୟରେ ଗୁରୁବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ସାରା ବିଶ୍ୱର ସ୍ୱାସ୍ଥ୍ୟସେବାରେ ନିୟୋଜିତ ଫାର୍ମାସିଷ୍ଟ ତଥା ଭେଷଜ ବିଜ୍ଞାନୀମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ଦିବସର ଉତ୍ସବକୁ ଉଦ୍‌ଘାଟନ କରିଥିଲେ ପୁରୀ ଜିଲ୍ଲାର ଭେଷଜ ନେବାକୁ ଉପଦେଶ ଦେଇଥିଲେ। ଓଡ଼ିଶାରେ ଔଷଧ ଶିଳ୍ପର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ବୋଲି କହିଥିଲେ। ଏହି ଅସରରେ କଲେଜର ନିର୍ଦ୍ଦେଶକ ମନୋଜ କୁମାର ରଥ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଫାର୍ମାସିଷ୍ଟ ଅଫିସରମାନଙ୍କୁ ଉପଢୌକନ ପ୍ରଦାନପୂର୍ବକ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଓ ଫାର୍ମାସିଷ୍ଟ ଯଥା କାଳୀ ପ୍ରସନ୍ନ ମିଶ୍ର, ମୁକେଶ କୁମାର ସାହୁ, ଝରଣା କଳାପାହାଡ଼, ରୋଜାଲିନ୍ ରଥ ଓ ସମ୍ବିତ କୁମାର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନୈତିକତା ଓ ଧୈର୍ଯ୍ୟର ସହ ସେବା ତଥା କର୍ତ୍ତବ୍ୟ ପାଳନ ହିଁ ଉତ୍ତମ ଫାର୍ମାସିଷ୍ଟ ସେବା ବୋଲି ମତ ଦେଇଥିଲେ।

ବିଶ୍ୱ ଫାର୍ମାସିଷ୍ଟ ଦିବସ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ କଲେଜର ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ପ୍ରକାଶ ଚନ୍ଦ୍ର ସେନାପତି, ଉପାଧ୍ୟକ୍ଷ ଡ. ତୁଷାର ରଞ୍ଜନ ମହାପାତ୍ର, ଆଇଏମ୍‌ଟିର ବିଭିନ୍ନ ବିଭାଗୀୟ ମୁଖ୍ୟ ଯଥା ପ୍ରାଧ୍ୟାପକ ଡ. ନିଗମ ଜ୍ୟୋତି ମାଇତି, ସମୀର ପାତ୍ର, ଜଗନ୍ନାଥ ପ୍ରସାଦ ମିଶ୍ର, ଅଧ୍ୟାପକ ସ୍ମୃତି କୁମାର ଦାସ, ଦେବଦତ୍ତ ସାହୁ, ଦେବାଶିଷ ଦାସ, ରାଜଲକ୍ଷ୍ମୀ ସ୍ୱାଇଁ, ପାର୍ଥସାରଥୀ ପାତ୍ର ପ୍ରମୁଖ। ଏଥିରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ପରିବେଷଣ ଓ କ୍ଷୁଦ୍ର ନାଟ୍ୟ ପ୍ରସ୍ତୁତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଜ୍ୟୋତିର୍ମୟୀ ଦାଶ। ଚନ୍ଦ୍ରକାନ୍ତ ଜେନା, ନିରଞ୍ଜନ ନାୟକ, ଆଦିତ୍ୟ ପ୍ରଧାନ ଓ ଅନ୍ୟ କର୍ମକର୍ତ୍ତା ଗଣ ମଞ୍ଚ ପରିଚାଳନା କରିଥିଲେ।

## ଘରେ ପଶି ଆକ୍ରମଣ ଅଭିଯୋଗରେ ୨ ଗିରଫ

ପୁରୀ,୨୫।୯ (ସମିସ): ଘରେ ପଶି ମାରଣାସ୍ତ୍ରରେ ଆକ୍ରମଣ କରିବା ଅଭିଯୋଗରେ ବାସେଳୀସାହି ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଜଗନ୍ନାଥ ବସ୍ତିର ପପୁନି ଜେନା (୨୪) ଏବଂ ଚନ୍ଦନ ଦଳାଇ। ଏନେଇ ବାସେଳୀସାହି ଥାନା ପୁଲିସ କେସ୍ ନଂ ୧୯୦/୨୫ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତମାନଙ୍କଠାରୁ ପୁଲିସ ଘଟଣାରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି। ପୁଲିସ ସୂଚନା ଅନୁଯାୟୀ, ଗତ ୨୩ ତାରିଖ ରାତି ପ୍ରାୟ ୧୧ଟା ୪୫ ମିନିଟ୍ ସମୟରେ ସୀତା ନାୟକ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ କି ତାଙ୍କ ଘର ନିକଟ ଅର୍ଥାତ୍ ଜଗନ୍ନାଥ ବସ୍ତିର ମୁନା ପଣ୍ଡା, ଚନ୍ଦନ ଭୋଇ ଏବଂ କିଛି ସାଥୀ ଖଣ୍ଡା, ଲୁହା ରଡ୍ ଆଦି ନେଇ ତାଙ୍କ ଘରେ ଜୋର୍‌ଜବରଦସ୍ତ ପଶିଥିଲେ। ତାଙ୍କ ପୁଅ ଓ ଘର ଲୋକ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ହେଁ ଅଭିଯୁକ୍ତମାନେ ପୁଅ ଭୀମା ନାୟକଙ୍କୁ ଆକ୍ରମଣ କରିଥିଲେ। ଯାହାଫଳରେ ତାଙ୍କର ବେକ ଓ ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ତେବେ ତାଙ୍କ ନାତି ପୁଅଙ୍କୁ ରକ୍ଷା କରିବାକୁ ଆସିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

## ସୋସିଆଲ ମିଡିଆରେ ଗାଳିଗୁଲଜ କରି ନକଲି ଗୁମାସ୍ତା ଗିରଫ

ପୁରୀ,୨୫।୯ (ସମିସ): ସେବକ ଘର ପିଲାଙ୍କୁ ସାମାଜିକ ଗଣମାଧ୍ୟମରେ ଗାଳିଗୁଲଜ ଏବଂ ଧମକଚମକ ଦେବା ଅଭିଯୋଗରେ ଟାଉନ୍ ଥାନା ପୁଲିସ ଜଣେ ନକଲି ଗୁମାସ୍ତାକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ମାଟିତୋଟା ପଞ୍ଚମ ଲେନ୍‌ର ଦିଲ୍ଲୀପ ତ୍ରିପାଠୀ (୪୪)। ଅଭିଯୋଗ ଅନୁଯାୟୀ, ଦିଲ୍ଲୀପ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେବାର ଭିଡିଓ ଛାଡ଼ିଥିଲେ। ସେ ନିଜକୁ ଜଣେ ଗୁମାସ୍ତା ବୋଲି ପରିଚୟ ଦେଇ ଶ୍ରୀମନ୍ଦିର ପାଖରେ ରହୁଥିଲେ। ବାହାରୁ ଆସୁଥିବା ଭକ୍ତଙ୍କୁ ମହାପ୍ରଭୁଙ୍କ ଦର୍ଶନ ସୁବିଧା କରାଇଦେବାକୁ କହି ଟଙ୍କା ଆଦାୟ କରୁଥିଲେ। ସେ ନିୟମିତ ନିଜର ଅର୍ଥ ରୋଜଗାର ପାଇଁ ଏଭଳି ବେନିୟମ କାର୍ଯ୍ୟ କରୁଥିଲେ। ଗୁରୁବାର ସକାଳେ ପୁଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ତେବେ ତାଙ୍କ ଅପରାଧ ତାଲିକା ଖୋଳତାଡ଼ ପରେ ଜଣାପଡ଼ିଛି ଯେ, ସେ ବାସେଳିସାହି ଥାନା ଅଞ୍ଚଳରେ ଛିନ୍‌ତାଇ, ଆକ୍ରମଣ ଏବଂ ଗଣଦୁଷ୍କର୍ମ ସହିତ ଜଡ଼ିତ ମାମଲାରେ ସମ୍ପୃକ୍ତି ଅଛନ୍ତି।

## ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ ‘ଚ୍ୟାଲେଞ୍ଜ’ ଟିମ୍

ପୁରୀ,୨୫।୯ (ସମିସ): ଓଡ଼ିଆ ଚଳଚ୍ଚିତ୍ର ‘ଚ୍ୟାଲେଞ୍ଜ’ ଶୁକ୍ରବାର ମୁକ୍ତିଲାଭ କରିବ। ଏହାର ଅବ୍ୟବହିତ ପୂର୍ବରୁ ମହାପ୍ରଭୁଙ୍କ ଆଶୀର୍ବାଦ ପାଇଁ ‘ଚ୍ୟାଲେଞ୍ଜ’ ଟିମ୍ ପୁରୀରେ ପହଞ୍ଚିଥିଲେ। ସେମାନେ ଶ୍ରୀମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଲୋଡ଼ିଥିଲେ। ଚଳଚ୍ଚିତ୍ରର ନାୟକ ଅର୍ଦ୍ଧେନ୍ଦୁ ସାହୁ, ନାୟିକା ଏଲିନା ସାମନ୍ତରାୟ, ନିର୍ଦ୍ଦେଶକ ସାଇକିରଣ ମଙ୍ଗରାଜ, କ୍ୟାମେରାମ୍ୟାନ ପ୍ରତାପ ଚନ୍ଦ୍ର ରାଉତ, ମିଡିଆ ପ୍ଲାନର ପ୍ରଣୟ ଜେଠୀ, ଭୂପିନ୍ଦର ସିଂହ, ଲିପି ମହାପାତ୍ର, ବିଭାସ ପ୍ରମୁଖ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଚଳଚ୍ଚିତ୍ରର ସଫଳତା ପାଇଁ



ପ୍ରାର୍ଥନା କରିଥିଲେ। ‘ଚ୍ୟାଲେଞ୍ଜ’ ହେଉଛି ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଯାହା ପ୍ରଥମଥର ପାଇଁ ରେଶମ ସହର ବ୍ରହ୍ମପୁରର ରୁକ୍ମଣୀ ପ୍ରେକ୍ଷାଳୟରେ ଏହାର ପ୍ରିମିୟର ଶୋ’ ଅନୁଷ୍ଠିତ ହେଉଛି। ସାରା ଓଡ଼ିଶାରେ ୫୦ଟି ପ୍ରେକ୍ଷାଳୟରେ ଏକାସାଙ୍ଗରେ ୧୫୦ଟି ଶୋ’ ଚାଲିବ। ନାୟକ ଅର୍ଦ୍ଧେନ୍ଦୁ ଏବଂ ଅଭିନେତ୍ରୀ ଲିପି ବ୍ରହ୍ମପୁର ବାସିନ୍ଦା ହୋଇଥିବାରୁ ତାଙ୍କ ଫ୍ୟାନ୍ସମାନଙ୍କ ଭିତରେ ବହୁତ ଆଗ୍ରହ ରହିଛି। ଅନ୍ୟପଟେ ବଲିଉଡ୍ କଳାକାର ପୁନିତ ଇଶାର ଓରଫ ଦୁର୍ଯ୍ୟୋଧନଙ୍କୁ ଦେଖିବାକୁ ଦର୍ଶକ ଚାହିଁ ରହିଛନ୍ତି।

## ପଣ୍ଡିତ ଦୀନଦୟାଲଙ୍କ ଜୟନ୍ତୀ

ପୁରୀ,୨୫।୯ (ସମିସ): ସ୍ୱଦେଶୀ ଜାଗରଣ ମଞ୍ଚ ଆନୁକୂଲ୍ୟରେ ପୁରୀରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଯୁବ ନେତା ପ୍ରଶାନ୍ତ ସ୍ୱାଇଁ ପଣ୍ଡିତଜୀଙ୍କ ‘ଏକାତ୍ମ ମାନବବାଦ’ ଦର୍ଶନର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ। ଜାଗରଣ ମଞ୍ଚର ବିଭାଗ ସଂଯୋଜକ ପ୍ରଶାନ୍ତ ଭୂୟାଁ, ଜିଲ୍ଲା ସଂଯୋଜକ ବିଶ୍ୱନାଥ ପଣ୍ଡା, ପ୍ରାନ୍ତ ମହିଳା ପ୍ରମୁଖ ଲକ୍ଷ୍ମୀପ୍ରିୟା ସାହୁ ଏବଂ ଜିଲ୍ଲା ସହ ସଂଯୋଜକ ଉପେନ୍ଦ୍ର ବିଶୋଇ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଦ୍ୱାରା ଆତ୍ମନିର୍ଭର ଭାରତ ଗଠନରେ ପଣ୍ଡିତଜୀଙ୍କ ଦର୍ଶନର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥିଲେ। ବିଶ୍ୱନାଥ ପଣ୍ଡା ସ୍ୱଦେଶୀ ଚେତନାକୁ ଘରେ ଘରେ ପହଞ୍ଚାଇବା ଓ ସ୍ଥାନୀୟ ଉଦ୍ୟୋଗୀଙ୍କୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ। ମଞ୍ଚ ତରଫରୁ ବିଶ୍ୱନାଥ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ‘ସାମୂହିକ ସଚେତନତା ହିଁ ଘରୋଇ ହିଂସାକୁ ରୋକିପାରିବ’

ପୁରୀ,୨୫।୯ (ସମିସ)

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା (ଏନ୍‌ଏଲ୍‌ୟୁଓ) କଟକ ଓ ନେଦରଲାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲାର ଘରୋଇ ହିଂସା ବିରୁଦ୍ଧରେ ସମ୍ପ୍ରଦାୟଭିତ୍ତିକ ନେତୃତ୍ୱକାରୀ ଅଂଶୀଦାରମାନଙ୍କ ସହିତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏଲ୍‌ୟୁଓର ପ୍ରକଳ୍ପ ପ୍ରବନ୍ଧକ ରାଜ କିଶୋର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଉପନିବନ୍ଧକ ପୁରୀ ତପନ କୁମାର ତରାଇ, ପୁରୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ତନୁପ୍ରଭା ବେଉରା, ଏସ୍‌ସିଏସ୍ କଲେଜର ସହଯୋଗୀ ପ୍ରଫେସର ଡ.



ବିଜୟ କୁମାର ସାହୁ, ପୁରୀ ଡିଏସ୍‌ପି ତିଳୋତ୍ତମା ରାଉତ ଓ ନୟାଗଡ଼ ପୁଲିସ୍ ଜିଲ୍ଲାର ଆଇଆଇସି କୁନାମଣୀ ଦେଇ ଏବଂ ମହିଳାଙ୍କ ନିମନ୍ତେ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଜିଲ୍ଲା ମହାସଂଘ (ସ୍ୱୟଂ ସହାୟକ ଗୋଷ୍ଠୀ)ର ସଭାପତି, ସମ୍ପାଦିକା, ସରପଞ୍ଚ, ଅଙ୍ଗନବାଡ଼ି ଦିଦି, ପରିବାର ପରାମର୍ଶ କେନ୍ଦ୍ର ସଂଯୋଜକ, ସଂଯୋଜିକା, ଜେଣ୍ଡର ସଂଯୋଜିକା, ମ୍ୟୁନିସିପାଲିଟି ଗୋଷ୍ଠୀ ସଂଯୋଜିକା, ଏନ୍‌ଜିଓର ପ୍ରବନ୍ଧକ, ପ୍ରେରଣା ଦିଦି, ସମାଜ ସେବକ, ମନ୍ଦିର ପୂଜକ ପ୍ରମୁଖ ଯୋଗଦେଇ ସେମାନେ ନିଜେ ନିଜର ମତ ଉପସ୍ଥାପନ କରିଥିଲେ।

ପାରିବାରିକ ହିଂସା ୨୦୦୫ ଓ ଯୌତୁକ ନିରୋଧ ଆଇନ ୧୯୬୧ ବିଷୟରେ ସବିଶେଷ ଧାରଣ ଦେବା ସହ ମହିଳା ସାକ୍ଷରତା, ସଶକ୍ତୀକରଣ ଓ ସଚେତନତା ହିଁ ପରିବର୍ତ୍ତନ ଆଣିପାରିବ ବୋଲି ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମହିଳା ହିଂସାକୁ ରୋକିବାରେ ସହାୟତା ବଢ଼ାଇଥିବା ସମ୍ପ୍ରଦାୟମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ମହିଳା ଆଇନ ସମ୍ବନ୍ଧରେ ମହିଳାମାନେ ସଚେତନ ହେବା କେତେ ଜରୁରୀ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଗବେଷଣାର ସାମ୍ପ୍ରତିକ ସମୟରେ ଆବଶ୍ୟକତା ଉପରେ ମୁଖ୍ୟ ଅତିଥି ନିଜର ମତ ରଖିଥିଲେ। ବିଭିନ୍ନ ସ୍ତରରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ଓ ଶୋଷଣ ବିରୋଧରେ ସୁରକ୍ଷା ଦେବା ସମସ୍ତଙ୍କର ଗୁରୁଦାୟିତ୍ୱ ଏବଂ ଏକ ଘରୋଇ ହିଂସାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ନାରୀ ନିଜର ସୁରକ୍ଷା ପାଇଁ ନିଜେ ସଚେତନ ନ ହେଲେ ସମାଜ ଠିକ୍ ଭାବରେ ଚାଲିପାରିବ ନାହିଁ ବୋଲି ପ୍ରକାଶ କରିଥିଲେ। ମହିଳାଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଣିତ ବିଭିନ୍ନ ଯୋଜନା ଓ ସଂରକ୍ଷଣ ସୁବିଧାର ଲାଭ ଉଠାଇ ନିଜ ନିଜର ଆତ୍ମନିର୍ଭରଶୀଳତା ବଢ଼ାନ୍ତୁ ଓ ସମାଜ ପାଇଁ ଉଦାହରଣ ସାଜନ୍ତୁ ବୋଲି ପରାମର୍ଶ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏନ୍‌ଏଲ୍‌ୟୁଓର ପ୍ରକଳ୍ପ ପ୍ରବନ୍ଧକ ସୁଧାଂଶୁ ଭୂଷଣ ମହାରଣା, ରାଜକିଶୋର ପଣ୍ଡା, ବିବରଣୀ ଲେଖକ ଶଶିଭୂଷଣ ଦତ୍ତ ପରିଚାଳନା କରିଥିଲେ।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ (15.09.2025 ରୁ 29.09.2025 ପର୍ଯ୍ୟନ୍ତ ପଞ୍ଜୀକରଣ ଦ୍ୱାର ପୁନର୍ବାର ଖୋଲୁଛି)**

ନିମ୍ନଲିଖିତ ପଦବୀ ପାଇଁ ବିଜ୍ଞାପନ ନମ୍ବର CRPD/SCO/2025-26/05 ମାଧ୍ୟମରେ ଚୁକ୍ତିଭିତ୍ତିକ ସ୍ପେସିଆଲିଷ୍ଟ କ୍ୟାଡ଼ର ଅଧିକାରୀ ନିଯୁକ୍ତି ପାଇଁ ବିଜ୍ଞାପନ 11.07.2025 ରୁ 07.08.2025 ପର୍ଯ୍ୟନ୍ତ ପଞ୍ଜୀକରଣ ପାଇଁ ଖୋଲା ଥିଲା।

ନିମ୍ନଲିଖିତ ପଦବୀ ପାଇଁ 15.09.2025 ରୁ 29.09.2025 ପର୍ଯ୍ୟନ୍ତ ପଞ୍ଜୀକରଣ ଦ୍ୱାର ପୁନଃ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି।

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/05 (ସଂଶୋଧିତ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଭିପି (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |

**ଯେଉଁ ପ୍ରାର୍ଥୀମାନେ ଉପରୋକ୍ତ ଯେକୌଣସି ପଦବୀ ପାଇଁ ଏହି ନିଯୁକ୍ତି ନିମନ୍ତେ ପୂର୍ବରୁ 11.07.2025 ରୁ 07.08.2025 ପର୍ଯ୍ୟନ୍ତ ଆବେଦନ କରିଛନ୍ତି ସେମାନଙ୍କୁ ଆବେଦନ କରିବାକୁ ପଡିବ ନାହିଁ। କେବଳ ଯେଉଁ ପ୍ରାର୍ଥୀମାନେ ପୂର୍ବରୁ ଆବେଦନ କରି ନାହାଁନ୍ତି ସେମାନେ ବିଜ୍ଞାପନ ନଂ. CRPD/SCO/2025-26/05 (ସଂଶୋଧିତ) ରେ ବିସ୍ତୃତ ଭାବରେ ଉଲ୍ଲିଖିତ ପଦବୀ ପାଇଁ ସଂଶୋଧିତ ଯୋଗ୍ୟତା ମାନଦଣ୍ଡ ସହିତ ଆବେଦନ କରିପାରିବେ।**

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 15.09.2025 ରୁ 29.09.2025 ପର୍ଯ୍ୟନ୍ତ।**

ସ୍ଥାନ: ମୁମ୍ବାଇ
ତାରିଖ: 15.09.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ଯଦି ତୁମେ ଶାନ୍ତି ପ୍ରତିଷ୍ଠା କରିବାକୁ ଆଗ୍ରହୀ, ତେବେ ପ୍ରଥମେ ଶତ୍ରୁ ସହିତ ମିଶି କାମ କର। ଆପେ ଆପେ ସେ ତୁମର ମିତ୍ର ହୋଇଯିବ ଏବଂ ଅଶାନ୍ତି ଦୂର ହୋଇଯିବ।

-ନେଲ୍‌ସନ୍ ମାଣ୍ଡେଲା

## ଅଶାନ୍ତ ଲଦାଖ

ହିମାଳୟ ପାଦଦେଶର ପରିବେଶକୁ ବିକାଶ ଆଳରେ ବିନାଶରୁ ସୁରକ୍ଷା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ଆଧାରରେ ଅନୁସୂଚିତ ଅଞ୍ଚଳ ମାନ୍ୟତା ପାଇଁ ୨୦୧୯ରୁ ଦାବି କରି ଆସୁଥିବା ସ୍ୱନାମଧନ୍ୟ ବୈଜ୍ଞାନିକ, ଉଦ୍‌ଭାବକ ତଥା ପରିବେଶ ବିଜ୍ଞାନୀ ରମଣ ମାଗେସେସେ ସମ୍ମାନ ବିଜେତା ସୋନମ ୱାଙ୍ଗଚୁକଙ୍କ ସଦ୍ୟତମ ଆମରଣ ଅନଶନ ଆନ୍ଦୋଳନ ହିଂସାର ରୂପ ନେଇଛି। ନେପାଳରେ କ୍ଷମତା ବିରୋଧୀ ଛାତ୍ର ଆନ୍ଦୋଳନ ଅନୁରୂପ ଲଦାଖରେ 'ଜେନ୍‌ଜେଡ୍' ଦ୍ୱାରା ସୃଷ୍ଟ ବ୍ୟାପକ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନରେ ଚାରିଜଣଙ୍କ ଜୀବନ ଯାଇଥିବା ବେଳେ ୭୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଭଳି ହିଂସାତ୍ମକ ପଦକ୍ଷେପକୁ ନିନ୍ଦା କରି ୱାଙ୍ଗଚୁକ୍ ଅନଶନ ଭଙ୍ଗ କରିବା ସହିତ ଶାନ୍ତି ରକ୍ଷା ପାଇଁ ଲଦାଖବାସୀଙ୍କୁ ପୁଣି ଥରେ ଆହ୍ୱାନ ଦେଇଛନ୍ତି। ୱାଙ୍ଗଚୁକ୍ ଅନଶନ ପ୍ରତ୍ୟାହାର କରିଥିବାରୁ ଆନ୍ଦୋଳନ କିଛିଦିନ ପାଇଁ ଶିଥିଳ ପଡ଼ିଯାଇପାରେ; କିନ୍ତୁ କ୍ରମାଗତ କେନ୍ଦ୍ରୀୟ ଅବହେଳା ଜନିତ ଅସନ୍ତୋଷ ହୁଏତ ଭବିଷ୍ୟତରେ ପୁଣି ଉଗ୍ରରୂପ ନେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

୧୯୪୭ ମସିହା ପରଠାରୁ ଲଦାଖ ଜାମ୍ମୁ-କାଶ୍ମୀର ରାଜ୍ୟର ଏକ ଅଂଶ ଥିବା ବେଳେ ୨୦୧୯ ଅଗଷ୍ଟ ୫ ତାରିଖରେ ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ ପରେ କେନ୍ଦ୍ରଶାସିତ ଅଞ୍ଚଳ ଘୋଷିତ ହୋଇଛି। ସମ୍ବିଧାନର ୨୪୪ ଧାରା ଅନ୍ତର୍ଗତ ଷଷ୍ଠ ଅନୁଚ୍ଛେଦରେ ଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଆସାମ, ମେଘାଳୟ, ମିଜୋରାମ୍‌ରେ ତିନିଟି ଲେଖାଏଁ ଏବଂ ତ୍ରିପୁରାରେ ଗୋଟିଏ ସ୍ୱୟଂଶାସନ ବିକାଶ ପରିଷଦ ରହିଥିବା ବେଳେ ଏହିଭଳି କ୍ଷମତା ୱାଙ୍ଗଚୁକ୍ ଲଦାଖ୍ ପାଇଁ ଦାବି କରୁଆସୁଛନ୍ତି। ଦାବି ସମ୍ପର୍କରେ ୱାଙ୍ଗଚୁକ୍ ବାରମ୍ବାର ପତ୍ର ଲେଖି ଜଣାଇବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ନ ଦେବାରୁ ଗତବର୍ଷ ସେ ଦୁଇଦୁଇ ଥର ଅନଶନ କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ପରେ ପ୍ରତିଥର ଅନଶନରୁ ଓହରି ଆସୁଥିଲେ ହେଁ ସରକାରଙ୍କ ଟାଳଟୁଳ ନୀତି ଲଦାଖବାସୀଙ୍କୁ ଅସନ୍ତୁଷ୍ଟ କରିଛି। ବିଡ଼ମ୍ବନା ହେଉଛି ଲଦାଖ୍‌କୁ ଅନୁସୂଚିତ ଅଞ୍ଚଳ ମାନ୍ୟତା ଦେବାକୁ ବିଜେପି ୨୦୧୯ ସାଧାରଣ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବାକୁ ଦୀର୍ଘସୂତ୍ରୀ ପନ୍ଥା ଆପଣେଇଛି।

ଭୂରାଜନୈତିକ ସ୍ଥିତି ଦୃଷ୍ଟିରୁ ଲଦାଖ ଭାରତର ଉତ୍ତର-ସୀମାନ୍ତର ଚୀନ୍ ସଂଲଗ୍ନ ଏକ ସମ୍ବେଦନଶୀଳ ଅଞ୍ଚଳ। ଏବେ ସେଠାରେ କେତେକ ଅତି ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ଖଣିଜ ସମ୍ପଦର ସନ୍ଧାନ ମିଳିଛି, ଯାହା ଭାରତର ବହୁ ଆକାଂକ୍ଷିତ ସେମିକଣ୍ଡକ୍ଟର ଶିଳ୍ପାୟନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଲୋକେ ସେଠାରେ ଖଣିଜ ଖନନକୁ ବିରୋଧ କରୁଛନ୍ତି। ପରିସ୍ଥିତି କ୍ରମେ ଅଧିକ ଜଟିଳ ହେଉଛି। ଏ ଦିଗରେ ଅଧିକ କାଳକ୍ଷେପଣ ନୀତିର ଫାଇଦା ବିଦେଶୀ ବିଚ୍ଛିନ୍ନତାବାଦୀ ନେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ତେଣୁ ବେଳ ହୁଁ ସରକାର ପଦକ୍ଷେପ ନେବା ଦରକାର।

## ଅଙ୍କୁଶ ଜରୁରୀ

ବିଶ୍ୱର ଯେକୌଣସି ଦେଶରେ ବ୍ୟବସାୟ କରିବାକୁ ହେଲେ ସେହି ଦେଶର ନୀତି-ନିୟମ, ଆଇନ-କାନୁନ୍‌ର ଅନୁପାଳନ ଜରୁରୀ। କିନ୍ତୁ ସାମାଜିକ ଗଣମାଧ୍ୟମ ଏକ୍ସ(ଟୁଇଟର) ଏ ପର୍ଯ୍ୟନ୍ତ ଏହି ନୈତିକବୋଧକୁ ଗ୍ରହଣ କରିପାରିନାହିଁ। ଏକ୍ସର ବ୍ୟବସାୟିକ ନୈତିକତାରେ ଅଜ୍ଞତା ତୁଳନାରେ ଅହଂକାର ଅଧିକ ଥିବା ମନେ ହେଉଛି। ଏହି ଆଭିମୁଖ୍ୟ ଯୋଗୁଁ ଅତୀତରେ ଏହି ସଂସ୍ଥା ତା'ର ମୂଳ ଦେଶ ଆମେରିକା ସରକାରଙ୍କ ଦ୍ୱାରା କଟକଣାର ସମ୍ମୁଖୀନ ହୋଇଥିବା ବେଳେ ଭାରତ ସରକାର ମଧ୍ୟ ତାଗିଦ କରିଥିଲେ। ବାରମ୍ବାର ତାଗିଦା ସତ୍ତ୍ୱେ ଏକ୍ସ(ପୂର୍ବର ଟୁଇଟର) ଚେତୁ ନାହିଁ; ବରଂ ଭାରତୀୟ ଆଇନ କାନୁନ୍‌କୁ ଆହ୍ୱାନ ଦେବା ଭଳି ଆଭିମୁଖ୍ୟ ପୋଷଣ କରୁଛି।

ସାମ୍ପ୍ରତିକ ଡିଜିଟାଲ୍ ଗଣମାଧ୍ୟମ ଯୁଗରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସ୍‌ଆପ୍, ଟେଲିଗ୍ରାମ୍, ଏକ୍ସ ଆଦି ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କ ଅର୍ଥାଗମ ଓ ପ୍ରତିପତ୍ତି ମଧ୍ୟ କମ୍ ନୁହେଁ। ଅର୍ଥ ଓ ପ୍ରତିପତ୍ତି ବଳରେ ସେମାନେ ବିଭିନ୍ନ ସମୟରେ ସାମାଜିକ ବିରୋଧୀ ତତ୍ତ୍ୱମାନଙ୍କର ପ୍ରରୋଚନାରେ ବିଭ୍ରାନ୍ତିକର ଖବର, ଫଟୋ ଓ ଭିଡିଓର ଉଦ୍ଦେଶ୍ୟମୂଳକ ଭାବେ ପ୍ରଚାର ପ୍ରସାର କରିଆସୁଛନ୍ତି, ଯାହାର ପ୍ରଭାବ ଦେଶର ଏକତା, ସ୍ଥିରତା, ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ସାମାଜିକ ଗଣମାଧ୍ୟମର ମନମୁଖି ଖବର ପ୍ରସାରଣକୁ ନିୟନ୍ତ୍ରଣ ପାଇଁ ଭାରତ ସରକାର 'ସୂଚନା ପ୍ରଯୁକ୍ତି ଆଇନ-୨୦୦୦' ଆଣିଛନ୍ତି। ଭାରତ ମାଟିରେ ସକ୍ରିୟ ରହିବାକୁ ହେଲେ ସଂସ୍ଥାଙ୍କୁ ଉପରୋକ୍ତ ଆଇନ ଅନୁଯାୟୀ ପଞ୍ଜୀକୃତ ହେବା ବାଧ୍ୟତାମୂଳକ। ଆଇନର ଧାରା ୭୯(୩)(ଖ) ଅନୁଯାୟୀ ଯେକୌଣସି ଆପତ୍ତିମୂଳକ ଖବର/ଫଟୋ/ଭିଡିଓକୁ ହଟାଇବା ପାଇଁ ସରକାର ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇପାରିବେ; ଏପରିକି ସଂସ୍ଥାର କାରବାରକୁ ରଦ୍ଦ କରିପାରିବେ। ସେହିଭଳି ୨୦୨୧ର ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କେବଳ ଏକ୍ସକୁ ଛାଡ଼ିଦେଲେ ଅନ୍ୟ ସବୁ ସାମାଜିକ ଗଣମାଧ୍ୟମ ସଂସ୍ଥା ନୂଆ ଆଇଟି ଆଇନ୍‌କୁ ଅନୁପାଳନ କରିଛନ୍ତି। ଆମେରିକାରେ ସାମାଜିକ ଗଣମାଧ୍ୟମ କଟକଣାକୁ ଏକ୍ସ ମାନିଥିବା ବେଳେ ବାକ୍ ସ୍ୱାଧୀନତା ଆଳ ଦେଖାଇ ଭାରତୀୟ ଆଇନକୁ ଆହ୍ୱାନ ଦେଇଆସୁଛି ଏବଂ ବିଭିନ୍ନ ସମୟରେ ଆଇନ ଅଦାଲତର ଦ୍ୱାରସ୍ଥ ହେଉଛି। ସଦ୍ୟତମ ଘଟଣାରେ ଆଇଟି ଆଇନ୍ ଧାରା ୭୯ ଆଧାରରେ ଭାରତର ପ୍ରଶାସନିକ ଅଧିକାରୀ କୌଣସି ବିଷୟବସ୍ତୁକୁ ହଟାଇ ପାରିବେ ନାହିଁ ବୋଲି ଏକ୍ସ ଯୁକ୍ତି ଦର୍ଶାଇଛି ଏବଂ ସମ୍ବିଧାନର ବାକ୍ ସ୍ୱାଧୀନତା ଧାରାକୁ କାଠଗଡ଼ା ଭିତରକୁ ଟାଣିଛି।

ଏକ୍ସ ଦ୍ୱାରା ଆଗତ ଅଭିଯୋଗ ଆଧାରିତ ଆବେଦନର ବିଚାର ଅବସରରେ ଅଦାଲତ ଏକ୍ସକୁ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭାରତରେ ବ୍ୟବସାୟ କରିବାକୁ ହେଲେ ଦେଶର ଆଇନ କାନୁନ୍ ମାନିବାକୁ ଏବଂ ସରକାରଙ୍କ 'ସହଯୋଗ' ପୋର୍ଟାଲ୍‌ରେ ପଞ୍ଜିକୃତ ହେବାକୁ ବାଧ୍ୟ। କାର୍ଯ୍ୟ ପରିସର ଯେତେ ବ୍ୟାପକ ଏବଂ ପ୍ରସାରଣ ଦକ୍ଷତା ଯେତେ ଉନ୍ନତ ହେଉ ନା କାହିଁକି ସାମାଜିକ ଗଣମାଧ୍ୟମ ଉପରେ କଟକଣା ରହିବା ଜରୁରୀ। ଆଇନର ଉଲ୍ଲଙ୍ଘନ ଏକ ଅପରାଧ ଏବଂ ଏଥିପାଇଁ ଦଣ୍ଡବିଧାନ ଭୋଗିବାକୁ ହେବ। ସର୍ବୋପରି ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଜରୁରୀ। ଏକ୍ସ ଏହା ଯଥାଶୀଘ୍ର ମାନି ନେଉ।

# ନିରୀହ କରମର୍ଦ୍ଦନର ଅସ୍ପଷ୍ଟ ଆର୍ତ୍ତନାଦ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଦୁବାଇରେ ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ମ୍ୟାଚ୍‌ରେ ଭାରତର ଅଧିନାୟକ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଆମ ନବପ୍ରଜନ୍ମର ଧୁରନ୍ଧର ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନକୁ ଏକ ଲଜ୍ଜାକର ପରାଜୟର ତିକ୍ତସ୍ୱାଦ ଦେବା ଯେତିକି ଆମ ଦେଶର କ୍ରିକେଟ-ଅନ୍ଧଭକ୍ତମାନଙ୍କୁ ନୃତ୍ୟୋନ୍ମତ୍ତ କରିଥିଲା, ତା'ଠାରୁ କାହିଁ କେତେଗୁଣ ଅଧିକ ତିକ୍ତତା, ଉଦ୍ଧାମତାର ସହ ସେମାନଙ୍କୁ ନୃତ୍ୟୋନ୍ମତ୍ତ କରିଥିଲା 'କରମର୍ଦ୍ଦନ-ବର୍ଜନ'ର ସେହି ସଂକ୍ଷିପ୍ତ ଅଥଚ ଅତି ରୋମାଞ୍ଚକ ନାଟ୍ୟାଭିନୟ ଗୋଟିକ। ଏ ନାଟକର ସୂତ୍ରଧର ଯିଏ ବା ଯେଉଁମାନେ, ସେମାନେ ଥିଲେ ନେପଥ୍ୟରେ, କିନ୍ତୁ ନାୟକ ଭୂମିକା ବେଶ୍ ପାରଙ୍ଗମତାର ସହ ତୁଲାଇଥିଲେ ଅଧିନାୟକ ସୂର୍ଯ୍ୟ। 'ଭାରତମାତା'ଙ୍କ ସ୍ତୁତି, ସ୍ତବ ଓ ବନ୍ଦାପନାକୁ ସର୍ବମହତ୍ତ୍ୱ ଦେଉଥିବା ଆବେଶାକ୍ରାନ୍ତ ସହସ୍ରାଧିକ ଦର୍ଶକମାନଙ୍କ ଆଗରେ ଆମ ଅଧିନାୟକ ଓ ଖେଳାଳିମାନେ ସେମାନଙ୍କ ଉର୍ଜସ୍ୱଳ ଦେଶପ୍ରେମର ନିଆରା ପ୍ରମାଣ ଦେଲେ ଏବଂ ଆମ ପରି ନଛୋଡ଼ବନ୍ଧା ଦେଶପ୍ରେମୀମାନଙ୍କ ଅକୁଳାନ ଚିତ୍ତରଂଜନ ମଧ୍ୟ କଲେ ଦୁବାଇର ଚକାଚକ୍ କ୍ରୀଡ଼ା ପ୍ରାଙ୍ଗଣରେ। ଭଦ୍ର, ସୁଶୀଳ ଓ କୋମଳ ଆବେଗାସିକ୍ତ 'କରମର୍ଦ୍ଦନ' ରୂପକ ଭାବପ୍ରକାଶନୀ ଅଙ୍ଗବିନ୍ୟାସର ଏତାଦୃଶ ଦୟନୀୟ ପରାଭବର ବିଜୟୋତ୍ସବ ପାଳନ କଲେ ଆମେ।

ମାତ୍ର ଚାରିଦିନର ସ୍ୱଳ୍ପ ଅବଧିରେ ଅକାଳ-ସମାପ୍ତି ଭୋଗ କରିଥିବା 'ଅପରେସନ୍ ସିନ୍ଦୂର'ରେ ଚିରଶତ୍ରୁ ପାକିସ୍ତାନର ଦୟନୀୟ ପରାଭବକୁ ଠିକଣା ରଙ୍ଗଢଙ୍ଗରେ ପାଳନ କରି ପାରିନଥିବା ଦେଶପ୍ରେମୀମାନେ ଅତିଶୟ ତୃପ୍ତ ହେଲେ ଅବଶ୍ୟ। କିନ୍ତୁ ଆମ ଦେଶ ଓ ବାହାର ଦେଶମାନଙ୍କରେ ସଦାଜାଗରିଆର ସହସ୍ରାଧିକ କ୍ରିକେଟ୍-ପ୍ରେମୀ ବିଶେଷଜ୍ଞମାନେ ମାନବୀୟ ଭାବୋଚ୍ଛ୍ୱାସର ଅତି ସଂକ୍ଷିପ୍ତ ଇସ୍ତାହାର ଏହି ନମ୍ର 'କରମର୍ଦ୍ଦନ' ପ୍ରତି ଏହା ଏକ ନିଷ୍ଠୁର ଅବିଚାର ବୋଲି କହି ଏକପ୍ରକାର ଅଛିଣ୍ଡା ବିବାଦଟିଏ ସୂତ୍ରପାତ କରିଦେଲେ। ତେଣୁ ଏ ଲେଖକ ପରି ବହୁ ନିରୋଳା ଦେଶପ୍ରେମୀ ଏବେ ଭାବିବାକୁ ବାଧ୍ୟ ହେଉଛନ୍ତି ଯେ ଆମ ରାଜନୀତି, ଆମ ଦେଶପ୍ରେମ, ଆମ କ୍ରିକେଟ୍-ପ୍ରେମ ଆଦିର ରଡ ଗଦ୍ୟାତ୍ମକ ଆବାହାୱାର ସଂସ୍ପର୍ଶରେ 'କରମର୍ଦ୍ଦନ' ପରି ମୃଦୁଭାବରସାଣିତ କବିତାଟି ଯଦି ଜମା ଆସି ନଥା'ନ୍ତା, ତେବେ ବୋଧହୁଏ ସହସ୍ରଗୁଣ ପ୍ରୀତିପଦ ହୋଇଥା'ନ୍ତା ସେ ଦିନର କ୍ରିକେଟ୍ ରଣାଙ୍ଗନରେ ପାକିସ୍ତାନ ବିପକ୍ଷରେ ଆମର ଏ ବିଜୟ। ଅସିମ ମୁନୀରଙ୍କ 'ଡଂପ୍ ଟ୍ରକ୍- ପାକିସ୍ତାନ' ପାଇଁ 'ମର୍‌ସିଡିଜ୍-ଭାରତ'ର ଏହି ପ୍ରଚଣ୍ଡ କ୍ରିକେଟାଘାତଟି ବି ହୋଇଥା'ନ୍ତା ସହସ୍ରଗୁଣ ବେଦନାଦାୟକ। ତେବେ, 'କରମର୍ଦ୍ଦନ-ବର୍ଜନ' ନାଟକ ସମ୍ପର୍କରେ ପକ୍ଷବାଦୀ ଓ ବିପକ୍ଷବାଦୀମାନେ ଯାହା ମତମନ୍ତବ୍ୟ ଦିଅନ୍ତୁ ନା କାହିଁକି, ଗୋଟିଏ କଥା କିନ୍ତୁ ଅବିସମ୍ବାଦିତ ସତ୍ୟ ଯେ 'କରମର୍ଦ୍ଦନ' ଏକ ଅର୍ଥହୀନ ଆଚରଣ ନୁହେଁ, ବରଂ ଏକ ନିର୍ଦ୍ଦୋଷ ଉପଚାର, ଯାହାର ଐତିହାସିକ, ସାଂସ୍କୃତିକ ଓ ମନୋବୈଜ୍ଞାନିକ ମୂଲ୍ୟ, ଆବେଦନ ଓ ଉପାଦେୟତା ସବୁକାଳେ ବହୁସ୍ୱୀକୃତ।

ଉଲ୍ଲେଖନୀୟ ଯେ 'କରମର୍ଦ୍ଦନ' ରୂପକ ସହଜ ଅଙ୍ଗବିନ୍ୟାସଟି ପ୍ରଥମେ ବ୍ୟବହୃତ ହୋଇଥିଲା ଏକ ସଂକେତ ଭାବରେ। ଶତ୍ରୁଭାବାପନ୍ନ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଯେତେବେଳେ ପରସ୍ପର ମଧ୍ୟରେ ସଖ୍ୟଭାବ ସ୍ଥାପନ କରିବା ପାଇଁ ଆଗେଇ ଆସୁଥିଲେ, ସେତେବେଳେ ଜଣେ ଅନ୍ୟ ଜଣଙ୍କ ସହ କରମର୍ଦ୍ଦନ କରି ସ୍ପଷ୍ଟ ସଂକେତ ଦେଉଥିଲେ ଯେ ଉଭୟଙ୍କ କରପଲ୍ଲବ ଦୁଇଟି ଅସ୍ତ୍ରଶୂନ୍ୟ। ପରବର୍ତ୍ତୀ କାଳରେ କରମର୍ଦ୍ଦନ ଏକ ବ୍ୟାପକ ଅର୍ଥବହ, ବ୍ୟାପକ ଭାବସଂଚାରି ସଂକେତ ଭାବରେ ଆଦୃତ ହେବା ଆରମ୍ଭ କଲା। ଏହା ହେଲା ବିଶ୍ୱାସ, ବିଶ୍ୱସ୍ତତା, କପଟଶୂନ୍ୟ ପାରସ୍ପରିକ ସୌହାର୍ଦ୍ଦ୍ୟ, ବୁଝାମଣା ତଥା ସହମତି ଓ ଅନ୍ତରଙ୍ଗତାର ଏକ ମାର୍ମିକ ପ୍ରତୀକ। କୂଟନୈତିକ ଦପ୍ତରମାନଙ୍କର ଆଶାଆଶଙ୍କା ପିଚ୍ଛିଳ ପରିବେଶ ହେଉ କି କର୍ପୋରେଟ୍ ଦପ୍ତରମାନଙ୍କର ଭାବଗମ୍ଭୀର ପରିବେଶ ହେଉ, ଏପରିକି ରଣକ୍ଷେତ୍ରରେ ସାମୟିକ ଅସ୍ତ୍ରବିରତିର ଉଲ୍ଲାସକ ପରିବେଶ ହେଉ, ସବୁଠି ଅନୁସୃତ ହୋଇଥାଏ ଏହି କରମର୍ଦ୍ଦନ ପରମ୍ପରା। ପ୍ରତ୍ୟେକ କ୍ରୀଡ଼ା ପ୍ରତିଯୋଗିତାର ଆରମ୍ଭ ଓ ସମାପନ ତ ନିଶ୍ଚିତ ଭାବେ ହୋଇଥାଏ 'କରମର୍ଦ୍ଦନ' ପର୍ବରେ। ଏ କ୍ଷେତ୍ରରେ ଯେଉଁ ବ୍ୟତିକ୍ରମମାନ ଆମେ ଦେଖିଛେ, ସେ ସବୁ ନିରୋଳା ଉପକ୍ରମ ମାତ୍ର।

ଏହା ମଧ୍ୟ ସତ୍ୟ ଯେ କରମର୍ଦ୍ଦନ-ରୂପକ ଅଙ୍ଗବିନ୍ୟାସଟିର ପବିତ୍ରତା ସବୁବେଳେ ଅତୁଟ ରହିନଥାଏ କି ନିର୍ଭେଜାଲ ହାର୍ଦ୍ଦିକତାର ସଂକେତ ବହନ କରିନଥାଏ। ଦୁର୍ଭାଗ୍ୟଜନକ ହେଉଛି ଯେ ଅନ୍ୟଥା ନିର୍ଦ୍ଦୋଷ, ନିରୀହ ଏହି କରମର୍ଦ୍ଦନ ଅନେକ ସମୟରେ ଶଠତା ଓ କପଟାଚାର ଉପରେ ଆବରଣଟିଏ ଢାଙ୍କିଦେବା ପାଇଁ ନ୍ୟସ୍ତସ୍ୱାର୍ଥୀମାନଙ୍କୁ ସୁଯୋଗ ଦେଇଥାଏ। କରମର୍ଦ୍ଦନ ବା 'ହ୍ୟାଣ୍ଡସେକ୍' ତେଣୁ 'ହାର୍ଟସେକ୍'ର ଦୁର୍ନାମ ମୁଣ୍ଡାଇଥାଏ।

୧୯୩୮ ମସିହାରେ ଇଂଲଣ୍ଡର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ନେଭିଲ୍ ଚେମ୍ବରଲେନ୍ 'ହଲୋକଷ୍ଟ' ପରି ଇହୁଦୀ ନରସଂହାରର ବର୍ବର ରଚୟିତା ହିଟ୍‌ଲରଙ୍କ କରମର୍ଦ୍ଦନ କରି ଫେରି ଆସିଲେ ଲଣ୍ଡନ ଓ ଘୋଷଣା କରିଦେଲେ- 'ଏଣିକି ଶାନ୍ତିର ଉଷାଲୋକରେ ଆମର ବିଶ୍ୱ ପ୍ଲାବିତ ହେବ'। କିନ୍ତୁ ଚେମ୍ବରଲେନ୍‌ଙ୍କ ସେ ସତ୍ ଉଦ୍ଦେଶ୍ୟ-ପ୍ରଣୋଦିତ କରମର୍ଦ୍ଦନ ଇତିହାସର କଳାପୃଷ୍ଠାରେ ସ୍ଥାନ ନେଇଗଲା ହିଟଲର୍ ପରି ଜଣେ ନରାଧମର ତୁଷ୍ଟିକରଣର ଲଜ୍ଜାକର ନମୁନା ଭାବରେ। ମାତ୍ର ୧୯୯୩ ମସିହାରେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସସ୍ନେହ ଅନୁରୋଧ ରକ୍ଷା କରି 'ହ୍ୱାଇଟ୍ ହାଉସ୍'ର ସୁରମ୍ୟ ପ୍ରାଙ୍ଗଣରେ ପରସ୍ପରର କରମର୍ଦ୍ଦନ କରିଥିଲେ ପାଲେଷ୍ଟାଇନ୍‌ର ବିପ୍ଳବୀ ନେତା ୟାସେର୍ ଆରାଫତ୍ ଓ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଇଟ୍‌ଝାକ୍ ରାବିନ୍। ଅଳ୍ପ କେଇଟି ବର୍ଷ ବା ମାସ ହେଉ ପଛେ, ଚିରବିକ୍ଷୁବ୍ଧ ମଧ୍ୟପ୍ରାଚ୍ୟରେ ବିରାଜମାନ କରିଥିଲା ଶାନ୍ତିର ବାତାବରଣ। ୧୯୪୭ ମସିହାରେ ପରସ୍ପରର କରମର୍ଦ୍ଦନ କରିଥିଲେ ମହାତ୍ମା ଗାନ୍ଧୀ ଓ ଲର୍ଡ ମାଉଣ୍ଟ ବ୍ୟାଟେନ। ସେ କରମର୍ଦ୍ଦନ ଥିଲା ସ୍ୱାଧୀନତା ସୂର୍ଯ୍ୟାଲୋକର ପ୍ରତୀକ ଏବଂ ଔପନିବେଶିକ ଶାସନରେ କ୍ଷତାକ୍ତ କୋଟି କୋଟି ଭାରତୀୟଙ୍କ ଉଦାରତା, କ୍ଷମାଶୀଳତା ଏବଂ ଅହିଂସ, ବିଦ୍ୱେଷହୀନ ଭ୍ରାତୃତ୍ୱବୋଧର ପ୍ରତୀକ ମଧ୍ୟ। ଅନ୍ୟ ଦୁଇଟି ପ୍ରଖ୍ୟାତ ଅଥଚ ବିଡ଼ମ୍ବିତ କରମର୍ଦ୍ଦନର ଅବସର ଆସିଥିଲା ଦୀର୍ଘ ୫୨ ବର୍ଷ ପରେ। ୧୯୯୯ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ 'ଲାହୋର-ବସ୍' ଯାତ୍ରାରେ ଲାହୋରରେ ପହଞ୍ଚି ପାକିସ୍ତାନର ସାମରିକ ଶାସକ ପର୍‌ଭେଜ୍ ମୁସାରଫଙ୍କ ସହ ସହର୍ଷ କରମର୍ଦ୍ଦନ କରିଥିଲେ ଏବଂ ତା'ର ଦୁଇବର୍ଷ ପରେ 'ଆଗ୍ରା ଶିଖର ସମ୍ମିଳନୀ'ରେ ମଧ୍ୟ ଅନୁରୂପ ଭାବରେ ଆପଣାର ସ୍ୱଭାବ ସୁଲଭ ଆତ୍ମୀୟତା ପ୍ରକାଶ କରି କରମର୍ଦ୍ଦନ କରିଥିଲେ ମୁସାରଫଙ୍କ ସହ। ହେଲେ ନିଷ୍ଫଳ ହୋଇଥିଲା ବାଜପେୟୀଙ୍କ ସତ୍ ଅଭିପ୍ରାୟ। କୁଟିଳ ମୁସାରଫ୍ ଦୁଇଥର ଯାକ ପ୍ରଶସ୍ତ ହସ ହସି ହାତ ମିଳାଇ ଥିଲେ ଶାନ୍ତିକାମୀ ବାଜପେୟୀଙ୍କ ସହ ଏବଂ ପ୍ରମାଣ କରିଦେଇଥିଲେ ଯେ ଜଣେ ହସିପାରେ ଏବଂ ସୈତାନ ପରି କପଟାଚାରୀ ହୋଇପାରେ ଏକା ସାଙ୍ଗରେ। ଏହି ଦୁଇଟି ଯାକ ଆପାତତଃ ପ୍ରତିଶ୍ରୁତି-ଗର୍ଭିତ କରମର୍ଦ୍ଦନର କରୁଣ ମରଣ ଆମେ ପ୍ରତ୍ୟକ୍ଷ କଲେ ଖୁବ୍ ଶୀଘ୍ର-ସେହି ମୁସାରଫଙ୍କ ଦ୍ୱାରା ପ୍ରାୟୋଜିତ 'କାର୍‌ଗିଲ୍'ର ରଣାଙ୍ଗନରେ।

ତେବେ ମୁସାରଫଜାତୀୟ ରାଜନେତାମାନଙ୍କ ସହ ସଦିଚ୍ଛା-ରଞ୍ଜିତ କରମର୍ଦ୍ଦନ ସର୍ବଦା ନିରର୍ଥକ ବୋଲି ବହୁପୂର୍ବରୁ ଜଣାଇ ସାରିଥିଲେ ଲୌହ-ମାନବୀ ଇନ୍ଦିରା ଗାନ୍ଧୀ। ଥରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ୟାହିଆ ଖାଁ ଇନ୍ଦିରାଙ୍କ ସହ କରମର୍ଦ୍ଦନ କରିବାର ଅଭିପ୍ରାୟ ପୋଷଣ କରି ଆଗେଇ ଆସୁଥିବା ବେଳେ ଆପଣାର ଶାଣିତ ବୁଦ୍ଧିମତ୍ତା ଓ ପ୍ରତ୍ୟୁତ୍ପନ୍ନମତିତା ତତ୍‌କାଳ ପ୍ରକାଶ କରି କହିଥିଲେ ସେ - 'ନୋ ୱାନ କ୍ୟାନ ସେକ୍ ହ୍ୟାଣ୍ଡସ୍ ଉଇଥ୍ ଏ କ୍ଲେନଚଡ୍ ଫିଷ୍ଟ' (ମୁଦ୍ରାବଦ୍ଧ ମୁଷ୍ଟି ସହିତ କେହି କେବେ ହାତ ମିଳାଇ ନପାରେ)। କେବଳ କୂଟନୀତି ନୁହେଁ, ସାର୍ବଜନୀନ କ୍ଷେତ୍ରରେ ମଣିଷ-ମଣିଷ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ପାଇଁ ଆଗଭର ହେବାବେଳେ ଆମେ ଇନ୍ଦିରାଙ୍କ ଏହି ଆପ୍ତବାକ୍ୟ ଭଳି ମହତ୍ତ୍ୱପୂର୍ଣ୍ଣ ଉଚ୍ଚାରଣଟିକୁ ପ୍ରଥମେ ସ୍ମରଣ କରିବା ଖୁବ୍ ଆବଶ୍ୟକ ନିଶ୍ଚୟ।

ରାଜନୈତିକ ଓ କୂଟନୈତିକ ଆବଶ୍ୟକତା ବା ବାଧ୍ୟବାଧକତା ଦୃଷ୍ଟିରୁ ବହୁଦିନ ତଳୁ କରମର୍ଦ୍ଦନ ପ୍ରାୟତଃ ଏକ ରୁଟିନବନ୍ଧା ଆଚରଣ ହୋଇସାରିଛି- ତେଣିକି ଏହା ନିର୍ମଳ ଭାବପ୍ରେରିତ ହେଉ ବା ବିଶୁଦ୍ଧ ଛଳନାମଖା ହେଉ। ଏବେ ଆମେରିକାର ଟ୍ରମ୍ପ ମହାଶୟ ଏ ଶିଷ୍ଟଶାଳୀନ କରମର୍ଦ୍ଦନକୁ ପରିଣତ କରିଦେଇ ସାରିଲେଣି ଏକପ୍ରକାର କରକର୍ଷଣ ବା କରପେଷଣ ଭାବରେ। ଏ ଦୁର୍ବିନୀତ ମଣିଷ ଜଣକ ସହ ହାତ ମିଳାଇବାର ଦୁଃସାହସ କରିବା ବେଳେ କେତେକେତେ ବିଶ୍ୱସ୍ତରୀୟ ନେତା, ଉପନେତାଙ୍କ ଅସ୍ପଷ୍ଟ ଆର୍ତ୍ତନାଦ ଆମ ପାଇଁ ଏକ ହ୍ୟାସୋଦ୍ଦୀପକ ପରିବେଶ ସୃଷ୍ଟି କରିଥାଏ।

ଶୁଭବୁଦ୍ଧିସଂପନ୍ନ ସଚେତନ ବ୍ୟକ୍ତିବିଶେଷମାନଙ୍କ ସ୍ପଷ୍ଟ ମତ ହେଉଛି - 'ପ୍ରତ୍ୟେକ ଖେଳର ଅନ୍ତଃସ୍ୱର ହେଉଛି ଶାନ୍ତି, ସଂହତି ଓ ସଦ୍‌ଭାବନା। ଆଦର୍ଶସ୍ଥାନୀୟ 'ଖେଳୁଆଡ଼ ମନୋବୃତ୍ତି' ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଏହି ମୂଲ୍ୟବୋଧ ସବୁର ପରିପୋଷଣ କରିଥାଏ'। ଏହି ମତ ଆମକୁ ଚେତାଇ ଦେଇଥାଏ ଯେ ପ୍ରତ୍ୟେକ କ୍ରୀଡ଼ାପ୍ରତିଯୋଗିତା, ସେ ବିଶ୍ୱସ୍ତରୀୟ ବା ଆଞ୍ଚଳିକ ହେଉ, ସର୍ବଦା ସମସ୍ତ ପ୍ରକାର ଉଗ୍ର, ରକ୍ଷଣଶୀଳ ନୀତି, ଆଦର୍ଶ ଓ ରାଜନୀତିଠାରୁ ନିରାପଦ ଦୂରତାରେ ରହିବା ଆମ ସଭ୍ୟତା ପାଇଁ ଓ ବିଶ୍ୱ ପାଇଁ ଶୁଭଙ୍କର।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ସବୁଜ-ସୁନାର ଉପଯୋଗିତା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ବହୁମୁଖୀ ବ୍ୟବହାର, ଉପାଦେୟତା ଏବଂ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ବାଉଁଶକୁ ସବୁଜ ସୁନା କୁହାଯାଏ। ଅଥଚ ସେ ଦିଗରେ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି ହୋଇପାରିନାହିଁ। ଚୀନ୍ ପରେ ଭାରତ ଦ୍ୱିତୀୟ ବୃହତ୍ତମ ବାଉଁଶ ଉତ୍ପାଦନକାରୀ ଦେଶ। ତଥାପି ରପ୍ତାନିରେ ଆମେ ଚୀନ୍ ଠାରୁ ବହୁତ ପଛରେ। ବ୍ରିଟିଶ ସରକାର ଅମଳରେ ବାଉଁଶକୁ ଏକ ଉଦ୍ଭିଦ ଭାବରେ ବର୍ଗୀକୃତ କରି ଏହାର ଚାଷ ଓ ଅମଳ ଉପରେ ପ୍ରତିବନ୍ଧକ ଲାଗୁ ହୋଇଥିଲା। ଜାତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ପରିବେଶ ସୁରକ୍ଷା ଦେବାରେ ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ସରକାର ୨୦୧୭ରେ ବାଉଁଶକୁ ଏକ ଚାଷୋପଯୋଗୀ ଫସଲ ଭାବରେ ପୁନଃବର୍ଗୀକୃତ କରିଥିଲେ। ଏହା ସାରା ଦେଶରେ ବାଉଁଶ ଚାଷ ଓ ଶିଳ୍ପର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ ଏହି ପଦକ୍ଷେପକୁ ପୁଞ୍ଜିକୃତ କରିଥିଲେ ଏବଂ ବାଉଁଶରୁ ବିଭିନ୍ନ ଉତ୍ପାଦ ଉତ୍ପାଦନ ପାଇଁ ଯୋଜନା ଆରମ୍ଭ କରିଥିଲେ, ଯାହା ଦ୍ରୁତ ଗତିରେ ରପ୍ତାନି ସମ୍ଭାବନା ବୃଦ୍ଧି କରିଥିଲା।

ବାଉଁଶ ଚାଷ ବହୁମୁଖୀ। ଏହା ଜଳକୁ ବିଶୋଧନ କରିବା ସହିତ ବାୟୁକୁ ବିଶୁଦ୍ଧ କରେ ଏବଂ ମାଟି କ୍ଷୟକୁ ହ୍ରାସ କରେ। ଏହା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରିବାରେ ସାହାଯ୍ୟ କରେ। ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି ଯେ ବାଉଁଶ ଅନ୍ୟ ଗଛ ତୁଳନାରେ ୩୩ ପ୍ରତିଶତ ଅଧିକ ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ୩୫ ପ୍ରତିଶତ ଅଧିକ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼େ। ଏହାକୁ ଆୟୁର୍ବେଦିକ ବା ପ୍ରାକୃତିକ ଔଷଧରେ ମଧ୍ୟ ବ୍ୟବହାର କରାଯାଉଛି। ଏଥିସହିତ ଖେଳନା, ଆସବାବପତ୍ର, ପ୍ରସାଧାନ, କାଗଜ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ସୌନ୍ଦର୍ଯ୍ୟବର୍ଦ୍ଧକ, କୃଷି ଉପକରଣ ଓ ମନୋରଞ୍ଜନ ସାମଗ୍ରୀ ପ୍ରସ୍ତୁତିରେ ବାଉଁଶର ବ୍ୟବହାର ସାରା ବିଶ୍ୱରେ ଦ୍ରୁତଗତିରେ ବୃଦ୍ଧି ପାଉଛି। ବାଉଁଶ ତନ୍ତୁ ପ୍ରାକୃତିକ ଭାବରେ ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆର୍ଦ୍ରତା ଶୋଷଣ କରି ଚର୍ମକୁ ସୁରକ୍ଷିତ ଏବଂ ଆରାମଦାୟକ କରି ରଖୁଥିବାରୁ ବୟନ ଶିଳ୍ପରେ ଏହାର ଉପଯୋଗ ବଢ଼ିବାରେ ଲାଗିଛି। ଏହାଛଡ଼ା ପୋଲ, ସିଡ଼ି, ଟୋକେଇ ଓ ମ୍ୟାଟ୍ ତିଆରି ପାଇଁ ବାଉଁଶର ବ୍ୟବହାର ବଢୁଛି। ଏପରିକି ଜୈବ ଇନ୍ଧନ ଉତ୍ପାଦନ ପାଇଁ ମଧ୍ୟ ବାଉଁଶ ବ୍ୟବହାର କରାଯାଉଛି।

ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ସରକାରମାନେ 'ଜାତୀୟ ବାଉଁଶ ମିଶନ ଅଧୀନ'ରେ ବାଉଁଶ ଶିଳ୍ପକୁ ପ୍ରୋତ୍ସାହନ ଦେଉଛନ୍ତି। ସ୍ଥାୟୀ ବିକାଶ ଏବଂ ପରିବେଶ ସୁରକ୍ଷା ପାଇଁ ଭବିଷ୍ୟତରେ ବାଉଁଶ ଭାରତର ସବୁଜ ସୁନା ପ୍ରମାଣିତ ହୋଇପାରେ। ବର୍ତ୍ତମାନ କେବଳ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ଦକ୍ଷିଣ ଭାରତର କିଛି ଅଞ୍ଚଳରେ ବାଉଁଶ ବହୁଳ ପରିମାଣରେ ଚାଷ କରାଯାଉଥିବା ବେଳେ ଅନ୍ୟ ଅଞ୍ଚଳକୁ ଏହାର ପରିବର୍ଦ୍ଧନ ପାଇଁ କେନ୍ଦ୍ର ସରକାର ୨୦୧୭ ରେ 'ଭାରତୀୟ ବନ ଆଇନ ୧୯୨୭'କୁ ସଂଶୋଧନ କରି ବାଉଁଶକୁ ଗଛ ପରିବର୍ତ୍ତେ ଘାସ ଭାବରେ ବର୍ଗୀକୃତ କରିଥିଲେ। ବାଉଁଶକୁ କମ ମୂଲ୍ୟର ଉଚ୍ଚ-ଅମଳକାରୀ ଘାସ ଭାବରେ ଜଙ୍ଗଲ ଓ ଶୁଷ୍କ ଅଞ୍ଚଳରେ ଚାଷ କରାଯାଇପାରିବ। ବିଶେଷଜ୍ଞଙ୍କ ମତରେ ବାଉଁଶ ସାଧାରଣତଃ ତିନିରୁ ଚାରି ବର୍ଷ ମଧ୍ୟରେ ଅମଳ ପାଇଁ ପ୍ରସ୍ତୁତ ହୁଏ। ଥରେ ଲଗାଗଲେ ଏହା ଚାଳିଶରୁ ପଚାଶ ବର୍ଷ ପର୍ଯ୍ୟନ୍ତ ଅମଳ ଦେଇପାରେ। ଅମଳ ପରେ ଏହା ପୁଣି ବଢ଼ିବା ଆରମ୍ଭ କରେ।

ବାଉଁଶ ଏପରି ଏକ ଉଦ୍ଭିଦ, ଯାହାର ପ୍ରତ୍ୟେକ ଅଂଶ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ପ୍ରାୟ ୧୩୬ପ୍ରଜାତିର ବାଉଁଶ ଅଛି, ଯାହା କଠୋର ପରିସ୍ଥିତିରେ ମଧ୍ୟ ବଢ଼ିପାରେ। କିନ୍ତୁ ସଚେତନତାର ଅଭାବ ଯୋଗୁଁ ଭାରତରେ ଏହାର ବାଣିଜ୍ୟକ ବ୍ୟବହାର ଏପର୍ଯ୍ୟନ୍ତ ସୀମିତ। ଏହି ସମ୍ପର୍କରେ ତାଲିମ ଓ ସଚେତନତା ଚାଷୀଙ୍କ ଆୟ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଚୀନ ୧୯୮୦ ଦଶକରେ ବାଉଁଶ ଚାଷର ପ୍ରୟାସ କରିଥିଲା ଏବଂ ଆଜି ଏହା ସର୍ବାଧିକ ଆର୍ଥିକ ଲାଭ ଉପଭୋଗ କରୁଛି। ସେଠାରେ ୫୦ଲକ୍ଷ ହେକ୍ଟର ଜମିରେ ବାଉଁଶ ଚାଷ କରାଯାଏ। ଭାରତରେ ୧କୋଟି ହେକ୍ଟରରେ ବାଉଁଶ ଚାଷ ହେବା ସତ୍ତ୍ୱେ ଏହାର ବିବିଧତା ଓ ଉପଯୋଗିତା ବିଷୟରେ ସଚେତନତାର ଅଭାବ ଏବଂ ବଜାରୀକରଣ ଅସୁବିଧା ଯୋଗୁଁ ଆମେ ଏହାର ଉପଯୁକ୍ତ ଆର୍ଥିକ ଲାଭରୁ ବଞ୍ଚିତ।

ଯଦି ଭାରତୀୟ କୃଷି ଗବେଷଣା ପରିଷଦ ଏବଂ କୃଷି ବିଶ୍ୱବିଦ୍ୟାଳୟର ପ୍ରସାରଣ ଶିକ୍ଷା ଅଧୀନରେ ବାଉଁଶ ଉତ୍ପାଦନ ତାଲିମ୍‌କୁ ପରିବର୍ଦ୍ଧିତ କରାଯାଏ ତେବେ ବାଉଁଶ ଚାଷୀଙ୍କ ଆର୍ଥିକ ସଶକ୍ତୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ରାଜସ୍ଥାନର ରାଜସମନ୍ଦ ଜିଲ୍ଲାର ପିପଲାନ୍ତରି ଗାଁରେ ଗୋଚର ଜମିରେ ବାଉଁଶ ଚାଷ ଏବଂ ବାଉଁଶ ଉତ୍ପାଦନର ବିବିଧତା ଉପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଛି। ସେଠାରେ ଅନେକ ପ୍ରକାରର ବାଉଁଶ ଚାଷ କରାଯାଏ।

ଯଦି ପରିବେଶ ଅନୁକୂଳ ବାଉଁଶ ଉତ୍ପାଦଗୁଡ଼ିକୁ ଅନୁର୍ବର ଓ ଗୋଚର ଜମିରେ ଚାଷ କରିବାକୁ ଉତ୍ସାହିତ କରାଯାଏ ତେବେ ଏହା ଭବିଷ୍ୟତରେ ବହୁତ ଭଲ ଫଳାଫଳ ଦେବ ଏବଂ ପ୍ଲାଷ୍ଟିକ୍‌ର ବିକଳ୍ପ ହୋଇପାରିବ। ଗ୍ରାମୀଣ ଜୀବିକା ନିର୍ବାହରେ ବାଉଁଶର ବ୍ୟବହାର ପାଇଁ ଏକ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ଅଛି। ଚୀନର ଉଦାହରଣ ଅନୁସରଣ ପୂର୍ବକ ଆମ ଦେଶରେ ଉପଲବ୍ଧ ବିପୁଳ ପରିମାଣର ଅନୁର୍ବର ଜମିକୁ ପୁନରୁଦ୍ଧାର କରି ଗ୍ରାମୀଣ ସମ୍ପ୍ରଦାୟର ଆୟକୁ ଉନ୍ନତ କରିବା ପାଇଁ ବାଉଁଶ ଚାଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ହୁଦୁଡ଼ ଦୁର୍ଗା ଭାବେ ପୂଜା ପାଆନ୍ତି ମହିଷାସୁର

**ଓଜସ୍ୱିନୀ**

## ବିଚିତ୍ର ବିଶ୍ୱାସ

*ପୂର୍ବପ୍ରକାଶିତ ଉତ୍ତାରୁ...*

ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ଜିଲ୍ଲାର କେନ୍ଦାସୋଲ ସମେତ ଆଉ କେତେକ ଗାଁର ଅସୁର ଜନଜାତି ସପ୍ତମୀ ସନ୍ଧ୍ୟାଠାରୁ ଦଶମୀ ପର୍ଯ୍ୟନ୍ତ ମହିଷାସୁରଙ୍କ ଏକ ମୂର୍ତ୍ତି ନିର୍ମାଣ କରି 'ହୁଦୁଡ଼ ଦୁର୍ଗା' ଭାବେ ପୂଜା କରି ଆସୁଛନ୍ତି। ନବରାତ୍ରି ସମୟରେ ଏଠାରେ ଅନେକ ସ୍ଥାନରେ 'ମହିଷାସୁର ଶହାଦତ ଦିବସ' ପାଳିତ ହୋଇଥାଏ। ଅସୁର ଜନଜାତି ଏତେମାତ୍ରାରେ ମହିଷାସୁରଙ୍କୁ ଭକ୍ତି କରନ୍ତି ଯେ, ବିଗତ କିଛି ବର୍ଷ ଧରି ସେମାନେ ଦୁର୍ଗାଙ୍କ ହିଂସ୍ର ରୂପରେ ମହିଷାସୁର ବଧର ମୂର୍ତ୍ତିକୁ ବିରୋଧ କରୁଛନ୍ତି। କାରଣ ସେମାନଙ୍କ ମତାନୁସାରେ ଏହା ତାଙ୍କ ପୂର୍ବଜ ମହିଷାସୁରଙ୍କ ସହିତ ସମସ୍ତ ଅସୁର ସମ୍ପ୍ରଦାୟର ଅପମାନ। ସେମାନେ ଏ ସମ୍ପର୍କରେ ଅନେକ ଗଣମାଧ୍ୟମରେ ମଧ୍ୟ ସ୍ୱର ଉତ୍ତୋଳନ କରିଛନ୍ତି। ସମଗ୍ର ଭାରତରେ ପଶ୍ଚିମବଙ୍ଗରେ ଦୁର୍ଗାପୂଜା ସବୁଠାରୁ ଜାକଜମକରେ ଆୟୋଜନ ହେଉଥିଲେ ମଧ୍ୟ ଜଳପାଇଗୁଡ଼ି ଜିଲ୍ଲାସ୍ଥିତ ଅଲିପୁରଦୁଆରର ମାଝେରଡାବରି ଚା' ବଗିଚା ଅଞ୍ଚଳରେ ରହୁଥିବା ଅସୁର ଜନଜାତି ଦୁର୍ଗାପୂଜାର ୯ଦିନ ଶୋକ ପାଳନ କରିଥା'ନ୍ତି ଏବଂ କୌଣସି ଶୁଭ କାର୍ଯ୍ୟ କରିନଥା'ନ୍ତି।

କର୍ଣ୍ଣାଟକ ଓ ମୈସୁରରେ ମହିଷାସୁରଙ୍କ ବିଶାଳ ପ୍ରତିମା ସ୍ଥାନ ପାଇଛି। କୁହାଯାଏ ଯେ, ମୈସୁର ସହର(ମହିଷାସୁରାନା ଉରୁ- ଅର୍ଥାତ୍ ମହିଷାସୁରଙ୍କ ଦେଶ) ମହିଷାସୁରଙ୍କ ନାମାନୁଯାୟୀ ରଖାଯାଇଛି। କର୍ଣ୍ଣାଟକର ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା କେତେକ ସମ୍ପ୍ରଦାୟ ସମ୍ପୂର୍ଣ୍ଣ ବିଧିବିଧାନର ସହ ମହିଷାସୁରଙ୍କ ପୂଜା କରିଥା'ନ୍ତି। ବିଭିନ୍ନ ସ୍ଥାନୀୟ ଲୋକକଥା ଅନୁସାରେ ମହିଷାସୁରଙ୍କୁ କୁଣ୍ଡୋଦରା, ମହିଷନ୍ଧା, ମେଷନ୍ଧା ଓ ନନ୍ଦିକୋନା ଆଦି ନାମରେ ଦେବତା ଭାବେ ପୂଜା କରାଯାଏ। ବିଶେଷ ଭାବେ ସେମାନେ ମଇଁଷିକୁ ପୂଜା କରିଥା'ନ୍ତି। ଏହି ସମ୍ପ୍ରଦାୟଙ୍କ ମଧ୍ୟରେ ଭୂତାରାଦନେ ଓ ଦେବରାଧନେ ନାମକ ଦୁଇଟି ପରମ୍ପରା ରହିଛି, ଯାହା ମାଧ୍ୟମରେ ସେମାନେ ଅଦ୍ୱିତୀୟ ଦେବତା ଓ ଭୂତପ୍ରେତ(ଆତ୍ମା)ଙ୍କୁ ପୂଜା କରିଥା'ନ୍ତି। ତେଣୁ



ପରମ୍ପରା ଅନୁସାରେ ସେମାନେ ମହିଷାସୁରଙ୍କୁ ତାଙ୍କର ଆଦିଦେବତା ଭାବେ ଦେବରାଧନେ ବିଧିରେ ପୂଜାର୍ଚ୍ଚନା କରିଥା'ନ୍ତି। ମୈସୁର ବ୍ୟତୀତ ମାଧବାଚାର୍ଯ୍ୟଙ୍କ ଦ୍ୱୈତ ଦର୍ଶନର ପୀଠ ଉଡ୍ଡୁପି ସ୍ଥିତ ଶ୍ରୀକୃଷ୍ଣ ମଠରେ ମଧ୍ୟ ଭୂତରାଜ ଭାବେ ମହିଷାସୁରଙ୍କୁ ପୂଜା କରାଯାଉଛି। ମଠ ପରିସରରେ ଥିବା ଅନନ୍ତେଶ୍ୱର ମନ୍ଦିରରର ରକ୍ଷକ ହେଉଛନ୍ତି ମହିଷାସୁର। ସ୍ଥାନୀୟ ମାନ୍ୟତା ଅନୁସାରେ ଯେଉଁମାନେ ମହିଷାସୁରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ନ ମାନନ୍ତି, ସେମାନଙ୍କ ପରିବାରରେ ବିଭିନ୍ନ ସମସ୍ୟା ଆସିଥାଏ। ତେଣୁ ସେମାନେ ମହିଷାସୁରଙ୍କୁ ଅନ୍ନ, ମୁଢ଼ି, ଫଳ, ନଡ଼ିଆ, ନଡ଼ିଆ ଚଅଁର, ଧୂପ, ଦୀପ, ଫୁଲ ଅର୍ପଣ କରିବା ସହିତ କୁକୁଡ଼ା ବଳି ଦେଇ ସନ୍ତୁଷ୍ଟ କରି ଆଶିଷ ଭିକ୍ଷା କରନ୍ତି। ଏହାପରେ ମହିଷାସୁରଙ୍କ ଆତ୍ମା ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ ହୋଇଥା'ନ୍ତି ଏବଂ ଅନେକ ପାରିବାରିକ ସମସ୍ୟା ନେଇ ଆସିଥିବା ଭକ୍ତମାନଙ୍କର ସମସ୍ୟାର ସମାଧାନ କରିଥା'ନ୍ତି। ଏହି ସମୟରେ ଉତ୍ତମ ପାରିବାରିକ ଓ ସାମାଜିକ ଚଳଣି ସମ୍ପର୍କିତ ଅନେକ ନୀତିନିୟମ ସମ୍ପର୍କରେ ସେ ଉପଦେଶ ମଧ୍ୟ ଦେଇଥା'ନ୍ତି। ଏହି ନିୟମଗୁଡ଼ିକ ଯେଉଁମାନେ ପାଳନ କରନ୍ତି ନାହିଁ, ସେମାନଙ୍କ ଉପରେ ମହିଷାସୁରଙ୍କ କୋପଦୃଷ୍ଟି ପଡ଼ିଥାଏ ଏବଂ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ତେବେ ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଈଶ୍ୱରୀୟ ସତ୍ତା ସହିତ ଆସୁରିକ ଶକ୍ତି ଉପରେ ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ କେବଳ ଭାରତରେ ହିଁ ସମ୍ଭବ। (ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରାଜନୈତିକ ହଟଚମଟ କରୁଛନ୍ତି ଏଜି: ବିଜେଡି

ଭୁବନେଶ୍ୱର,୨୫।୯(ସମିସ): ମହାନଦୀ ଜଳ ବିବାଦ ଏକ କୃତ୍ରିମ ବିବାଦ ଭାବେ ସୃଷ୍ଟି କରାଯାଇଥିଲା ବୋଲି ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଦେଇଥିବା ମନ୍ତବ୍ୟ ଉପରେ କଡ଼ା ପ୍ରତିକ୍ରିୟା ଦେଇଛି ବିଜେଡି। ଏଜିଙ୍କ ମନ୍ତବ୍ୟ କେବଳ ରାଜନୈତିକ ହଟଚମଟ ପାଇଁ ଉଦ୍ଦିଷ୍ଟ । ଶ୍ରୀ ଆଚାର୍ଯ୍ୟଙ୍କ ହିସାବରେ ଯଦି ଏହା ଏକ କୃତ୍ରିମ ସମସ୍ୟା, ତାହେଲେ ବିଜେପି କ୍ଷମତାକୁ ଆସିବାର ପନ୍ଦର ମାସ ପରେ ମଧ୍ୟ ଏହାକୁ ସମାଧାନ କରିବା ପାଇଁ ସଫଳ ହୋଇପାରି ନାହିଁ କାହିଁକି ବୋଲି ପ୍ରଶ୍ନ କରିଛି ବିଜେଡି ।

ବିଜେଡି ପକ୍ଷରୁ ଜାରି ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ.ଲେନିନ ମହାନ୍ତି କହିଛନ୍ତି ଯେ ଆଡଭୋକେଟ ଜେନେରାଲ ଗୋଟିଏ ସାମ୍ବିଧାନିକ ପଦବୀ । ସେହି ପଦବୀରେ ଥିବା ବ୍ୟକ୍ତିମାନେ ସାଧାରଣତଃ କୌଣସି ରାଜନୈତିକ ବକ୍ତବ୍ୟ ପ୍ରଦାନ କରନ୍ତି ନାହିଁ। ଶ୍ରୀ ଆଚାର୍ଯ୍ୟ ଆଜି ଦେଇଥିବା ବକ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହା ପୂର୍ବ ସରକାରଙ୍କ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ ପାଇଁ ଉଦ୍ଦିଷ୍ଟ। ଏହାଛଡା ଶ୍ରୀ ଆଚାର୍ଯ୍ୟଙ୍କ ବକ୍ତବ୍ୟରେ କୌଣସି ସତ୍ୟତା ନାହିଁ; ଶ୍ରୀ ଆଚାର୍ଯ୍ୟ ବକ୍ତବ୍ୟ ଅନୁସାରେ ଯଦି ମହାନଦୀ ଜଳ ବିବାଦ କୃତ୍ରିମ ଥିଲା ତା ହେଲେ ସରକାର ପରିବର୍ତ୍ତନ ପରେ ସମସ୍ୟା ସମାଧାନ ପାଇଁ ଗୋଟିଏ ମିନିଟ ମଧ୍ୟ ଲାଗିବା ଉଚିତ ନୁହେଁ। କେବଳ ଓଡ଼ିଶାରେ ନୁହେଁ କେନ୍ଦ୍ରରେ ଓ ଛତିଶଗଡ଼ରେ ମଧ୍ୟ ବିଜେପି ସରକାର ଅର୍ଥାତ ଟ୍ରିପଲ ଇଞ୍ଜିନ ସରକାର ରହିଛି। ଏହାପରେ ମଧ୍ୟ ରାଜ୍ୟରେ ବିଜେପି ସରକାର ଆସିବା ପନ୍ଦର ମାସ ବିତିଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ କାହିଁକି? ଏଥିରୁ ସ୍ପଷ୍ଟ ହେଉଛି ଯେ ମହାନଦୀ ଜଳ ବିବାଦ କୃତ୍ରିମ ନ ଥିଲା। ଶ୍ରୀ ଆଚାର୍ଯ୍ୟଙ୍କ ଆଜିର ମନ୍ତବ୍ୟ କେବଳ ରାଜନୈତିକ ହଟଚମଟ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ଡ. ମହାନ୍ତି ଆହୁରି କହିଛନ୍ତି ଯେ କେବଳ ଦାମୀ ଓକିଲଙ୍କୁ ପୋଷିବା ପାଇଁ ମହାନଦୀ ଜଳ ବିବାଦ ସୃଷ୍ଟି କରାଯାଇଥିଲା ବୋଲି ଦେଇଥିବା ମନ୍ତବ୍ୟ ମଧ୍ୟ ହାସ୍ୟାସ୍ପଦ। ସେ ଆଡଭୋକେଟ ଜେନେରାଲ ପଦବୀ ଗ୍ରହଣ କରିବା ପରେ ରାଜ୍ୟର ଆଡଭୋକେଟ ଜେନେରାଲ ପାଉଥିବା ପାରିତୋଷିକକୁ ଅହେତୁକ ବୃଦ୍ଧି କରାଯାଇଛି କି ? କେଉଁ କାରଣରୁ ଏପରି ବୃଦ୍ଧି କରାଯାଇଛି ତାହା ଶ୍ରୀ ଆଚାର୍ଯ୍ୟ ସ୍ପଷ୍ଟ କରିବେ କି? ରାଜ୍ୟର ଆଡଭୋକେଟ ଜେନେରାଲ ପଦବୀରେ ପୂର୍ବରୁ କାର୍ଯ୍ୟ କରି ଆସୁଥିବା ବ୍ୟକ୍ତି ମାନଙ୍କ ଅପେକ୍ଷା ଶ୍ରୀ ଆଚାର୍ଯ୍ୟ କଣ ଅଧିକ ଯୋଗ୍ୟ। ତେଣୁ ଓକିଲଙ୍କୁ ପୋଷିବା ପାଇଁ ବିବାଦ ସୃଷ୍ଟି ହୋଇଥିଲା ବୋଲି ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ। ଏଭଳି ବିବାଦୀୟ ମନ୍ତବ୍ୟ ଦେଇ ଶ୍ରୀ ଆଚାର୍ଯ୍ୟ ଆଡଭୋକେଟ ଜେନେରାଲ ପଦବୀର ମର୍ଯ୍ୟାଦାହାନୀ କରିଛନ୍ତି। ଯେ ପର୍ଯ୍ୟନ୍ତ ସେ ଏହି ଗରିମାମୟ ପଦବୀରେ ଅଛନ୍ତି, ତାଙ୍କର ଆଚରଣ ଓ ଉଚ୍ଚାରଣ ପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ସେ କହିଛନ୍ତି।

■ ମହାନଦୀ ଜଳ ବିବାଦ ଯଦି କୃତ୍ରିମ, ତେବେ ସମାଧାନ ପାଇଁ ବିଳମ୍ବ କାହିଁକି
■ ଆଚାର୍ଯ୍ୟଙ୍କ ମନ୍ତବ୍ୟ ଆଡଭୋକେଟ ଜେନେରାଲ ପଦର ଗରିମା କ୍ଷୁଣ୍ଣ କରିଛି




■ ଲିଙ୍ଗରାଜ ମନ୍ଦିର ନିକଟରେ 'ସ୍ୱଚ୍ଛତା ହି ସେବା ୨୦୨୫'

## 'ଗଣସଫେଇ ଅଭିଯାନ'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୯(ସମିସ): ସ୍ୱଚ୍ଛତା ହିଁ ସେବା ୨୦୨୫ ଅଭିଯାନ ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାଶ୍ୱରେ ଆୟୋଜିତ ଗଣସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା ଓ ନୂଆ ଓଡ଼ିଶାରେ ପରିଣତ କରିବା ପାଇଁ ଆମ ସମସ୍ତଙ୍କୁ ଆଜି ସଂକଳ୍ପ ନେବାକୁ ପଡିବ। ସ୍ୱଚ୍ଛତା କ୍ଷେତ୍ରରେ ସମସ୍ତଙ୍କୁ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି। ସଫେଇ କ୍ଷେତ୍ରରେ ଦେଶର ପ୍ରଥମ ତିନୋଟି ସ୍ଥାନରେ ରହିବା ପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡିବ। ଆଗାମୀ ଦିନରେ ଆବର୍ଜନାରୁ କୋଇଲା ଏବଂ କୋଇଲାରୁ ଶକ୍ତି ଉତ୍ପାଦନ କରିବା ପାଇଁ ଆମର ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଭାରତୀୟ ସାଂସ୍କୃତିକ ବିଚାରଧାରା ସହିତ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ, ସେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, କର୍ପୋରେଟରମାନଙ୍କ ସହ ବିଜେପି ନେତା ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିଲେ।

## ତେଜସ ଜେଟ୍ ପାଇଁ 'ହାଲ୍' ସହିତ ବୁଝାମଣା

ନୂଆଦିଲ୍ଲୀ, ୨୫।୯: ୯୭ଟି ତେଜସ୍ ଯୁଦ୍ଧ ବିମାନ ଲାଗି ପ୍ରତିରକ୍ଷା ବିଭାଗ ଆଜି ହାଲ୍ (ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଏଥିରେ ୬୮ଟି ଲଢୁଆ ବିମାନ ଏବଂ ୨୯ଟି ଟୁଇନ୍ ସିଟର ବିମାନ ରହିଛି। ୬୨ ହଜାର ୩୭୦ କୋଟି ଟଙ୍କାରେ ଏହି ତେଜସ୍ ବିମାନ କିଣାଯିବ ବୋଲି ବାୟୁ ସେନା ପକ୍ଷରୁ କୁହାଯାଇଛି। ବାୟୁ ସେନାରେ ଲଢୁଆ ବିମାନ ସଂଖ୍ୟା କମିକମି ଯାଉଥିବାରୁ ସେନା ଚିନ୍ତାରେ ପଡ଼ିଯାଇଛି। ପୂର୍ବରୁ ଯୁଦ୍ଧ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମିଗ୍ ବିମାନ ଆସନ୍ତାକାଲି ଶୁକ୍ରବାର ଦିନ ଅବସର ନେବାପରେ ଭାରତୀୟ ବାୟୁ ସେନାରେ ଫାଇଟର ସ୍କ୍ୱାର୍ଡନ ସଂଖ୍ୟା ୩୦କୁ ହ୍ରାସ ପାଇବ। ସୂଚନାଯୋଗ୍ୟ ଯେ ତେଜସ୍‌ର ୬୪ ପ୍ରତିଶତ ଯନ୍ତ୍ରାଂଶ ଭାରତରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ କରାଯାଉଛି।

## ଯାଞ୍ଚ ହେବ ବେଆଇନ ପାଥୋଲାବ୍ ଓ କ୍ଲିନିକ୍

### ସିଏଚ୍‌ସି ସୁପରିଟେଣ୍ଡେଣ୍ଟ୍‌ଙ୍କୁ ଚିଠି ଲେଖିଲେ ସିଡିଏମ୍‌ଓ

ଭୁବନେଶ୍ୱର,୨୫।୯(ସମିସ): ବର୍ଷ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲାରେ ଚାଲୁଥିବା ବେଆଇନ ପାଥୋଲାବ୍ ଓ କ୍ଲିନିକ୍‌ଗୁଡ଼ିକର ଯାଞ୍ଚ ହେବ। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସିଏଚ୍‌ସି ସୁପରିଟେଣ୍ଡେଣ୍ଟ୍‌ମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ସିଏଚ୍‌ସି ଅଧୀନରେ ଥିବା ଏହି ବେଆଇନ ସ୍ୱାସ୍ଥ୍ୟାନୁଷ୍ଠାନର ତାଲିକା ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ଦେବା ପାଇଁ କୁହାଯାଇଛି। ବେଆଇନ ଭାବେ ସ୍ଥାପିତ ପାଥୋଲାବ୍ ଓ କ୍ଲିନିକ୍‌ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାପଡ଼ିଛି। ଏ ପ୍ରସଙ୍ଗରେ ଗତ ସେପ୍ଟେମ୍ବର ୧୯ରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଥିବା ଜଣାପଡ଼ିଛି। ବର୍ଷ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲାରେ ବିନା ପଞ୍ଜିକରଣରେ ଶତାଧିକ ପାଥୋଲାବ୍ ଓ କ୍ଲିନିକ୍ ଚାଲୁଛି। ସରକାରୀ ଭାବେ କେବଳ ୪୪ଟି ପାଥୋଲାବ୍‌କୁ ଅନୁମତି ମିଳିଛି; ମାତ୍ର ଶତାଧିକ ବେନାମୀ ସଂସ୍ଥା ଖୋଲିଛି। ରୋଗୀମାନଙ୍କର ଏମାନେ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା କରି ଭୁଲ୍ ରିପୋର୍ଟ ଦେଉଛନ୍ତି। ଫଳସ୍ୱରୂପ ଭୁଲ୍ ଚିକିତ୍ସାରେ ରୋଗୀ ଖର୍ଚ୍ଚାନ୍ତ ହେବା ସହ ପ୍ରାଣହାନୀ ଘଟୁଛି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ନଚେତ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସାଧାରଣ ନିରୀହ ରୋଗୀଙ୍କ ଜୀବନ ବିପନ୍ନ ହୋଇଯିବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।

'ସକାଳ' ପ୍ରଭାବ

## ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା

ମାଲକାନଗିରି, ୨୫।୯(ସମିସ): ମାଲକାନଗିରି ଜିଲ୍ଲା ଏମ୍‌ଭି ୧୩ ଗ୍ରାମର ନର୍ସିଂ ଛାତ୍ରୀ ଅଙ୍କିତା ବିଶ୍ୱାସ ଆତ୍ମହତ୍ୟା କରିଛନ୍ତି। ପ୍ରେମରେ ବିଫଳ ହୋଇ କିଛି ଦିନ ପୂର୍ବେ ସେ ଏକ ବଟିକା ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହସ୍ପିଟାଲରୁ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ଆଜି ବେକରେ ଫାଶି ଲଗାଇ ସେ ଆତ୍ମହତ୍ୟା କରିଛି।

ସୂଚନା ଅନୁଯାୟୀ, ଅଙ୍କିତା ଜିଲ୍ଲା ସଦରରେ ଥିବା ଏକ ଘରୋଇ କଲେଜରେ ବିଏସ୍‌ସି ନର୍ସିଂର ଶେଷ ବର୍ଷର ଛାତ୍ରୀ ଥିଲେ। ପ୍ରେମ ସମ୍ପର୍କକୁ ନେଇ ସେ ପୂର୍ବରୁ କୌଣସି ଏକ ବଟିକା ଖାଇ ଦେବାରୁ ଗୁରୁତର ଅବସ୍ଥାରେ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତକାଲି ସୁସ୍ଥ ହୋଇ ସେ ଘରକୁ ଫେରିଥିଲେ। ତେବେ ଆଜି ପୁନର୍ବାର ସେ ନିଜ ଘରେ ଫାଶି ଲଗାଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ଝିଅକୁ ଝୁଲନ୍ତା ଅବସ୍ଥାରେ ଦେଖି ତାଙ୍କ ବାପା ବୃନ୍ଦାବନ ବିଶ୍ୱାସ ତାଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରେମଜନିତ କାରଣକୁ ନେଇ ଅଙ୍କିତା ଆତ୍ମହତ୍ୟା କରିଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି । ଏହାକୁ ନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

### ମୋଟରଯାନ ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ

## ୩ ଦିନରେ ୩୪୯୪ ଇ-ଚାଲାଣ ଓ ୫୪ ଲକ୍ଷ ଜରିମାନା

କଟକ, ୨୫।୯(ସମିସ): ମୋଟରଯାନ ନିୟମ ଉଲ୍ଲଂଘନ ବିରୋଧରେ ପରିବହନ ବିଭାଗର ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଜାରି ରହିଛି। ତିନି ଦିନରେ ରାଜ୍ୟରେ ସମୁଦାୟ ୩,୪୯୪ ଚାଲାଣ ଜାରି ହୋଇଛି। ଜରିମାନା ବାବଦରେ ୫୪ ଲକ୍ଷ ୮୨ହଜାର ୪୬୨ ଟଙ୍କା ଆଦାୟ କରାଯାଇଛି। ଓଭରଲୋଡିଂ ପାଇଁ ୧୭୬ଟି ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଥିବା ବେଳେ ଫିଟନେସ୍ ଓ ପରମିଟ୍ ବାବଦରେ ୯୪୨ ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଛି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନିୟମ ଉଲ୍ଲଙ୍ଘନ ପାଇଁ ୯୭୭, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୨୧୪, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ପାଇଁ ୧୩୦, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନିୟମ ଉଲ୍ଲଙ୍ଘନ ଯୋଗୁଁ ୨୦୪ଟି ଇ-ଚାଲାଣ ଜାରି କରାଯାଇଛି।

ଗତ ୩ ଦିନ ମଧ୍ୟରେ ରାଜ୍ୟବ୍ୟାପୀ ଆରଟିଓ ଟିମ୍ ଦ୍ୱାରା ମୋଟର ଯାନର ୭ଟି ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ କରାଯାଇଛି। ଓଭରଲୋଡିଂ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର, ବିନା ଫିଟନେସ୍, ବିନା ପରମିଟ୍ ଓ ବିନା ପ୍ରଦୂଷଣ ପ୍ରମାଣପତ୍ର ଭଳି ନିୟମ ଉଲ୍ଲଙ୍ଘନ ସହ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ ହୋଇଛି। ଗାଡ଼ି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କ୍ଷେତ୍ରରେ ଏଆରଟିଓ ବଡ଼ବିଲଙ୍କ ଦ୍ୱାରା ସର୍ବାଧିକ ୮୦ଟି ଇ-ଚାଲାଣ, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥିବାରୁ ବରଗଡ଼ ଆରଟିଓଙ୍କ ଦ୍ୱାରା ସର୍ବାଧିକ ୩୬ଟି ଇ-ଚାଲାଣ ଜାରି ହୋଇଛି। ଭରଲୋଡିଂ ବାବଦରେ ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୨୨ଟି ,ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ଯୋଗୁଁ ଗଞ୍ଜାମ ଆରଟିଓଙ୍କ ଦ୍ୱାରା ୧୫ଟି ଇ-ଚାଲାଣ ଜାରି କରାଯାଇଛି। ଗାଡ଼ି ଚଳାଉଥିବା ବେଳେ ମୋବାଇଲ ଫୋନ ବ୍ୟବହାର ଯୋଗୁଁ ଝାରସୁଗୁଡା ଆରଟିଓଙ୍କ ଦ୍ୱାରା ସର୍ବାଧିକ ୧୯ଟି ଇ-ଚାଲାଣ ଜାରି କରାଯାଇଛି। ଫିଟନେସ ଓ ପରମିଟ୍ ପ୍ରମାଣପତ୍ର ନିୟମ ଉଲ୍ଲଙ୍ଘନ ବିରୋଧରେ ଏନଫୋର୍ସମେଣ୍ଟରେ ଝାରସୁଗୁଡ଼ାରେ ୬୯ଇ-ଚାଲାଣ ଜାରି ହୋଇଛି। ଜରିମାନା ବାବଦରେ ସର୍ବମୋଟ୍ ଭୁବନେଶ୍ୱର-୧ ଆରଟିଓରେ ସର୍ବାଧିକ ୧୫,୧୯,୧୯୧ ଟଙ୍କା ଆଦାୟ ହୋଇଥିବା ବେଳେ ବଲାଙ୍ଗିରରେ ୪,୭୭,୮୬୫, ବାଲେଶ୍ୱରରେ ୩,୭୧,୬୩୧, ସୋନପୁରରେ ୩,୩୦,୩୨୪, ଝାରସୁଗୁଡ଼ା ଆରଟିଓଙ୍କ ଦ୍ୱାରା ୨,୪୮,୫୫୫, ରାୟଗଡ଼ାରେ ୨,୪୬,୦୦୦ ଓ ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୨,୩୯,୯୫୦, ଟଙ୍କା ଆଦାୟ କରାଯାଇଛି।

ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ପାଇଁ ୧୩୦ ଚାଲାଣ

## ଅବଶିଷ୍ଟାଂଶ

### ଦକ୍ଷିଣକୁ ବର୍ଷା...

ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ସବୁଠୁ ଅଧିକ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଶୁକ୍ରବାର କୋରାପୁଟ ଓ ମାଲାକାନଗିରି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୭ରେ ମଧ୍ୟ ସମାନ ସ୍ଥିତି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ଅନ୍ୟପଟେ ଗଲା ଲଘୁଚାପ ଯୋଗୁଁ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦକୁ ପ୍ରବଳ ବନ୍ୟା ଜଳ ପ୍ରବେଶ କରୁଛି। ଏଥିପାଇଁ ହୀରାକୁଦରୁ ଆଜି ଆଉ ୪ଟି ଗେଟ୍ ସହ ମୋଟ୍ ୨୦ଟି ଗେଟ୍ ଦେଇ ସାଢ଼େ ୩ଲକ୍ଷ କ୍ୟୁସେକରୁ ଅଧିକ ବନ୍ୟା ଜଳ ନିଷ୍କାସିତ କରାଯାଉଛି। ଯେହେତୁ ତଳମୁଣ୍ଡରେ ଦୁଇ ଦିନ ହେବ ବର୍ଷା ସାମାନ୍ୟ କମିଛି, ତେଣୁ ମୁଣ୍ଡଳୀରେ ଯେଉଁ ପରିମାଣରେ ବନ୍ୟା ଜଳ ଆସିବ ବୋଲି ଆକଳନ କରାଯାଇଥିଲା, ସେଥିରେ ହ୍ରାସ ଘଟିବ ବୋଲି ଜଳସମ୍ପଦ ବିଭାଗ କହିଛି। ୨୬ ତାରିଖରେ ମୁଣ୍ଡଳିରେ ସକାଳ ୮ ରୁ ୧୧ ଟା ମଧ୍ୟରେ ୬ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେବ ବୋଲି ବିଭାଗ କହିଛି। ଏହା ପ୍ରଭାବରେ ମହାନଦୀର ଶାଖା ନଦୀଗୁଡ଼ିକରେ ଜଳସ୍ତର ବଢ଼ିବ। କିନ୍ତୁ ବର୍ଷା କମିଥିବାରୁ ବନ୍ୟା ସ୍ଥିତି ଦେଖିବାକୁ ମିଳିବ ନାହିଁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଆଗକୁ ଥିବା ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶା ପ୍ରଭାବିତ ହେବ। ଏହାଦ୍ୱାରା ଦକ୍ଷିଣ ଓଡ଼ିଶା ଜିଲ୍ଲାଗୁଡ଼ିକରେ ଥିବା ଜଳ ଭଣ୍ଡାର ଗୁଡିକରେ ଜଳ ସଂରକ୍ଷଣ ହୋଇ ରହିବ।

### ୧୮ ଜିଲ୍ଲାପାଳଙ୍କୁ...

ଯନ୍ତ୍ରୀ, ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ସତର୍କତାମୂଳକ ପଦକ୍ଷେପସ୍ୱରୂପ, ବିଶେଷ ଭାବେ ପ୍ରଭାବିତ ହେବାକୁ ଥିବା କୋରାପୁଟ ଓ ମାଲକାନାଗିରି ସହିତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ କର୍ମ କ୍ଷେତ୍ରରେ ରହି ପରିସ୍ଥିତିର ମୁକାବିଲା କରିବା ପାଇଁ ସଜାଗ ରହିବାକୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ଅଗ୍ନିଶମ ସେବା ଏବଂ ଓଡ୍ରାଫ୍ ଦଳଗୁଡ଼ିକୁ ନିୟୋଜିତ କରିବା ସହ ଯେକୌଣସି ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ଡ୍ରେନେଜ୍ ଇଞ୍ଜିନିୟର/ଅଧିକାରୀମାନଙ୍କୁ ଲୋକ ଏବଂ ଯନ୍ତ୍ରପାତି ସହିତ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରଶାସନ ସଂପୂର୍ଣ୍ଣ ରୂପରେ ପ୍ରସ୍ତୁତ ଅଛନ୍ତି। ରାଜ୍ୟ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି ବୋଲି ଏସ୍‌ଆରସି କହିଛନ୍ତି। ଏହି ବୈଠକରେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଟ୍ରେନ୍‌ରୁ 'ଅଗ୍ନି'...

ଡିଆର୍‌ଡିଓ ସୂତ୍ରରୁ ପ୍ରକାଶ ଯେ ଏହି କ୍ଷେପଣାସ୍ତ୍ରର ପରୀକ୍ଷା କାନିଷ୍ଟରାଇଜଡ ଲଞ୍ଚ ସିଷ୍ଟମରୁ କରାଯାଇଛି। କାନିଷ୍ଟରାଇଜଡ ଲଞ୍ଚ ସିଷ୍ଟମ ହେଉଛି ମିସାଇଲ ଲଞ୍ଚ୍ କରିବାର ଏକ ଅତ୍ୟାଧୁନିକ ବ୍ୟବସ୍ଥା। ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ ଟ୍ରେନ୍ ଡିଜାଇନ୍ କରାଯାଇଥିଲା। ଏହି ଟ୍ରେନ୍ ରେଳ ଲାଇନ୍ ଥିବା ଦେଶରୁ ସବୁ ସ୍ଥାନକୁ ଯାଇପାରିବ। ଓଡ଼ିଶାର ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପପୁଞ୍ଜ ପରୀକ୍ଷଣ କେନ୍ଦ୍ରରୁ ଏହି ପରୀକ୍ଷା କରାଯାଇଛି। ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ର ୨୦୦୦ କିମି ପର୍ଯ୍ୟନ୍ତ ନିଜର ଲକ୍ଷ୍ୟ ଭେଦ କରିପାରିବ। ଏଥିରେ ବହୁତ ଅତ୍ୟାଧୁନିକ ଆଡଭାନ୍ସଡ ଫିଚର ରହିଛି। ଏହି ପରୀକ୍ଷା ଭାରତ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଶତ୍ରୁ ଦୃଷ୍ଟିରୁ ଲୁଚି ରହିବା ପାଇଁ ନିଜ ମିସାଇଲକୁ ରେଳ ସୁଡଙ୍ଗରେ ଲୁଚାଇ ରଖାଯାଇପାରିବ। ରାତିର ଘନ ଅନ୍ଧାକାରରେ ଓ କୁହୁଡି ତଥା ଧୂଆଁଳିଆ ଇଲାକା ମଧ୍ୟରେ କ୍ଷେପଣାସ୍ତ୍ର ଲଞ୍ଚ କରାଯାଇପାରିବ। ଦେଶର ରେଳ ନେଟୱର୍କ ଉପଯୋଗ ସହ ପୂର୍ବ ପ୍ରସ୍ତୁତି ବିନା ଯେକୌଣସି ସ୍ଥାନରୁ ମୋବାଇଲ ଲଞ୍ଚର ଯୋଗେ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ପ୍ରଣାଳୀ ବ୍ୟବହାରରେ ଏହା ପ୍ରଥମ।

ଉତ୍‌କ୍ଷେପଣ ପରେ କ୍ଷେପଣାସ୍ତ୍ରର ଗତି, ବେଗ ଓ କାର୍ଯ୍ୟଦକ୍ଷତା ନିରୀକ୍ଷଣରୁ ମିଳିଥିବା ତଥ୍ୟ ଅନୁସାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଏହି ପରୀକ୍ଷଣ ସମସ୍ତ ପ୍ରକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହାସଲ କରିପାରିଛି। ଭବିଷ୍ୟତରେ ସେନାବାହିନୀ ଦ୍ୱାରା ରେଳ ନେଟୱର୍କ ଭିତ୍ତିକ ବ୍ୟବସ୍ଥା ବ୍ୟବହାର ନେଇ ଏହି ସଫଳ ପରୀକ୍ଷଣ ବାଟ ଫିଟାଇଛି। 'ଅଗ୍ନି ପ୍ରାଇମ'ର ସଫଳ ପରୀକ୍ଷଣକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ଓ ଭାରତୀୟ ସେନାବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗର ସଚିବ ତଥା ଡିଆରଡିଓର ଚେୟାରମ୍ୟାନ ଡ. ଭି କାମତ ଏହି ସଫଳ ପରୀକ୍ଷଣରେ ଅଂଶଗ୍ରହଣକାରୀ ସମସ୍ତ ସଂସ୍ଥାକୁ ଅଭିନନ୍ଦନ ଜଣାଇଛନ୍ତି।

### ବସ୍-ଟ୍ରକ୍...

ସେହିପରି, ଏହି ଅଘଟଣରେ ୨୦ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ଜଣଙ୍କ ଅବସ୍ଥା ଗୁରୁତର ଜଣାପଡ଼ିଛି। ସେମାନଙ୍କୁ କେ.ବଲାଙ୍ଗ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରେ ୩ ଶିଶୁ ରହିଛନ୍ତି। ପୁଲିସ ଘଟଣାସ୍ଥଳରୁ ୫ଶବ ଜବତ କରି ଲହୁଣୀପଡ଼ା ଡାକ୍ତରଖାନାକୁ ନେଇଥିଲା। ସେଠାରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଏହି ସହାୟତା ରାଶି ପ୍ରଦାନ କରାଯିବ।

ସୂଚନାନୁଯାୟୀ, ରାଉରକେଲାରୁ ବଡ଼ବିଲ ଯାଉଥିବା ଲିଙ୍ଗରାଜ ଯାତ୍ରୀବାହୀ ବସ୍‌ଟି ୫୨୦ନମ୍ବର ଜାତୀୟ ରାଜପଥରେ କେ. ବଲାଙ୍ଗ ନିକଟରେ ଟ୍ରକ୍ ସହ ଧକ୍କା ହୋଇଥିଲା। ରକ୍ସି ରେଳ ଫାଟକ ନିକଟରୁ ଗୋଟିଏ ରାସ୍ତା ସମ୍ପୂର୍ଣ୍ଣ ଜାମ ରହିଥିବାରୁ ଉକ୍ତ ବସ୍‌ଟି ରଙ୍ଗ ରୁଟ୍‌ରେ ଯାଇଥିଲା। ତେବେ ଅପରପଟରୁ କୋଇଡ଼ା ପଟକୁ ଆସୁଥିବା ଏକ ଲୁହାପଥର ବୋଝେଇ ହାଇୱା ଉକ୍ତ ବସକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଏକ ଭୟଙ୍କର ଦୁର୍ଘଟଣା ଘଟିଥିଲା। ଖବର ପାଇ କେ.ବଲାଙ୍ଗ ପୁଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି କରିଥିଲେ।

ଉଲ୍ଲେଖଯୋଗ୍ୟ, ରକ୍ସି ଗ୍ରାମର ୩ ଜଣ ଓ ନିକଟସ୍ଥ ମଞ୍ଜାବେଡ଼ା ଗ୍ରାମର ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେହିପରି କେ. ବଲାଙ୍ଗ ଓ ଲହୁଣୀପଡ଼ା ଡାକ୍ତରଖାନାରେ ମୃତାହତ ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ଡାକ୍ତରଖାନା ପରିସର ଫାଟି ପଡ଼ିଛି।

### ଦୁଇ ବାଇକ୍...

ଜଣ ଓ ଅନ୍ୟଟିରେ ୨ ଜଣ ବସିଥିଲେ। ଦୁଇଜଣଙ୍କ ମୁଣ୍ଡରେ ଆଘାତ ଯୋଗୁଁ ଘଟଣା ସ୍ଥଳରେ ହିଁ ସେମାନେ ପ୍ରାଣ ହରାଇଥିଲେ। ଅନ୍ୟ ୪ଜଣଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ସ୍ଥାନୀୟ ଯୁବକ ନାରାୟଣପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମୃତ ଦୁଇ ଆଦିବାସୀ ଯୁବକ ହେଉଛନ୍ତି ଗାଦାବା ଗୁଡା ଗ୍ରାମର ଅଭି ମାଣ୍ଡିଙ୍ଗି(୨୨) ଓ ଅନ୍ୟଜଣେ ଶରତ ତାଡିଙ୍ଗି (୨୨)। ଆହତମାନେ ହେଲେ ଶତିଖାଲର ଗଣେଶ ଶରଡିଆ, ପିଣ୍ଟୁ ଶରଡିଆ, ଗାଦବାଗୁଡାର ନରୀ ମାଣ୍ଡିଙ୍ଗି (୧୫,) ଶୀବାନା ଶିରିକା (୧୮)। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକା କୁ ସ୍ଥାନାନ୍ତରିତ କରାଯାଇଥିବା ସୂଚନା ମିଳିଛି। ବିଧାୟକ ପବିତ୍ର ସାଉଁନ୍ତା ପରିବାର ବର୍ଗକୁ ସମାବେଦନ ଜଣାଇଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIV BBS2025041, ତା.18.09.2025ରିଖ

କାର୍ଯ୍ୟର ନାମ: EPC ମୋଡ୍‌ରେ ସମ୍ବଲପୁର ସିଟି-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ସମ୍ବନ୍ଧୀୟ ମେଜର (Major) ପୋଲ, ରୋଡ଼ ଓଭର ବ୍ରିଜ୍ ଏବଂ ରୋଡ଼ ଅଣ୍ଡର ବ୍ରିଜ୍‌ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 41036.00 ଲକ୍ଷ, EMD (ଟଙ୍କାରେ): 2,00,00,000/-, କାର୍ଯ୍ୟ ଶେଷ ହେବା ଅବଧି: 24 (ଚବିଶି) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.18.11.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ସିଧାସଳଖ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-118/CI/25-26

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit before the Executive Magistrate, Bhubaneswar, Affidavit No - 54 on dated 24.09.2025. I Susmita Rout, W/o- Sarat Kumar Rout, residing at Plot No. 986/966, Prakruti Vihar, Baramunda, Bhubaneswar-751003, Dist- Khordha, Odisha. That my maiden name is Susmita Sahoo, D/o- Hrusikesh Sahoo. That Susmita Sahoo & Susmita Rout is one and same person. Hence I shall be known as **SUSMITA ROUT** for all future purposes.

**AFFIDAVIT**
By virtue of an affidavit No.10443, Dtd.25.09.2025 sworn before the Executive Magistrate, Balasore I, Basant Manjari Pradhan, W/o.- Late Prafulla Kumar Pradhan, At-Nalkuli, Po.- Manikula, Ps.- Sadar, Dist.- Balasore, Pin-756002, Odisha renounce, relinquish and abandon the use of my former name Basanti Pradhan (old name) instead of Basant Manjari Pradhan (New name). Henceforth, I will be known as **Basant Manjari Pradhan** for all purposes.

**AFFIDAVIT**
I, Nishikanta Parida, aged about 38 years, S/o- Ramesh Parida, resident of Raghupati Nagar, Puri-Two, PO: Puri Station Road, PS- Kumbharpada, Dist- Puri, PIN-752002 declared by this affidavit No. 1968, dtd- 22/09/2025 that now onwards I shall be known as **NISHIKANT PARIDA** for all future purposes.

**AFFIDAVIT**
I, Jeet Dash, S/o.: Jiban Pradip Dash, resident of Ranipatna, PO-Balasore, PS- Sahadevkhunta, Dist-Balasore, Pin-756001, Odisha, declare by this affidavit No.: 281, dtd. 25.09.2025 that now onwards I shall be known as **Jeet Prakash Dash** for all future purposes.

**AFFIDAVIT**
By virtue of an affidavit (CF No. 85, date- 24/09/2025) before the Executive Magistrate, Bhubaneswar. I, **Nirmala Patasani,** W/o Siba Narayan Swain, resident of Plot No. 238/2961, Lane-6, Srikhetra Vihar, Aiginia, Khandagiri, Bhubaneswar, Dist-Khordha, Odisha declare that, I want to change my name from **Nirmala Swain to Nirmala Patasani** in my son's (Deepam Jyoti Swain) school record (studying in Class IX in PM Shri Kendriya Vidyalay No.2 CRPF Campus, Bhubaneswar) & in Bank related documents. Henceforth, I shall be known as **Nirmala Patasani** for all future purposes.
**Nirmala Patasani**

**AFFIDAVIT**
By virtue of an affidavit No. 3911, Dtd.25.09.2025 sworn before the Executive Magistrate, Bhogarai I, Manasi Das, W/o. Chandan Das, At.Tengramari, Po. Jayrampur, Ps. Bhogarai, Dist. Balasore, Pin- 756038, Odisha renounce, relinquish and abandon the use of my minor son's former name Nanit Kumar Das (old name) instead of Nainit Kumar Das (New name). Henceforth, he will be known as **Nainit Kumar Das** for all purposes.

**AFFIDAVIT**
By virtue of an affidavit No. 2620 sworn before the Executive Magistrate, Sukinda on dated- 25/09/2025. I Sukanta Rana, aged 48 years, S/o- Late Hrushikesh Rana resident of Vill/Po/Ps- Sukinda, Dist-Jajpur, Odisha, Pin-755018 my name & date of birth has been written as Sukanta Rana, DOB- 16/09/1977, in my Aadhar Card No. 3226 3273 6153 & Pan Card No- HRBPR4159C but my name & date of birth has been written as Sasikanta Rana, DOB- 01/01/1997 in my Driving License No- OR0419980054778 issue on dated 07/06/1998 by RTO Chandikhole declare that Sukanta Rana DOB- 16/09/1977 & Sasikanta Rana DOB- 01/01/1997, S/o- Hrushikesh Rana is same & one person for all future purposes.
**SUKANTA RANA**

**AFFIDAVIT**
I POTNURU PRASANNA KUMAR, S/o- Late Potnuru Venkata Ramana, resident of Bharat Nagar, Bell Road,, Po/Ps- Jeypore, DT- Koraput-764 001, Odisha declare by this Affidavit No.3949 Dated - 25/09/2025,that now onwards I shall be known as **POTNURU PRASAN KUMAR** for all future purpose.

**AFFIDAVIT**
By virtue of an affidavit sworn before the Executive Magistrate, Brahmagiri, dated- 30.08.2025, I Gitanjali Biswal, W/o. Late Ajaya Biswal, resident of At/Po. Gadarodanga, PS.- Brahmagiri, Dist.- Puri, Odisha- 752011 declare that I have changed my son's name from **Ayushubiswa** to **Ayush Biswal.** Henceforth he will be known as **AYUSH BISWAL** for all purposes.
**Gitanjali Biswal**

**AFFIDAVIT**
I VYSYA PRABHAVATI, D/o DOKI SATAYANARAYANA & W/O VYSYARAJU KRISHNA RAJU, resident of Mill Street, Nabarangapur Road, Po/Ps- Borigumma, DT- Koraput-764 056, Odisha declare by this Affidavit No.3948, Dated - 25/09/2025,that now onwards I shall be known as **VYSYA RAJU PRABHAVATI** for all future purpose.

**AFFIDAVIT**
By virtue of an affidavit No. 5690 sworn before the Executive Magistrate, Champua on dated- 25/09/2025. I, Sahid Anwar, aged 40 years, S/o- Mohammad Daud, resident of At- Muslim basti, Po/Ps- Champua, Dist- Keonjhar, Odisha, Pin - 758041 my correct name is Sahid Anwar & birth of date 09/02/1985 is mentioned in my Aadhar Card No- 2547 8919 4200 & Pan Card No- CCGPA7431P, in my passport no L5752113 my name wrongly entered Mohammad Sahid Anwar instead of Sahid Anwar & D.O.B wrongly entered 05/05/1983 instead of 09/02/1985, declare that Sahid Anwar, D.O.B 09/02/1985 & Mohammad Sahid Anwar, D.O.B 05/05/1983 same and one parson for all future purposes.
**SAHID ANWAR**

**AFFIDAVIT**
I, Ramesh Chandra Parida, aged about 67 years, S/o- Late Surendra Parida, resident of Raghupati Nagar, Puri-Two, PO: Puri Station Road, PS- Kumbharpada, Dist- Puri, PIN-752002 declared by this affidavit No. 1969, dtd- 22/09/2025 that now onwards I shall be known as **RAMESH PARIDA** for all future purposes.

## ମନୋଜଙ୍କୁ ଉତ୍କଳ ଗାୟକ ସୌରଭ ରତ୍ନ ସମ୍ମାନ



ଶରଣକୁଳ,୨୫।୯(ସମିସ): ଶରଣକୁଳ ନିକଟସ୍ଥ ଗୋଡ଼ିପଡ଼ା ଗ୍ରାମର ବିଶିଷ୍ଟ ପାଲାଗାୟକ ମନୋଜ କୁମାର ମିଶ୍ରଙ୍କୁ ସାହିତ୍ୟ କ୍ଷେତ୍ରରେ ଚଳିତ ବର୍ଷର ମର୍ଯ୍ୟାଦାଜନକ ରାଜ୍ୟସ୍ତରୀୟ ସମ୍ମାନ "ଉତ୍କଳ ଗାୟକ ସୌରଭ ରତ୍ନ ସମ୍ମାନ-୨୦୨୫" ପ୍ରଦାନ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୁମାର କବି ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଗୁରୁବାର ପୁରୀ ସଂସ୍କୃତି ଭବନରେ ଅନୁଷ୍ଠିତ ପଞ୍ଚଦଶତମ ରାଜ୍ୟସ୍ତରୀୟ କୁମାର କବି ଶ୍ରଦ୍ଧାଞ୍ଜଳି ସମାରୋହରେ ଶ୍ରୀ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର, ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ବିଶିଷ୍ଟ ଲେଖକ ତଥା ଶିଶୁ ସାହିତ୍ୟିକ ପ୍ରଫେସର ଦାଶ ବେନହୁର, ପ୍ରଫେସର ଡ. କୈଳାଶ ଚନ୍ଦ୍ର ଟିକାୟତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରୀ ମିଶ୍ରଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ନୟାଗଡ଼ ଜିଲ୍ଲା ଗୋଡ଼ିପଡ଼ାର ଗାୟକ କଳାନିଧି ପଣ୍ଡିତ ମନୋଜ କୁମାର ମିଶ୍ର ପାଲା ଗାୟକ ଭାବରେ ଓଡ଼ିଶାରେ ସୁନାମ ଅର୍ଜନ କରିଥିବାବେଳେ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ରହିଛି। ତାଙ୍କର ଏହି ସଫଳତା ପାଇଁ ଜିଲ୍ଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଯୌତୁକ ନିଷେଧ ପ୍ରଶିକ୍ଷଣ ଶିବିର



ନୟାଗଡ଼,୨୫।୯(ସମିସ): ନୟାଗଡ଼ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ମିଶନ ଶକ୍ତି ଭବନ ନୟାଗଡ଼ଠାରେ ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଡିଏଲ୍ଏସ୍ଏ ସଚିବ ଅଞ୍ଜଳୀ ମହାକୁଡ଼, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଡେପୁଟି କଲେକ୍ଟର ତପତି ରାଉ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ଜଗଣ୍ଣା ପ୍ରଧାନ, ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ମହାରଣା, ମହିଳା ସଶକ୍ତୀକରଣ ଜିଲ୍ଲା ସଂଯୋଜକ ସୌମ୍ୟରଞ୍ଜନ ଦାଶ ସମସ୍ତ ଉପସ୍ଥିତ ରହି ଯୌତୁକ ନିଷେଧ ବିଷୟରେ ଆଲୋଚନା କରିବା ସହିତ ଉପସ୍ଥିତ ଥିବା ବିଭିନ୍ନ ସମ୍ପ୍ରଦାୟରେ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରି କିପରି ନୟାଗଡ଼ ଜିଲ୍ଲାର ସମସ୍ତ ଗ୍ରାମାଞ୍ଚଳରେ ଯୌତୁକ ପ୍ରଥା ମୂଳପୋଛ ହେବ ସେଥିପାଇଁ ଶପଥପାଠ କରିଥିଲେ।

■ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

## ନଗରବାସୀ ପାଳିଲେ ଶ୍ରମଦାନ ଦିବସ



ଓଡ଼ଗାଁ,୨୫।୯(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି)ରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅବସରରେ ସଫେଇ କାର୍ଯ୍ୟ ଓ ସଚେତନତା ଅଭିଯାନ ଜାରି ରହିଥିବାବେଳେ ଗୁରୁବାର 'ଏକ ଦିନ ଏକ ଘଣ୍ଟା ଏକ ସାଥ୍' ନିଷ୍ପତ୍ତି ଆଧାରରେ ନଗରବାସୀ ଶ୍ରମଦାନ ଦିବସ ପାଳନ କରିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଆଦର୍ଶ ଥାନା ପରିସରକୁ ପୂର୍ଣ୍ଣ ସଫେଇ ପରିଚାଳନା କରାଯାଇଥିଲା। ଏହି ଅବସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ପ୍ରଣତୀ ମଞ୍ଜରୀ ଶର୍ମା, ଆଦର୍ଶ ଥାନା ଆଇଆଇସି ଅଭୟ ବେହେରା ଏବଂ ସାମ୍ବାଦିକମାନେ ଅନ୍ୟମାନଙ୍କ ସହିତ ଶ୍ରମଦାନ ସ୍ୱରୂପ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

■ ବହୁଚର୍ଚ୍ଚିତ ଗୁରୁବାରୀ କୁଅଁର ହତ୍ୟାକାଣ୍ଡ

## ବଢ଼ିଲା ଗୟାଧରଙ୍କ ଅଡୁଆ; ଜାମିନ ଖାରଜ ପାଇଁ ନୋଟିସ୍

ନୟାଗଡ଼,୨୫।୯(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଗୁରୁବାରୀ କୁଅଁରଙ୍କ ହତ୍ୟାକାଣ୍ଡ ନୂଆ ମୋଡ଼ ନେଇଛି। ବିଚାରାଧୀନ ଥିବା ଏହି ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡ ମାମଲାରେ ଭାପୁର ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ପାଇଁ ଅଡୁଆ ବଢ଼ିଛି। ଏହାକୁ ନେଇ ଭାପୁର ଅଞ୍ଚଳରେ ରାଜନୈତିକ ପରିବେଶ ଉଷ୍ମ ହୋଇଉଠିଛି। ଭାପୁର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଗୁରୁବାରୀ କୁଅଁରଙ୍କୁ ୧୩.୭.୨୦୨୨ ଦିନ ୧୧ଟା ୪୫ରେ କିଛି ବ୍ୟକ୍ତି ଭାପୁର ତହସିଲ ଅଫିସ ନିକଟରେ ହତ୍ୟା କରିଥିଲେ। ସ୍ୱର୍ଗତ ଗୁରୁବାରୀ କୁଅଁରଙ୍କ ପୁଅ ରାଜେନ୍ଦ୍ରଙ୍କ ଅଭିଯୋଗ କ୍ରମେ ଫତେଗଡ଼ ଥାନାରେ ୭୧/୨୦୨୨ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲା ଏବେ ନୟାଗଡ଼ ଜିଲ୍ଲା କୋର୍ଟରେ ବିଚାରାଧୀନ ରହିଛି। ଏହି ମାମଲାରେ ଏବେ ୧୩ ଜଣ ଅଭିଯୁକ୍ତ ରହିଛନ୍ତି। ମାମଲାରୁ କୌଶଳ କ୍ରମେ ନିଜ ନାମକୁ ବାଦ୍ ଦେଇଥିବା ଗୟାଧର ପରିଡ଼ା, ଜ୍ୟୋତି ରଞ୍ଜନ ପଣ୍ଡା ଓ ଦାଶରଥି ଦାଶଙ୍କ ନାମକୁ ମାମଲାରେ ୨୦୨୨ ମସିହାରେ ଯୋଡ଼ାଯାଇଥିଲା। ଏହାକୁ ନେଇ ଉଚ୍ଚ ନ୍ୟାୟାଳୟରୁ ୨୦୨୩ ମେ' ୨୫ରେ ଗୟାଧର ଜାମିନ ପାଇଥିଲେ। ଉକ୍ତ ଜାମିନରେ କିଛି ସାମ୍ବିଧାନିକ ତ୍ରୁଟି ରହିଥିବା ନେଇ ପୁଣି ଉଚ୍ଚ ନ୍ୟାୟାଳୟରେ ହୋଇଥିବା ଆବେଦନର ଶୁଣାଣି କରି ଏ.କେ ମହାପାତ୍ରଙ୍କ କୋର୍ଟ ଜାମିନ ଖାରଜ ପାଇଁ ନୋଟିସ ଜାରି କରିଥିବା ସୂଚନା ମିଳିଛି। ଆସନ୍ତା ଅକ୍ଟୋବର ୨୨ରେ ପୁନର୍ବାର ଏହି ମାମଲାର ଶୁଣାଣି ହେବ ବୋଲି ସୂଚନା ମିଳିଛି।

**ବୀମା କମ୍ପାନୀ ଦ୍ୱାରା ଭିଏତ୍‌ନାମରେ ସମ୍ବର୍ଦ୍ଧନା ଘଟଣା**

# ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି

ନୟାଗଡ଼,୨୫।୯(ସମିସ):

ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ କର୍ମଚାରୀଙ୍କୁ ଦଲାଲ ଭାବେ ନିଜସ୍ୱ କାର୍ଯ୍ୟରେ ବ୍ୟବହାର କରୁଛି ଏସ୍‌ବିଆଇ ଲାଇଫ୍ ଇନ୍ସୁରାନ୍ସ କମ୍ପାନୀ। ଗତ ୧୩ ଓ ୨୩ ତାରିଖ "ସକାଳ'ରେ ଭିଏତ୍‌ନାମରେ ଶିକ୍ଷକ ବୀମା କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା ନେଇ ଖବର ପ୍ରକାଶ ପାଇଥିଲା। ଗଣିଆ ବ୍ଲକ୍ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ବିଦ୍ୟାଳୟରୁ ଛୁଟି ନେଇ ଭିଏତ୍‌ନାମ ବୁଲିବାକୁ ଯାଇଥିବା ଏକ ଭିଡିଓ 'ସକାଳ' ହାତରେ ଲାଗିଥିଲା। ଏହି ଘଟଣାର ଏକ ଫଟୋ ମଧ୍ୟ ସାମ୍ନାକୁ ଆସିଥିଲା।



ସମ୍ପୃକ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଭିଏତ୍‌ନାମରେ ସମ୍ବର୍ଦ୍ଧିତ ହୋଇଥିବା ଉକ୍ତ ଫଟୋରୁ ସ୍ପଷ୍ଟ ହୋଇଛି। ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ଭାଇ ରମେଶ କୁମାର ମିଶ୍ରଙ୍କ ନାମରେ ଏସ୍‌ବିଆଇ ବୀମା ଏଜେଣ୍ଟ କୋଡ୍ ରହିଥିବାବେଳେ ସେ ନିଜେ ଏସ୍‌ବିଆଇ ବୀମା କମ୍ପାନୀ ପାଇଁ କାର୍ଯ୍ୟ କରୁଥିବା ଏବଂ ଏଥିପାଇଁ ଭିଏତ୍‌ନାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ସ୍ପଷ୍ଟ ହୋଇଥିଲା। ଯାହାକୁ ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଉକ୍ତ ନୋଟିସର ଉତ୍ତର ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶିକ୍ଷା ଅଧିକାରୀ କହିଛନ୍ତି।

ନୟାଗଡ଼ ଜିଲ୍ଲାରେ ଏସ୍‌ବିଆଇ ଲାଇଫ୍ ଇନ୍ସୁରାନ୍ସ କମ୍ପାନୀ ଶିକ୍ଷା କର୍ମଚାରୀଙ୍କୁ ହାତବାରିଶି କରି କାର୍ଯ୍ୟ କରୁଛି। ବିଗତ ଦିନରେ ଏସ୍‌ବିଆଇ ବୀମା କମ୍ପାନୀ କବଳରେ କବଳିତ ହୋଇ କାର୍ଯ୍ୟ କରୁଥିବା ନୟାଗଡ଼ ବିଇଓ ଅଫିସ କିରାଣି ଶୁବେଶ ଶୁକ୍ଲା, ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ କିରାଣି ଜିତେନ୍ଦ୍ର କୁମାର ମହାନ୍ତି, ନୂଆଗାଁ ବିଇଓ ଅଫିସ୍ ଆକାଉଣ୍ଟାଣ୍ଟ କମ୍ ସପୋର୍ଟିଂ ଷ୍ଟାଫ୍ ତାପସ କୁମାର ମହାନ୍ତିଙ୍କ ସମ୍ପର୍କରେ ପ୍ରମାଣ ସହିତ ଖବର ପ୍ରକାଶ ପାଇଛି। ଡିଇଓ ଏହାକୁ ନେଇ ବିଗତ ଦିନରେ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ନୂଆଗାଁ ବିଇଓ ତାପସ କୁମାର ମହାନ୍ତିଙ୍କ ଉପରେ ତଦନ୍ତ କରି ପ୍ରମାଣ ଆଧାରରେ ରିପୋର୍ଟ ଦାଖଲ କରିଥିଲେ। ଉକ୍ତ ରିପୋର୍ଟକୁ ୩ ମାସ ଧରି ଚାପି ଦିଆଯାଇଛି। କେବଳ କିରାଣି ଜିତେନ୍ଦ୍ର କୁମାର ମହାନ୍ତିଙ୍କୁ ଡିଇଓ ଅଫିସରୁ ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିବା ବେଳେ ଏବେ ବି ସେ ତାଙ୍କ ପତ୍ନୀଙ୍କ ନାମରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏମାନଙ୍କ ବାଦ୍ ଅନେକ ଶିକ୍ଷକ ମଧ୍ୟ ଏସ୍‌ବିଆଇ ବୀମା କମ୍ପାନୀରେ କାର୍ଯ୍ୟ କରୁଥିବା ସୂଚନା ମିଳିଛି। ଏହି ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଏସ୍‌ବିଆଇ ବୀମା କମ୍ପାନୀରେ କାର୍ଯ୍ୟ କରିବା ଦ୍ୱାରା ଅନେକ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଶୋଷଣ କରୁଥିବା ଦେଖିବାକୁ ମିଳିଛି। ନୟାଗଡ଼ ଜିଲ୍ଲାରେ ବୀମା କମ୍ପାନୀ ଦ୍ୱାରା ଚାଲିଥିବା ଏଭଳି କେଳେଙ୍କାରୀକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ନ ଦେବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବେ ଏହି ଶିକ୍ଷା କର୍ମଚାରୀଙ୍କ ବିରୁଦ୍ଧରେ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରଶ୍ନ ଉଠିଛି। ଏସ୍‌ବିଆଇ ବୀମା କମ୍ପାନୀ ଅଧୀନରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୮ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ଏହା ଚାକିରି ନିୟମର ଉଲ୍ଲଂଘନ ବୋଲି ଅଭିଯୋଗ ହୋଇଛି।

### ଜିଲ୍ଲାରେ ଶିକ୍ଷକ ବଦଳିକୁ ନେଇ ବ୍ୟାପକ ଅସନ୍ତୋଷ

ନୟାଗଡ଼ ଜିଲ୍ଲାରେ ଆବଶ୍ୟକ ଶିକ୍ଷକ ତୁଳନାରେ କମ୍ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ବହୁ ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେଉଛି। ଯାହାକୁ ନେଇ ବିଗତ ଦିନରେ ବହୁ ସ୍ଥାନରେ ଅସନ୍ତୋଷ ଦେଖାଦେଇ ଆସିଛି। ଶିକ୍ଷକ ନିଯୁକ୍ତି ଦାବିରେ ଜନଆନ୍ଦୋଳନ ମଧ୍ୟ ମୁଣ୍ଡ ଟେକିଛି। ଏବେ ନୟାଗଡ଼ ଜିଲ୍ଲାର ବିଭିନ୍ନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦ୍ୱାରା ପ୍ରକାଶିତ ବଦଳି ତାଲିକା ପ୍ରକାଶ ପାଇବା ପରେ ବିଭିନ୍ନ ସ୍ଥାନରେ ଅସନ୍ତୋଷ ସୃଷ୍ଟି ହୋଇଛି। ବୁଧବାର ନୟାଗଡ଼ ଅଶ୍ୱତ୍ଥପଡ଼ା ଗ୍ରାମରେ ଏହାକୁ ନେଇ ଚାପା ଅସନ୍ତୋଷ ଦେଖାଯାଇଥିଲା। ସମାନଭାବେ ନୟାଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅସନ୍ତୋଷ କୁହୁଳୁଛି। କେତେକ ବଦଳି ନିୟମ ବାହାରେ କରାଯାଇଥିବା ମଧ୍ୟ ଅଭିଯୋଗ ସାମ୍ନାକୁ ଆସିଛି। ରାଜନୈତିକ ଚାପ ଦ୍ୱାରା ଅନେକ ବଦଳି ହୋଇଥିବାବେଳେ ଅନେକ ସ୍ଥାନରେ ଭଲ ଶିକ୍ଷାଦାନ କରୁଥିବା ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କାରଣରୁ ମଧ୍ୟ ଅସନ୍ତୋଷ ଦେଖାଦେଇଛି। ଯେଉଁଠାରେ ଆବଶ୍ୟକ ସେଠାରେ ଶିକ୍ଷକ ପଦ ଖାଲି ପଡ଼ିଥିବାବେଳେ ଅନାବଶ୍ୟକ ସ୍ଥାନରେ ଶିକ୍ଷକ ନିଯୁକ୍ତି ଦିଆଯାଇଥିବା ଦେଖାଯାଇଛି।

## ଭୁବନେଶ୍ୱର-ଦଶପଲ୍ଲା ଟ୍ରେନ୍‌ରେ ବିଦ୍ୟୁତ୍ ବିଭ୍ରାଟ

**ଅନ୍ଧାରରେ ଯାତ୍ରୀ ହନ୍ତସନ୍ତ, କାରଣ ଅସ୍ପଷ୍ଟ**

ନୟାଗଡ଼,୨୫।୯(ସମିସ): ଭୁବନେଶ୍ୱରରୁ ଦଶପଲ୍ଲା ଯାତାୟାତ କରୁଥିବା ମେମୁ ଟ୍ରେନ୍‌ରେ ଅନେକ ସମୟରେ ବିଦ୍ୟୁତ୍ ବିଭ୍ରାଟ ଭଳି ପରିସ୍ଥିତି ଦେଖାଦେଉଥିବାବେଳେ ଗୁରୁବାର ଏହାର ପୁନରାବୃତ୍ତି ହୋଇଛି। ବାରମ୍ବାର ବିଦ୍ୟୁତ୍ ସମସ୍ୟା ଦେଖାଯିବା କାରଣରୁ ଅନ୍ଧାର ଓ ଗରମରେ ଯାତ୍ରୀମାନେ ଯାତାୟାତ କରିବା ସହ ହୀନସ୍ତା ହେଉଛନ୍ତି। ଏହାର କାରଣ ଜଣାପଡ଼ି ନ ଥିବାବେଳେ ଯାତ୍ରୀମାନେ ଏହାକୁ ନେଇ ରେଳ ବିଭାଗକୁ ଦାୟୀ କରିଛନ୍ତି। ଗୁରୁବାର ଖୋର୍ଦ୍ଧା ନିକଟରୁ ଏହି ବିଭ୍ରାଟ ଦେଖାଦେଇଥିବା ବେଳେ ଟ୍ରେନ୍ କର୍ମଚାରୀ ମଧ୍ୟ ଏହାକୁ ନେଇ କୌଣସି ସ୍ପଷ୍ଟ ସୂଚନା ଯାତ୍ରୀଙ୍କୁ ଦେଇପାରିନାହାନ୍ତି। ବାରମ୍ବାର ବଗିଗୁଡ଼ିକରୁ ଲାଇଟ୍ କଟିବା ସହ ଫ୍ୟାନ୍ ବନ୍ଦ ହୋଇଯାଇଥିଲା। ଅନ୍ଧାରରେ ଟ୍ରେନ୍ ଗତି କରୁଥିଲେ ମଧ୍ୟ ଯାତୀମାନେ କିଛି ବୁଝିପାରି ନ ଥିଲେ। ଅନେକ ଯାତ୍ରୀ ସୋସିଆଲ ମିଡିଆରେ ଟ୍ରେନ୍ ସମସ୍ୟାକୁ ନେଇ ଲାଇଭ୍ ଆସିଥିଲେ। ବିଦ୍ୟୁତ୍ ସମସ୍ୟା ସହ ଯାତ୍ରୀଙ୍କ ସଂଖ୍ୟାକୁ ଦେଖି ଭୁବନେଶ୍ୱର-ଦଶପଲ୍ଲା, ପୁରୀ-ଦଶପଲ୍ଲା ଟ୍ରେନ୍‌ରେ ବଗି ସଂଖ୍ୟା ବୃଦ୍ଧି କରାଯାଉ ନ ଥିବାବେଳେ ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉନାହିଁ। ଯାହାକୁ ନେଇ ବିଗତ ଦିନରେ ଅନେକ ଥର ଆନ୍ଦୋଳନ ପରିସ୍ଥିତି ସୃଷ୍ଟି ହୋଇଛି।



## ଗଣିଆ ବନାଞ୍ଚଳରେ ବୁଲୁଛି ବାଘ

ଗଣିଆ,୨୫।୯(ସମିସ): ଦିନକୁ ଦିନ ଜଙ୍ଗଲ ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲ ବୃଦ୍ଧି ପାଉଥିବାରୁ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ଗଣିଆ ବ୍ଲକ୍‌ର ବଙ୍କାମୁଣ୍ଡା, ମଣିଭଦ୍ରା, ବିନ୍ଧ୍ୟଗିରି, ମକରପ୍ରସାଦ, ବାଇଶିପଲ୍ଲୀ ଜଙ୍ଗଲରେ ପ୍ରାୟ ୨୩ରୁ ଅଧିକ କଲରାପତରିଆ ବାଘ ଥିବା ବନ ବିଭାଗ ତରଫରୁ ଜଣାପଡ଼ିଛି। ସ୍ଥାନୀୟ ଜନସାଧାରଣ ମଧ୍ୟ ଜଙ୍ଗଲରେ ବାଘର ପାଦଚିହ୍ନ ପଡ଼ିଥିବା ଦେଖୁଛନ୍ତି। ଏହି ସବୁ ଜଙ୍ଗଲ ଭିତରକୁ ନ ଯିବାକୁ ବନ ବିଭାଗ ତରଫରୁ ସତର୍କ କରାଯାଇଛି। ଜଙ୍ଗଲ କ୍ଷୟ ରୋକିବା, ବୃକ୍ଷରୋପଣ କରିବା, ବନ୍ୟଜନ୍ତୁ ଶିକାର ରୋକିବା ଦିଗରେ ବନ ବିଭାଗର ତତ୍ପରତା ଯୋଗୁଁ ଜଙ୍ଗଲଗୁଡ଼ିକର ପରିସୀମା ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲ ଭିତରେ କ୍ୟାମେରା ଲଗାଯିବା ଫଳରେ ଏସବୁ ବହୁ ମାତ୍ରାରେ ହ୍ରାସ ପାଇଛି। ଫଳରେ ବନ୍ୟଜନ୍ତୁମାନେ ଜଙ୍ଗଲ ପରିସରରେ ବିଚରଣ କରିପାରୁଛନ୍ତି। ଜଙ୍ଗଲ ପାଖରେ ଥିବା ଗାଁଗୁଡ଼ିକର ଜନସାଧାରଣ ଭୟଭୀତ ନ ହୋଇ ସତର୍କତାର ସହିତ ଯାତାୟାତ କରିବାକୁ ବନ ବିଭାଗ ତରଫରୁ ସୂଚନା ଦିଆଯାଇଛି। ବନ ବିଭାଗ ତରଫରୁ ପାଟ୍ରୋଲିଂ ଜୋର୍‌ଦାର କରାଯାଉଥିବାବେଳେ ଜନସାଧାରଣ ବିଭାଗୀୟ ଅଧିକାରୀଙ୍କୁ ସହଯୋଗ କରିବାକୁ ନିବେଦନ କରାଯାଇଛି।

## ପଠାଣି ସାମନ୍ତ ମହାବିଦ୍ୟାଳୟରେ ସଫେଇ

ଖଣ୍ଡପଡ଼ା,୨୫।୯(ସମିସ): ସ୍ୱଚ୍ଛତା ହିଁ ସେବା ସପ୍ତାହ ପାଳନ ଅବସରରେ ଖଣ୍ଡପଡ଼ା ପଠାଣିସାମନ୍ତ ମହାବିଦ୍ୟାଳୟରେ ପରିବେଶ ସଫେଇ କାର୍ଯ୍ୟକ୍ରମ ଗୁରୁବାର ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସ୍ୱଚ୍ଛ ସଲୀଳା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଗୋପବନ୍ଧୁ ଚୌଧୁରୀ, ରବି ନାରାୟଣ ସାହୁ, ସର୍ବେଶ୍ୱର ମହାରଣା, କ୍ରୀଡ଼ା ଶିକ୍ଷକ ସତ୍ୟଜିତ୍ ଦାଶଙ୍କ ସମେତ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଅନୁଷ୍ଠାନ ପରିସରକୁ ଝାଡୁ ମାରି ସଫା କରିବା ସହ ଅଳିଆ-ଆବର୍ଜନା ଉଠାଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମ ଅଧିକାରୀ ରାଜକିଶୋର ପ୍ରଧାନ ଓ ମହାବିଦ୍ୟାଳୟର କର୍ମଚାରୀମାନେ ସାମିଲ ହୋଇଥିଲେ।

## ବିପୁଳ ପରିମାଣର ବାଣ ଜବତ, ୧ ଗିରଫ

ନୟାଗଡ଼/ଦଶପଲ୍ଲା,୨୫।୯(ସମିସ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ପୁଲିସ ଦ୍ୱାରା ଗୁରୁବାର ବିପୁଳ ପରିମାଣର ବାଣ ଜବତ କରାଯିବା ସହ ଜଣକୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଦଶପଲ୍ଲା ଥାନା ବାରପୁରିକିଆ ଗ୍ରାମର ଶୁଭ କୁମାର ସାହୁ। ତାଙ୍କଠାରୁ ୫୦ ହଜାର ଟଙ୍କାର ବାଣ ଜବତ କରାଯାଇଥିବା ସୂଚନା ମିଳିଛି। ଜିଲ୍ଲା ପୁଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନ ଅଗ୍ନି ଜରିଆରେ ଦୁର୍ଗା ବଜାରରେ ପୁଲିସ ଚଢ଼ଉ କରିଥିଲା। ଦଶପଲ୍ଲା ଥାନା ଭାରପ୍ରାପ୍ତ ଅଧିକାରୀ ବିନୟ କୁମାର ପରିଡ଼ାଙ୍କ ନେତୃତ୍ୱରେ ହୋଇଥିବା ଚଢ଼ଉରେ ବ୍ୟାପକ ପରିମାଣର ବାଣ ଜବତ କରାଯାଇଛି। ବାଣ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୁଲିସ ନିକଟରୁ ସୂଚନା ମିଳିଛି।

## ଲଘୁଚାପ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

ଗଣିଆ,୨୫।୯(ସମିସ): ଗଣିଆରେ ଲଘୁଚାପ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନତମାମ ତୁହାକୁ ତୁହା ବର୍ଷା ଛାଡ଼ିବାର ନାଁ ଧରୁନି। ଗୋଟିଏ ପରେ ଗୋଟିଏ ଲଘୁଚାପ ସୃଷ୍ଟି ହେଉଥିବାରୁ ଗଣିଆରେ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁଁ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାତାୟାତ କରିବାରେ ବହୁ ଅସୁବିଧା ଦେଖାଦେଇଛି। ବର୍ଷାରେ ଓଦା ହୋଇ ସେମାନେ ଘରକୁ ଫେରୁଛନ୍ତି। ବର୍ଷା ଯୋଗୁଁ ନାଳଗୁଡ଼ିକ ଭରି ରାସ୍ତାରେ ପାଣି ଚାଲୁଛି। ଡ୍ରେନେଜ୍ ଅବ୍ୟବସ୍ଥା ଯୋଗୁଁ ଗଣିଆ ବଜାର ଅଞ୍ଚଳରେ ରାସ୍ତାରେ ପାଣି ଜମି ରହୁଥିବାବେଳେ ଯାତାୟାତ ଅସମ୍ଭବ ହୋଇପଡ଼ିଛି। ଡ୍ରେନ୍ ପାଣି ସହିତ ଅଳିଆ ଆବର୍ଜନା ରାସ୍ତା ଉପରେ ଜମା ହୋଇ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ପ୍ରତିଦିନ ବର୍ଷା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଣି ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁସାରେ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାର ସୂଚନା ମିଳୁଛି।

## ଓଡ଼ଗାଁ ପଲିଟେକ୍‌ନିକ୍‌ର ଉଲ୍ଲେଖନୀୟ ପ୍ରଗତିକୁ ପ୍ରଶଂସା

ଓଡ଼ଗାଁ,୨୫।୯(ସମିସ): ଓଡ଼ଗାଁଠାରେ ଚାଲିଥିବା ସରକାରୀ ବହୁ ବୃତ୍ତି ଶିକ୍ଷାନୁଷ୍ଠାନ (ପଲିଟେକ୍‌ନିକ୍) ନୟାଗଡ଼ର ଶୈକ୍ଷିକମାନ ନିର୍ଦ୍ଧାରଣ ନିମନ୍ତେ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶକ (ଡିଟିଇଟି) ଓଡ଼ିଶା ନିରୀକ୍ଷଣକାରୀ ପହଞ୍ଚି ଶ୍ରେଣୀକକ୍ଷ, ପରୀକ୍ଷାଗାର, ୱାର୍କସପ୍, ପୁସ୍ତକାଳୟ ଓ ହଷ୍ଟେଲ୍ ସୁବିଧାର ମାନ ଅବଲୋକନ କରିଥିଲେ। ପରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ଶିକ୍ଷା ଗ୍ରହଣ ଏବଂ ପ୍ରଶିକ୍ଷଣ ଓ କ୍ୟାମ୍ପସ୍ ସୁବିଧା ବିଷୟରେ ମତାମତ ଲୋଡ଼ିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ପ୍ରଦର୍ଶନ କରି ପ୍ରଶଂସା କରିଥିବାବେଳେ ଏହି ଅନୁଷ୍ଠାନ ପ୍ରଣାଳୀଗତ ଶିକ୍ଷାର ଗୁଣାତ୍ମକମାନ ବଜାୟ ରଖିବା ପାଇଁ ପ୍ରତିବଦ୍ଧତା ସମ୍ପର୍କରେ ଅଧ୍ୟକ୍ଷମାନ ପରୀକ୍ଷଣକାରୀଙ୍କୁ କହିଥିଲେ। ସମୟ ଅନୁସାରେ ପରିବର୍ତ୍ତିତ ଶିକ୍ଷା ପ୍ରଣାଳୀକୁ ଗ୍ରହଣ କରିବା ସହିତ ସେଥିରେ ନିରନ୍ତର ସୁଧାର ଆଣିଥିବା ଏବଂ ଉଲ୍ଲେଖନୀୟ ପ୍ରଗତିକୁ ଅନୁଧ୍ୟାନ କରି (ଡିଟିଇଟି) ଟିମ୍ ସନ୍ତୋଷ ପ୍ରକାଶ କରିଥିଲେ।

## ୪ ଦିନରେ ମିଶନ ଶକ୍ତି ମହିଳାଙ୍କ ଧାରଣା

ଖଣ୍ଡପଡ଼ା,୨୫।୯(ସମିସ): ଗତ ୯ ମାସ ହେଲା ମିଶନ ଶକ୍ତିର ମହିଳାମାନଙ୍କୁ ପ୍ରାପ୍ୟ ପ୍ରଦାନରେ ପ୍ରଶାସନର ଚରମ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ମହିଳାମାନେ। ତେଣୁ ସମସ୍ତ ମିଶନ ଶକ୍ତି ସଦସ୍ୟାଙ୍କୁ ତୁରନ୍ତ ବକେୟା ପ୍ରାପ୍ୟ ପ୍ରଦାନ ସହ ଅନ୍ୟାନ୍ୟ ଦାବି ପୂରଣ ନେଇ ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରୁ ୨୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ମିଶନ ଶକ୍ତିର ସଦସ୍ୟାମାନେ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗତ ସୋମବାରଠାରୁ ଧାରଣାରେ ବସି ରହି ନାରାବାଜି କରୁଥିବା ବେଳେ ଗୁରୁବାର ଚତୁର୍ଥ ଦିନରେ ମହିଳାମାନେ ବ୍ଲକ୍ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ବସି ରହି ନାରାବାଜି କରିଥିଲେ। ଏହାସହ ରାଜ୍ୟ ସରକାରଙ୍କୁ ଆକ୍ଷେପ କରି କଟୁ ସମାଲୋଚନା କରୁଥିବା ପରିଲକ୍ଷିତ ହୋଇଥିଲା।

## ଇସି ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ଓଡ଼ଗାଁ,୨୫।୯(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ବ୍ଲକ୍ ଓ ଜିଲ୍ଲାସ୍ତରୀୟ ସଂଘ ଅର୍ଥାତ୍ ଗ୍ରାମ ପଞ୍ଚାୟତ ଲେଭୁଲ ଫେଡେରେସନ କାର୍ଯ୍ୟନିର୍ବାହୀ କମିଟିର ନେତୃତ୍ୱ ପରିବର୍ତ୍ତନ ଓ ପୁନର୍ଗଠନ ନିଷ୍ପତ୍ତିକୁ ହାଇକୋର୍ଟଙ୍କ ଦ୍ୱାରା ସ୍ଥଗିତ ରଖାଯାଇଥିବା ବେଳେ ବଳପୂର୍ବକ ପୁନର୍ଗଠନ ପ୍ରକ୍ରିୟାକୁ ବିରୋଧ କରି ଗ୍ରାମ ପଞ୍ଚାୟତ ଲେଭୁଲ ଫେଡେରେସନ କାର୍ଯ୍ୟନିର୍ବାହ କମିଟିର ସଦସ୍ୟମାନେ ଗୁରୁବାର ଓଡ଼ଗାଁ ବ୍ଲକ୍ ସାମ୍ନାରେ ଧାରଣାରେ ବସିଥିଲେ। ଗୁରୁବାର ଅପରାହ୍ଣରେ ସେମାନେ ଏ ସମ୍ପର୍କରେ ଓଡ଼ଗାଁ ବିଡିଓ ଏବଂ ଅଧ୍ୟକ୍ଷଙ୍କୁ ଭେଟି ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଶୁକ୍ରବାର ଅପରାହ୍ଣରେ ଫେଡେରେସନ କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଏବଂ ଜୀବିକା ମିଶନ ବ୍ଲକ୍ ପ୍ରକଳ୍ପ ସଂଯୋଜକ (ବିପିସି) ସୁରଜ କୁମାର ବେହେରାଙ୍କ ସହିତ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ କହିବା ପରେ ଧାରଣାରେ ବସିଥିବା ୩୬ ପଞ୍ଚାୟତର ଶତାଧିକ ମହିଳା ସଭ୍ୟ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଧାରଣାରୁ ଉଠିଥିଲେ।

# ବିଭିନ୍ନ ଷ୍ଟେସନରେ ଖତ ଖାଉଛି ଅବ୍ୟବହୃତ ଟ୍ରେନ୍

ନୟାଗଡ଼,୨୫।୯(ସମିସ):

ଖୋର୍ଦ୍ଧା ରୋଡ୍‌ଠାରୁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଷ୍ଟେସନ ମଧ୍ୟରେ ବିଭିନ୍ନ ସ୍ଥାନରେ ଦୀର୍ଘଦିନ ଧରି ଅବ୍ୟବହୃତ

- ଅଘଟଣ ଘଟିବା ନେଇ ଆଶଙ୍କା
- ଅପରାଧୀ ଆତ୍ମଗୋପନ ପାଇଁ ସୁବିଧା
- ରେଳ ବିଭାଗର ଚିନ୍ତା ନାହିଁ

ଟ୍ରେନ୍ ପଡ଼ି ରହିଛି। କରୋନା ମହାମାରୀଠାରୁ ଏହି ଟ୍ରେନ୍‌ଗୁଡ଼ିକ ବିଭିନ୍ନ ଷ୍ଟେସନରେ ଥୁଆହୋଇଥିବା ବେଳେ ଏହାର କାରଣ ବୁଝାପଡୁନାହିଁ। ମୁଖ୍ୟତଃ ନୟାଗଡ଼ ଟାଉନ ଷ୍ଟେସନ, ମହିପୁର, ନୂଆଗାଁ ଷ୍ଟେସନରେ ରେଳ ପଡ଼ିରହିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଷ୍ଟେସନରେ ଥୁଆ ହୋଇଥିବା ରେଳ ସଂଖ୍ୟା ୫ରୁ ଅଧିକ ହେବ ବୋଲି ସୂଚନା ମିଳିଛି। ଦୀର୍ଘଦିନ ଧରି ଏଗୁଡ଼ିକ ଅବ୍ୟବହୃତ କରି ପକାଇ ରଖାଯାଇଥିବା ବେଳେ ରେଳ ବିଭାଗ ଲୋକଙ୍କୁ ବୁଲେଟ୍ ଟ୍ରେନ୍ ମୋହ ଲଗାଇଛି।



ଖୋର୍ଦ୍ଧା ରୋଡ୍‌ରୁ ବଲାଙ୍ଗିରକୁ ନିର୍ମାଣ ହେଉଥିବା ରେଳପଥ ଦଶପଲ୍ଲା ପର୍ଯ୍ୟନ୍ତ କାମ ଶେଷ ହୋଇଛି। ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ମଧ୍ୟରେ ରହିଥିବା ଷ୍ଟେସନଗୁଡ଼ିକ ହେଉଛି ଖୋର୍ଦ୍ଧା ଟାଉନ, ଅଟ୍ରି, ବେଗୁନିଆ, ରାଜସୁନାଖଳା, ବୋଲଗଡ଼ ଟାଉନ୍, ମାଣିକାଗୋଡ଼ା, ନୟାଗଡ଼ ଟାଉନ୍, ମହିପୁର, ନୂଆଗାଁ ଓ ଦଶପଲ୍ଲା। ଏହି ଷ୍ଟେସନଗୁଡ଼ିକରେ ବିଭିନ୍ନ ଟ୍ରେନ୍‌ର ଅବ୍ୟବହୃତ ବଗିଗୁଡ଼ିକୁ ସଂଯୋଗ କରାଯାଇ କରୋନା ମହାମାରୀ ପରଠାରୁ ପାର୍କିଂ କରାଯାଇଛି। ମୁଖ୍ୟତଃ କରୋନା ମହାମାରୀଠାରୁ ଅନେକ ମାର୍ଗରେ କେନ୍ଦ୍ର ସରକାର ରେଳ ଚଳାଚଳ ବାତିଲ୍ କରି ଦେଇଥିବାବେଳେ ଏହି ଅବ୍ୟବହୃତ ବଗିଗୁଡ଼ିକ ସଂଯୋଗ କରି ପାର୍କିଂ କରାଯାଇଛି। ଯାହା କୌଣସି ମୁହୂର୍ତ୍ତରେ ଅଘଟଣ ଘଟାଇବାର ସମ୍ଭାବନା ସୃଷ୍ଟି କରିଛି। କେନ୍ଦ୍ର ସରକାର ରେଳକୁ ନେଇ ରାଜନୀତି କରିବାକୁ ପଛାଉ ନ ଥିବାବେଳେ ଏହି ରେଳକୁ କାହିଁକି ପକାଇ ରଖିଛନ୍ତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ, ବିଭିନ୍ନ ସ୍ଥାନରେ ଥୁଆହୋଇଥିବା ଏହି ଅବ୍ୟବହୃତ ଟ୍ରେନ୍‌ରେ ଅପରାଧିକ କାର୍ଯ୍ୟକଳାପ ଘଟୁଥିବା ଅଭିଯୋଗ ହେଉଛି। ଏହି ଟ୍ରେନ୍ ବଗି ଭିତରେ ନିଶାସେବନ, ବିଭିନ୍ନ ମହିଳାଙ୍କ ସହ ଅନୈତିକ କାର୍ଯ୍ୟ, ଅପରାଧିକ କାମ ପାଇଁ ଷଡ଼ଯନ୍ତ୍ର ରଚାଯାଉଥିବା ଅଭିଯୋଗ ହେଉଛି। ଏହି ଟ୍ରେନ୍‌ଗୁଡ଼ିକୁ ଏଭଳି ପ୍ରତ୍ୟେକ ଷ୍ଟେସନରେ ପାର୍କିଂ କରାଯିବା ବଦଳରେ ସ୍ୱତନ୍ତ୍ର ଭାବେ ଗୋଟିଏ ସ୍ଥାନରେ ରଖାଯିବା ଆବଶ୍ୟକ ରହିଛି। ସେଠାରେ ଆର୍‌ପିଏଫ୍ କର୍ମଚାରୀଙ୍କୁ ନିୟୋଜିତ କରିବା ମଧ୍ୟ ଆବଶ୍ୟକ ହେଉଛି। ନଚେତ୍ କୌଣସି ମୁହୂର୍ତ୍ତରେ ବଡ଼ଧରଣର ଅଘଟଣ ଘଟିବାର ସମ୍ଭାବନାକୁ ଏଡ଼ାଯାଇପାରିବ ନାହିଁ ବୋଲି ମତପ୍ରକାଶ ପାଇଛି।

### ନିଶା ବେପାରୀଙ୍କ ହବ୍ ପାଲଟିଛି ଖୋର୍ଦ୍ଧା

# କଲେଜ ପଢୁଆ ଓ ଇଞ୍ଜିନିୟରିଂ ଛାତ୍ର, ମହିଳାଙ୍କ ବଢୁଛି ସମ୍ପୃକ୍ତି

ଖୋର୍ଦ୍ଧା,୨୫।୯ (ସମିସ): ନିଶା ବେପାରୀଙ୍କ ହବ୍ ପାଲଟିଛି ଖୋର୍ଦ୍ଧା। ଦିନକୁ ଦିନ ସହର ଓ ଉପକଣ୍ଠରେ ନିଶା କାରବାରର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ନିଶାସେବନକାରୀଙ୍କ ସଂଖ୍ୟା ବି ବଢ଼ିଛି। ହାତ ପାଆନ୍ତାରେ ନିଶାଦ୍ରବ୍ୟ ସହଜରେ ମିଳିଯାଉଥିବାରୁ ମାରାତ୍ମକ ନିଶା କବଳରେ ପଡ଼ିଲେଣି ଆଜିର ଯୁବପିଢ଼ି। ଅଧିକାଂଶ ଯୁବଗୋଷ୍ଠୀ ମଦ, ଗଞ୍ଜେଇ, କଫ୍‌ସିରପ, ନିଶା ବଟିକା ଓ ବ୍ରାଉନ୍‌ସୁଗର କାରବାରଠାରୁ ଆରମ୍ଭ କରି ବିଭିନ୍ନ ବେଆଇନ କାର୍ଯ୍ୟରେ ନିଜକୁ ଲିପ୍ତ ରଖୁଛନ୍ତି। ବାରମ୍ବାର ଚଢ଼ଉ, ଗିରଫ ସତ୍ତ୍ୱେ ଏହାର କୌଣସି ପ୍ରଭାବ ପଡୁନାହିଁ। କମ୍ ସମୟରେ ଅଧିକ ଟଙ୍କା ରୋଜଗାର ଲାଳସାରେ ଯୁବପିଢ଼ି ଏଥିରେ ସାମିଲ ହୋଇ ବିପଥଗାମୀ ହେବା ସହ ଅପରାଧିକ ମାମଲାରେ ଜଡ଼ିତ ରହୁଥିବା ନଜିର ରହିଛି। ନିଶା ଉପରେ ନିୟନ୍ତ୍ରଣ ନ ଥିବାରୁ ସ୍ଥିତି ବିଗିଡ଼ିବାକୁ ଲାଗିଲାଣି। ସନ୍ଧ୍ୟା ହେଲେ ବିଭିନ୍ନ ଛକରେ ନିଶାଖୋର୍‌ଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ପକ୍ଷରୁ ସେଭଳି କଡ଼ା ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଥାଉକି, ଗତ କିଛିବର୍ଷ ହେବ ଖୋର୍ଦ୍ଧା ସହର ଓ ଏହାର ଉପକଣ୍ଠ ବ୍ରାଉନ୍‌ସୁଗର, ଗଞ୍ଜେଇ, କଫ୍‌ସିରପ ବ୍ୟବସାୟୀଙ୍କ ହବ୍ ପାଲଟିଛି। ଖୋର୍ଦ୍ଧା ସହର ସମେତ ଏହାର ଉପକଣ୍ଠ ଓ ବିଭିନ୍ନ ଗ୍ରାମାଞ୍ଚଳରେ ନିଶା କାରବାର ଜୋର୍ ଚାଲିଛି। ଗତ ଦୁଇବର୍ଷ ଭିତରେ ପୁଲିସ ଓ ଅବକାରୀ ପକ୍ଷରୁ ବିଭିନ୍ନ ସ୍ଥାନରୁ ଚଢ଼ଉ କରାଯାଇ ଗିରଫ କରାଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଅଧିକାଂଶ ମହିଳା ରହିଛନ୍ତି। ଯୁବପିଢ଼ି ପରେ ମହିଳାଙ୍କ ସମ୍ପୃକ୍ତି ବଢ଼ିବାରେ ଲାଗିଛି। ବିଗତ ଦିନରେ ଖୋର୍ଦ୍ଧା ଠେଙ୍ଗାହାଟ ସ୍ୱପ୍ନେଶ୍ୱର ସାହି ଏବଂ ଗୁରୁଜଙ୍ଗରୁ ଗିରଫଙ୍କ ମଧ୍ୟରେ ଅଧିକାଂଶ ମହିଳା ବେପାରୀ ରହିଛନ୍ତି। ପୁଲିସ ଓ ଅବକାରୀ ବିଭାଗ ଡାଳରେ ଗଲେ ମହିଳା ବେପାରୀ ପତ୍ରରେ ଚାଲିଛନ୍ତି। ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ, ଖଣିପୋଖରୀ, ପଲାଛକ, ଖ୍ରୀଷ୍ଟିଆନ ସାହି ରାସ୍ତା, ପୌର ପରିଷଦ କାର୍ଯ୍ୟାଳୟ ନିକଟ ରାସ୍ତା, ଖୋର୍ଦ୍ଧା ବରୁଣେଇ ସାହି ୧୪ନଂ ୱାର୍ଡଠାରୁ ଅରିସଲ ନିକଟ ଇନ୍ଫୋସିସ୍ ରୋଡ୍‌ର ବିଭିନ୍ନ ସ୍ଥାନରେ ଜନୈକ କିଛି ମହିଳା ବେପାରୀ ବ୍ରାଉନ୍‌ସୁଗର ବେପାର କରୁଥିବା ବିଶେଷ ସୂତ୍ରରୁ ଜଣାଯାଇଛି।

ସାମାଜିକ କର୍ମୀ ରାମ ଶଙ୍କର କୁହନ୍ତି, ଯୁବଗୋଷ୍ଠୀ ବିପଥଗାମୀ ହେବା ପାଇଁ ଅନେକ ରାସ୍ତା ମଧ୍ୟରୁ ନିଶା ସେବନ ଏକ ମୁଖ୍ୟ ମାରାତ୍ମକ ରାସ୍ତା। ଆଜିର ବହୁ ଯୁବଗୋଷ୍ଠୀ ନିଶାସକ୍ତ ହୋଇ ଉଚିତ୍ ପଥ ଭୁଲି ମନ୍ଦ ଓ ଅସାମାଜିକ ପଥରେ ଗତି କରୁଛନ୍ତି। କେବଳ ଅଶିକ୍ଷିତ ଯୁବଗୋଷ୍ଠୀ ନୁହନ୍ତି ଆଜିର ଅଧିକାଂଶ ଶିକ୍ଷିତ ଯୁବକ ଯୁବତୀ ଏହି କ୍ଷତିକାରକ ନିଶାଦ୍ରବ୍ୟ ପ୍ରତି ଘୋର୍ ଆସକ୍ତ। ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ କୁହନ୍ତି, ନିଶା ବେପାର ଓ ସେବନ କ୍ଷେତ୍ରରେ ପ୍ରାୟ କିଶୋର ଓ କିଶୋରୀମାନେ ଆଗରେ ରହିଥିବା ବିଭିନ୍ନ ସର୍ଭେରୁ ଜଣାପଡୁଛି। ଏକ ସର୍ଭେ ରିପୋର୍ଟ ଅନୁଯାୟୀ, ନିଶା ସେବନରେ ୪୫.୬ ପ୍ରତିଶତ କିଶୋର ଓ କିଶୋରୀ ନିଶା ସେବନ କରୁଥିବାବେଳେ ଗୁଟ୍‌ଖା ଖାଉଥିବା କିଶୋରଙ୍କ ସଂଖ୍ୟା ସବୁଠୁ ଅଧିକ। ଆଇନଜୀବୀ ଶିଶିର ପରିଡ଼ା କୁହନ୍ତି, ଯୁବ ସମାଜ ହେଉଛି ରାଷ୍ଟ୍ରର ମେରୁଦଣ୍ଡ। କେବଳ ରାଷ୍ଟ୍ର ନୁହେଁ, ସମାଜ ଓ ପରିବାରର ଯୁବକ ହେଉଛି ସାହାଭରସା। ନିଶା ସେବନ ଯୋଗୁଁ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେଉଛନ୍ତି। ତେଣୁ ଏ ଦିଗରେ କର୍ମଶାଳା କରାଯାଇ ଯୁବଗୋଷ୍ଠୀଙ୍କୁ ଉଚିତ୍ ମାର୍ଗକୁ ଫେରାଇ ଆଣିବା ଜରୁରୀ।

## ବ୍ରାଉନ୍‌ସୁଗର ଜବତ, ୨ ଗିରଫ



ଖୋର୍ଦ୍ଧା,୨୫।୯ (ସମିସ): ସ୍ଥାନୀୟ ଗୋଶାଳା ପଡ଼ିଆ ମଝିରେ ଗୁରୁବାର ଅପରାହ୍ଣରେ ବ୍ରାଉନ୍‌ସୁଗର ଡିଲ୍ ଚାଲୁଥିବାବେଳେ ଶିଳ୍ପାଞ୍ଚଳ ପୁଲିସ ଚଢ଼ଉ କରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ ସ୍ଥାନୀୟ ମୁକୁନ୍ଦପ୍ରସାଦର ଆବିଦ୍ ଖାନ୍ (୩୪) ଓ ସାଗର ବରାଳ (୨୮)। ସେମାନଙ୍କଠାରୁ ପୁଲିସ ୨୪.୨୦ ଗ୍ରାମ୍ ବ୍ରାଉନ୍‌ସୁଗର, ନଗଦ ୧୫୦୦ ଟଙ୍କା ଓ ୨ଟି ମୋବାଇଲ୍ ଫୋନ୍‌କୁ ଜବତ କରିଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୨ଲକ୍ଷ ୪୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତି ସୂଚନା ଦେଇଛନ୍ତି। ଏହି ଘଟଣାରେ ଖସିଯାଇଥିବା ସ୍ୱପ୍ନେଶ୍ୱର ସାହି ଅଞ୍ଚଳର ଜଣେ ଅଭିଯୁକ୍ତକୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।

ଗୁରୁବାର ଅପରାହ୍ଣରେ ଗୋଶାଳା ପଡ଼ିଆର ମଧ୍ୟ ଭାଗରେ କିଛି ଯୁବକ ଏକାଠି ହୋଇ ବେପାର ପାଇଁ ଯୋଜନା କରୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା।

ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ଉମେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସେମାନଙ୍କୁ ଧରିବା ଲାଗି ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍‌ଆଇ ସୁନିତା ବେହେରାଙ୍କ ନେତୃତ୍ୱରେ ଚଢ଼ଉ କରିଥିଲେ। ମାମଲାର ତଦନ୍ତଭାର ଏସ୍‌ଆଇ ଭାଗ୍ୟଶ୍ରୀ ବେହେରାଙ୍କୁ ଦିଆଯାଇଥିବା ଅତିରିକ୍ତ ଏସ୍‌ପି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ଉମେଶ କୁମାର ସାହୁ, ଏସ୍‌ଆଇ ବାସୁଦେବ ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ପରିଛଲ କପ୍ ଶୁଭାରମ୍ଭ: ବାଙ୍କୀ ବିଜୟୀ

ଖୋର୍ଦ୍ଧା,୨୫।୯ (ସମିସ): ବେଗୁନିଆ ବ୍ଲକ୍ ପରିଛଲ ଯୁଥକ୍ଲବ ଆନୁକୂଲ୍ୟରେ ୩୩ତମ ପରିଛଲ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାରଠାରୁ ଶୁଭାରମ୍ଭ ହୋଇଛି। ଆସନ୍ତା ଅକ୍ଟୋବର ୨ ତାରିଖରେ ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଗୁରୁବାର ଉଦ୍‌ଘାଟନୀ ମ୍ୟାଚ୍ ଚୌଦ୍ୱାର ଜାକେବିନ୍ କ୍ରିକେଟ କ୍ଲବ ଏବଂ ବାଙ୍କୀ ଆଥଲେଟିକ୍ ଆସୋସିଏସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚୌଦ୍ୱାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୭ ଓଭରରେ ୬ ୱିକେଟ ବିନିମୟରେ ୧୯୨ ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସଂଗ୍ରାମ ମାଝୀ ସର୍ବାଧିକ ୧୧୦(୫୦ ବଲ୍) ରନ୍ କରିଥିଲେ। ଏଥିରେ ୮ଟି ଚୌକା ଓ ୧୧ଟି ଛକା ସାମିଲ ଅଛି। ପପୁ ଚାନ୍ଦ ୧୮ ରନ୍ କରିଥିଲେ। ବାଙ୍କୀର ବିରେନ ଦଳେଇ ୨ଟି ଏବଂ ଏନ୍‌କେ ନିହାର ୪ଟି ୱିକେଟ ନେଇଥିଲେ। ଜବାବରେ ବିପକ୍ଷ ଦଳ ୧୯୩ ରନ୍ ପିଛା କରି ଖେଳ ଆରମ୍ଭ କରିଥିବାବେଳେ ବର୍ଷା ବାଧକ ସାଜିଥିଲା। ମ୍ୟାଚ୍ ରେଫରୀଙ୍କ ନିର୍ଦ୍ଦେଶ କ୍ରମେ ୧୧ ଓଭର ଖେଳ ହୋଇଥିଲା। ଧାର୍ଯ୍ୟ କରାଯାଇଥିବା ଓଭରରେ ଦଳ ୧୨୬ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରାକେଶ ସାହୁ ୫୪ ରନ୍, ଆଲୋକ ବେହେରା ୩୯ ରନ୍ ସଂଗ୍ରହ କରିଥିବାବେଳେ ବିପକ୍ଷ ଦଳ ପକ୍ଷରୁ ଭକ୍ତବନ୍ଧୁ ରାଉତ ଓ ରାଜା ତରାସିଆ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ସଂଗ୍ରାମ ମାଝୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦିଆଯାଇଛି। ଅମ୍ପାୟାର ଭାବେ ଶ୍ରୀନିବାସ ବାରିକ ଓ ଦିନବନ୍ଧୁ ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିବା ବେଳେ କ୍ଲବ୍ ସଭାପତି ସୁଶାନ୍ତ ପଟ୍ଟନାୟକ, ସମ୍ପାଦକ ଅବିନାଶ ସାମନ୍ତରାୟ, ବିନାୟକ ସାମନ୍ତରାୟଙ୍କ ସମେତ ଅନ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ନାଚୁଣୀ କଲେଜରେ ଶିକ୍ଷକ ଓ ଅଭିଭାବକ ବୈଠକ



ଚିଲିକା,୨୫।୯ (ସମିସ): ନାଚୁଣୀ ମହାବିଦ୍ୟାଳୟ ପରିସରରେ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସଂଘମିତ୍ରା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବହୁ ସଂଖ୍ୟାରେ ଅଭିଭାବକ ଯୋଗଦେଇ ସେମାନଙ୍କ ପିଲାମାନଙ୍କର ଶିକ୍ଷା ସମସ୍ୟା, ଶୃଙ୍ଖଳା, ଉପସ୍ଥାପନ ଓ ଫଳାଫଳ ଆଦି ବିଷୟରେ ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ସହ ଆଲୋଚନା କରିଥିଲେ। ଅଧ୍ୟକ୍ଷା ଶ୍ରୀମତୀ ପଟ୍ଟନାୟକ ପିଲାମାନଙ୍କର କିଛି ସମସ୍ୟାକୁ ଖୁବ୍‌ଶୀଘ୍ର ସମାଧାନ କରିବାକୁ ପଦକ୍ଷେପ ନେଉଛନ୍ତି ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଭାକୁ ପ୍ରାଣୀ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଗୋଲକ ବିହାରୀ ବାରିକ ସଂଯୋଜନା କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଉଦ୍ଭିଦ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଡ. ପ୍ରଦୀପ୍ତ ରଥ।

## ଗଞ୍ଜେଇ ଜବତ, ୩ ଗିରଫ

ବେଗୁନିଆ,୨୫।୯ (ସମିସ): ଚଢ଼ଉ ସମୟରେ ୩ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ୩ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ କେରଳର ଅଧି ଏମ(୧୮), କାର୍ତ୍ତିକ ଏମ(୧୮) ଓ ମହେନ୍ଦ୍ର ଏମ(୨୬)। ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦରରେ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନ ଏବଂ ବେଗୁନିଆ ଭାରପ୍ରାପ୍ତ ଅଧିକାରୀ ମିତ୍ରବିନ୍ଦା ପରିଡ଼ାଙ୍କ ନେତୃତ୍ୱରେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥର ଏକ ବସରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ସନ୍ଦେହ କରି ଚଢ଼ଉ କରିଥିଲେ। ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁଯାୟୀ, ନୟାଗଡ଼ ଜିଲ୍ଲା ଦଶପଲ୍ଲାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସରେ ପୁଲିସ ପକ୍ଷରୁ ଚଢ଼ଉ ହୋଇଥିଲା। ସାରୁଅ ନିକଟରେ ବେଗୁନିଆ ଅବକାରୀ ବିଭାଗ ଚଢଉ କରି ୩ ଜଣ ଯୁବକଙ୍କୁ କାବୁ କରିଥିଲା। ସେମାନଙ୍କ ପାଖରୁ ୩ କେଜି ଗଞ୍ଜେଇ ଜବତ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରିଛି।

## ବାଲୁଗାଁ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଦିବସ

ବାଲୁଗାଁ,୨୫।୯ (ସମିସ): ବାଲୁଗାଁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଜାତୀୟ ସେବା ଯୋଜନାର ୫୬ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେବା ପ୍ରତି ଉତ୍ସର୍ଗୀକୃତ ହେବାକୁ ସ୍ୱେଚ୍ଛାସେବୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. କୈଳାସ ଚନ୍ଦ୍ର ମହାରଣା ଓ ଅଧ୍ୟାପିକା ରୀନା ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟସ୍ତରରେ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ବବୁଲ ରଣସିଂହ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ ବିକ୍ରମ ବିଷୋୟୀ, ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ସ୍ୱେଚ୍ଛାସେବୀ ନବକିଶୋର ଜାଲି, ଯଶୋବନ୍ତ ବେହେରା, ଶିବକୁମାର ବେହେରା, ମୋନାଲିସା ରାଉତ, ସନ୍ଧ୍ୟାରାଣୀ ବେହେରା, ସୁଗନ୍ଧରାଜ ଜେନା ଓ ରଶ୍ମିରେଖା ବେହେରାଙ୍କ ସମେତ ବହୁ ପ୍ରାକ୍ତନ ସ୍ୱେଚ୍ଛାସେବୀ ସାମିଲ ହୋଇ ନିଜର ଅନୁଭୂତି ବଖାଣିଥିଲେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ମଧ୍ୟରେ ସେବା ମନୋଭାବ ଓ ବ୍ୟକ୍ତିତ୍ୱ ବିକାଶ ଦିଗରେ ଜାତୀୟ ସେବା ଯୋଜନା ପକ୍ଷରୁ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱେଚ୍ଛାସେବୀମାନଙ୍କର ନେତୃତ୍ୱ ବିକାଶ ସହ ଅନ୍ତର୍ନିହିତ ଗୁଣ ପରିସ୍ଫୁଟନ ହେଉଛି। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମରେ ବାଲୁଗାଁ ମହାବିଦ୍ୟାଳୟର ଅନେକ ସ୍ୱେଚ୍ଛାସେବୀ ମାନେ ଉଲ୍ଲେଖନୀୟ କାର୍ଯ୍ୟକରି ମହାବିଦ୍ୟାଳୟର ଗାରିମା ବୃଦ୍ଧି କରିଛନ୍ତି। ଶେଷରେ ସ୍ୱେଚ୍ଛାସେବୀ ବିଜୟ ଲକ୍ଷ୍ମୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅବସରରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରିବା ସହ ନିକଟସ୍ଥ ଜରାନିବାସରେ ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରିଥିଲେ।

## ନାବାଳିକା ଅପହରଣ ମାମଲା; ଅଭିଯୁକ୍ତ ଗିରଫ

ବାଲୁଗାଁ,୨୫।୯ (ସମିସ): ବାଲୁଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବକ ପ୍ରାୟ ୬ ମାସ ପୂର୍ବେ ଅପହରଣ କରି ନେଇଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ବାଲୁଗାଁ ପୁଲିସ ବର୍ତ୍ତମାନ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ଅଭିଯୋଗ ମୁତାବକ, ବାଲୁଗାଁ ଥାନା ଅନ୍ତର୍ଗତ ଆମ୍ବପଡ଼ା ଗ୍ରାମର ଜଣେ ନାବାଳିକାଙ୍କୁ ଧୂଆଁଳ ଗ୍ରାମର ଜିତୁ ବିଶ୍ୱାଳ ନାମକ ଜଣେ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାକୁ ସାଥିରେ ନେଇ ରାଜ୍ୟ ବାହାରକୁ ଚାଲିଯାଇଥିଲା। ନାବାଳିକାଙ୍କ ବାପା ଏ ସମ୍ପର୍କରେ ଜାଣିବାକୁ ପାଇ ଏନେଇ ବାଲୁଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ପୋକ୍ସୋ ଆଇନରେ ବାଲୁଗାଁ ଥାନା କେସ୍ ନଂ୧୫୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ମାତ୍ର ନାବାଳିକାକୁ ନେଇ ଜିତୁ ଫେରାର୍ ଥିଲେ। ତେବେ ଜିତୁ ନାବାଳିକାକୁ ନେଇ ଗ୍ରାମକୁ ଫେରିଥିବା ସମ୍ପର୍କରେ ବାଲୁଗାଁ ଥାନା ଅଧିକାରୀ ବିଶେଷ ସୂତ୍ରରୁ ଖବର ପାଇ ପୁଲିସ ଟିମ୍ ଚଢ଼ଉ କରି ଜିତୁଙ୍କୁ ଗିରଫ କରିବା ସହ ନାବାଳିକାକୁ ଉଦ୍ଧାର କରି ଖୋର୍ଦ୍ଧା ଶିଶୁ ସୁରକ୍ଷା ସେଲକୁ ପଠାଇ ତଦନ୍ତ ଅବ୍ୟାହତ ରଖିଥିବା ପୁଲିସ କହିଛି।

## ପେନ୍‌ସନର୍ସ ଆସୋସିଏସନ୍‌ର ବାର୍ଷିକ ଅଧିବେଶନ



ଖୋର୍ଦ୍ଧା,୨୫।୯ (ସମିସ): ସ୍ଥାନୀୟ ଜେଲ୍ ରୋଡ୍‌ସ୍ଥିତ ଶ୍ୟାମ ମାଧବ ବାସନ୍ତୀ ଦେବୀ ମେମୋରିଆଲ ପାଠାଗାର ପରିସରରେ ଖୋର୍ଦ୍ଧା ଜିଲ୍ଲା ପେନ୍‌ସନର୍ସ ଆସୋସିଏସନ୍‌ର ପରିବର୍ଦ୍ଧିତ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୀମସେନ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ।
ସାଧାରଣ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ହାଜି ନସିମ୍ ଉଦ୍ଦିନ୍ ଖାନ୍ ବାର୍ଷିକ ବିବରଣୀ ପାଠ କରିବା ସହିତ ବାର୍ଷିକ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ତେବେ ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ, ପ୍ରତ୍ୟେକ ପରିବାରରୁ ୭୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ନାଗରିକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ବୟୋବନ୍ଦନା ଯୋଜନା କରିଛନ୍ତି, କିନ୍ତୁ ଏହାର ସଠିକ୍ କାର୍ଯ୍ୟଶୈଳୀ ନିରୁପିତ ଡାକ୍ତରଖାନାମାନଙ୍କୁ ଜଣାଇ ନ ଥିବାରୁ ଏପର୍ଯ୍ୟନ୍ତ କୌଣସି ବରିଷ୍ଠ ନାଗରିକଙ୍କ ଦେୟମୁକ୍ତ ଚିକିତ୍ସା ହୋଇପାରୁ ନାହିଁ। ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଲେ ମଧ୍ୟ ଭାରପ୍ରାପ୍ତ ଅଧିକାରୀମାନେ କୌଣସି ପ୍ରକାର ସପକ୍ଷବାଦୀ ତଥା ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଯାହାଫଳରେ ରୋଗାକ୍ରାନ୍ତ ବରିଷ୍ଠ ନାଗରିକମାନେ ହତୋତ୍ସାହ ହୋଇପଡ଼ିଛନ୍ତି ବୋଲି ବୈଠକରେ ଆଲୋଚନା ହୋଇଥିଲା।

ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା। ଏହି ଅବସରରେ ଆସନ୍ତା ୩ ବର୍ଷ ପାଇଁ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ଚୟନ କରାଗଲା। ସଭାପତି ଭୀମସେନ ପ୍ରଧାନ, କାର୍ଯ୍ୟକାରୀ ସଭାପତି ମାୟାଧର ମହାଳିକ, ଉପସଭାପତି ଡ. ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ଏବଂ କୋଷାଧ୍ୟକ୍ଷ ହାଜି ନସିମ୍ ଉଦ୍ଦିନ୍ ଖାନ୍, ଯୁଗ୍ମ ସମ୍ପାଦକ ନାରାୟଣ ଚନ୍ଦ୍ର ଦାଶ, ଉପଦେଷ୍ଟା ଦେବପ୍ରସାଦ ମଜୁମ୍‌ଦାର, ସତ୍ୟବାଦୀ ବଳିୟାରସିଂହ ଓ କାର୍ଯ୍ୟକାରିଣୀକୁ ୧୨ଜଣ ସଭ୍ୟ/ସଭ୍ୟା ମନୋନୀତ ହେଲେ।

## ବରୁଣେଇ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ

ଖୋର୍ଦ୍ଧା,୨୫।୯ (ସମିସ): ବରୁଣେଇ ପାହାଡ଼ ପାଦଦେଶରେ ଶେଷରେ ସ୍ମାରକୀ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଭାରତରେ ଅଭୂତପୂର୍ବ ଜନଜାଗରଣ ସୃଷ୍ଟି କରିଥିବା ପାଇକ ବିଦ୍ରୋହର ରକ୍ତରଞ୍ଜିତ ଇତିହାସକୁ ମନେ ରଖିବା ପାଇଁ ତତ୍କାଳୀନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ୨୦୧୯ ରେ ପାଇକ ସ୍ମାରକୀ ଶିଳାନ୍ୟାସ କରାଯାଇଥିଲା। ଜାଗା ଚିହ୍ନଟ, ଶାଗୁଆନ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ଓ ପାଚେରି ନିର୍ମାଣ ପରେ ବହୁ ବିଳମ୍ବରେ



ଗୁରୁବାର ସ୍ମାରକୀ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ନିର୍ମାଣ କାର୍ଯ୍ୟର ପ୍ରାୟୋଜକ ଇଣ୍ଡିଆନ ଅଏଲ୍ ଫାଉଣ୍ଡେସନ ଓ ଇଆଇଏଲ୍, କଳିଙ୍ଗ ପାଇକ ସଂଗଠନ, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଦଳବେହେରା ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ସ୍ମାରକୀସ୍ଥଳରେ ନିର୍ମାଣ କାର୍ଯ୍ୟ ପାଇଁ ଯଜ୍ଞ କାର୍ଯ୍ୟ ଠିକାଦାର ପ୍ରଜାରଞ୍ଜନ ପ୍ରଧାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। କର୍ତ୍ତା ଭାବେ ବକ୍ସି ଜଗବନ୍ଧୁଙ୍କ ଦାୟାଦ ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ତୈଳ ନିଗମ ଇଞ୍ଜିନିୟର ହରିନାଥନ୍ ରେଡ୍ଡୀ ଯୋଗଦେଇଥିଲେ। ଯଜ୍ଞ ସମାପନ ପରେ ଆବାହକ କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଞ୍ଚାଳକ ତଥା ଇଂ. ଶିଶିର ନାୟକ ନିର୍ମାଣ କାର୍ଯ୍ୟନେଇ ବକ୍ତବ୍ୟ ରଖିଥିଲେ। ପ୍ରାକ୍ତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ସମାଜସେବୀ ପଦ୍ମନାଭ ବିଶ୍ୱାଳ, କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିଆରସିଂହ, ସଂଗ୍ରାମ ଜଗଦେବ ପ୍ରମୁଖ ଯୋଗଦେଇଥିଲେ। କଳିଙ୍ଗ ପାଇକ ସଂଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

## କୁଷ୍ମାଣ୍ଡା ବେଶରେ ମା' ବନଦୁର୍ଗା



ନିରାକାରପୁର,୨୫।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱରସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ ଶାରଦୀୟ ଷୋଳପୂଜାର ଦ୍ୱାଦଶ ଓ ନବରାତ୍ରିର ଚତୁର୍ଥ ଦିବସରେ କୁଷ୍ମାଣ୍ଡା ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା, ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ଶ୍ରୀମହାପ୍ରସାଦ ମା'ଙ୍କୁ ସମର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି।

## ମହିଳା ସୁରକ୍ଷା ସମ୍ପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା

ଖୋର୍ଦ୍ଧା,୨୫।୯ (ସମିସ): ମିଶନଶକ୍ତି ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଘରୋଇ ହିଂସାରୁ ମହିଳାମାନଙ୍କୁ ସୁରକ୍ଷା ଅଧିନିୟମ ୨୦୦୫ ସମ୍ପର୍କିତ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହାରାଜ ଏଥିର ଅଧ୍ୟକ୍ଷତା କରିଥିଲେ।



ଆଇନଜୀବୀ ତଥା ପୂର୍ବତନ ସିଡବ୍ଲୁସି ମେମ୍ବର ମାନସୀ ପାଢ଼ୀ ଯୋଗଦେଇ ମହିଳାମାନେ ଶିକାର ହେଉଥିବା ଘରୋଇ ହିଂସା, ମାନସିକ ତଥା, ଶାରୀରିକ ଅତ୍ୟାଚାର ବିରୋଧରେ କିପରି ସଚେତନତା ସୃଷ୍ଟି କରାଯିବ ସେବିଷୟରେ ଅବଗତ କରାଇଥିଲେ। ନାରୀଙ୍କୁ ସଚେତନ କରିବା ସହିତ, ପୁରୁଷଙ୍କୁ ମଧ୍ୟ ଶିଖିବାକୁ ହେବେ ଯେ, ଯେପରି ତାଙ୍କଦ୍ୱାରା କୌଣସି ବର୍ଗର ନାରୀ ନିର୍ଯାତିତ ନହୁଅନ୍ତି। ଗୋଟିଏ ସମାଜର ଉତ୍‌ଥାନ ପାଇଁ ନାରୀଙ୍କ ସମ୍ମାନ ଓ ଉତ୍‌ଥାନ ନିତ୍ୟାନ୍ତ ଆବଶ୍ୟକ। ଏଡିପିଏଚ୍‌ଓ ଖୋର୍ଦ୍ଧା ଡ. ଇନ୍ଦିରା କୁମାରୀ ରଥ, ସ୍ମିତା ମଞ୍ଜରୀ ମଲ୍ଲିକ ପ୍ରମୁଖ ଯୋଗଦେଇ ସମାଜରୁ କିପରି ନାରୀ ନିର୍ଯାତନା ବିଲୋପ କରାଯିବ ଏବଂ ମହିଳାମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରାଯିବ ସେନେଇ ଆଲୋଚନା କରିଥିଲେ। ଏଥିରେ ପିଓ, ଖୋର୍ଦ୍ଧା, ସମସ୍ତ ବ୍ଲକସ୍ତରୀୟ ଶିଶୁ କଲ୍ୟାଣ ଅଧିକାରୀ, ଏଫସିସି କାଉନସିଲର, ଶକ୍ତି ସଦନ, ଏବଂ ୱାନଷ୍ଟପ ସେଣ୍ଟରର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପିଓ ସୌଦାମିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ

ବାଲୁଗାଁ,୨୫।୯ (ସମିସ): ବାଲୁଗାଁ-ବାଣପୁର ତଥା ଚିଲିକା ଅଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହାଆଡ଼ମ୍ବରେ ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ଓ ବୁଧବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମଣ୍ଡପରୁ ପାଟପଟୁଆରରେ ବାହାରି ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଚଳିତ ବର୍ଷ ପାଇଁ ବିଦାୟ ଦେଇ ଚିଲିକା ଜଳ ରାଶିରେ ନେଇ ବିସର୍ଜନ କରିଥିଲେ।



ପ୍ରତିବର୍ଷ ପରି ଚଳିତ ବର୍ଷ ବାଲୁଗାଁ ଗାନ୍ଧୀଛକସ୍ଥିତ ଶ୍ରୀ ଉମାମହେଶ୍ୱର ଅଟୋ ଆସୋସିଏସନ୍, ରେଳବାଇ କାର୍ଯ୍ୟାଳୟ, ବାଲୁଗାଁ ଟାଟାପାୱାର ଓ ସେସୁ କାର୍ଯ୍ୟାଳୟ, ଅନ୍ତର୍ଦେଶୀୟ ଜଳପଥ ପରିବହନ ବିଭାଗ ସମେତ ବିଭିନ୍ନ ଛୋଟ ବଡ କୁଟୀରଶିଳ୍ପ ତଥା ଗ୍ୟାରେଜଗୁଡ଼ିକରେ ବିଭିନ୍ନ ଆଲୋକ ଓ ତୋରଣ ସଜାରେ ବିଶ୍ୱକର୍ମା ପୂଜା ବେଶ୍ ଆକର୍ଷଣୀୟ ହୋଇଥିଲା। ଏହି ପୂଜା ଗତ ୫ ଦିନ ଧରି ମଣ୍ଡପଗୁଡ଼ିକରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବାଦୀପାଲା ଓ ଭଜନ ସମାରୋହ ଆଦି ପରିବେଷଣ ଜାରି ରହିଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବର୍ତ୍ତମାନ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଦେବଶିଳ୍ପୀଙ୍କ ଭସାଣି ଉତ୍ସବ ପାଳନ କରି ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତିକୁ ଚିଲିକାର ନିଳ ଜଳରାଶିରେ ବିସର୍ଜନ କରିଥିଲେ।

## ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଅନାବନା ଗଛ

ବେଗୁନିଆ,୨୫।୯ (ସମିସ): ବେଗୁନିଆ ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ବର୍ଷା ଦିନରେ ଅନାବନା ଗଛଗୁଡ଼ିକ ବୃଦ୍ଧି ପାଇ ଆଡୁଆଳ ହୋଇଛି। ତେବେ ମଲିପଦର-କଣ୍ଟାବାଡ଼-ଗୋବିନ୍ଦପୁର-କୋଲୁହା ପାଟଣା-କୁଶପଲା-ବେଗୁନିଆ-ଧାନଘର ନୂଆଗାଁ ଆଦି ଗ୍ରାମର ଗ୍ରାମ୍ୟ ଉନ୍ନୟନ ରାସ୍ତାର ଦୁଇ ପାଶ୍ୱର୍ରେ ଅନାବନା ଗଛ ସୃଷ୍ଟି ହୋଇଛି। ଏହା ଫଳରେ ପ୍ରତ୍ୟହ ଯାତାୟାତ କରୁଥିବା ମୋଟର ସାଇକଲ ଆରୋହୀ, ଛାତ୍ରଛାତ୍ରୀ ଓ ପଥଚାରୀଙ୍କ ମଧ୍ୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାର ଦେଖିବାକୁ ମିଳୁଛି। ଏହି ରାସ୍ତାର ରକ୍ଷଣାବେକ୍ଷଣ ନିମନ୍ତେ ୫ ବର୍ଷ ଅବଧି ରହିଥିବାବେଳେ ଠିକାଦାର ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ସଲାସୁତର ହୋଇ ଅର୍ଥକୁ ହଡ଼ପ କରୁଥିବା ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର ଖୋରାକ ଯୋଗାଇଛି। ଏପରିକି କଣ୍ଟାବାଡ଼ ଗ୍ରାମ ବାଲୁଙ୍କେଶ୍ୱର ଦେବ ମନ୍ଦିରଠାରୁ ବଡ଼ବେରଣା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତାର ରକ୍ଷଣାବେକ୍ଷଣ ଅଭାବରୁ ପିଚୁ ଉଠିବା ସହ ଗୋଡ଼ିଗୁଡ଼ିକ ଦୃଶ୍ୟମାନ ହେଉଛି। ଏହି ମନୋମୁଖି କାର୍ଯ୍ୟ ଯୋଗୁଁ ସାଧାରଣରେ ଅସନ୍ତୋଷ ଦିନକୁ ଦିନ ବ୍ୟାପିବାରେ ଲାଗିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜ୍ୟୋତିର୍ମୟୀ ବେହେରାଙ୍କୁ ପଚାରିବାରୁ ଅନୁଦାନ ଅର୍ଥରାଶି ଆସିଲେ କରାଯିବ ବୋଲି କହିଛନ୍ତି।

ବଢୁଛି ଦୁର୍ଘଟଣା; ସାଧାରଣରେ ବ୍ୟାପୁଛି ଅସନ୍ତୋଷ



## ଉଗ୍ରତାରା ଛକଠାରୁ ଭୂଷଣ୍ଡପୁର ରାସ୍ତା ବିପଦସଙ୍କୁଳ

ନିରାକାରପୁର,୨୫।୯ (ସମିସ)



ଖୋର୍ଦ୍ଧା ଜିଲ୍ଲା ସାନରାଉତପଡ଼ା ପଞ୍ଚାୟତ ମୂଳିଝରଗଡ଼ସ୍ଥିତ ମା' ଉଗ୍ରତାରା ହେଉଛନ୍ତି ଆଦିଶକ୍ତି ମା' ଏବଂ ଶକ୍ତିପୀଠ ରୂପରେ ସାରା ରାଜ୍ୟରେ ଜଣାଶୁଣା। ଉଗ୍ରତାରା ଛକ ଜାତୀୟ ରାଜପଥଠାରୁ ଉଗ୍ରତାରା ମନ୍ଦିର ଗଲାବେଳକୁ ରାସ୍ତାର କିଛି ଅଂଶ ସମ୍ପୂର୍ଣ୍ଣ ପିଚୁ ଖୋଲି ହୋଇ ଖାଲ ହୋଇଗଲାଣି। ଏପଟେ ରାତିରେ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା ନ ଥିବାରୁ ବିପଜ୍ଜନକ ଭାବରେ ଲୋକେ ଯାତାୟାତ କରୁଛନ୍ତି। କିଛି ଲୋକ ରାସ୍ତାରେ ଥିବା ଖାଲଖମା ଜାଣିପାରୁନାହାନ୍ତି। ଏତେ ସୁନ୍ଦର ରାସ୍ତା ଥାଉ ଥାଉ ରାସ୍ତା ମଝିରେ ଏତେ ବଡ଼ ଖାଲ କେହି ସହଜେ ଜାଣିପାରୁନାହାନ୍ତି। ପରେ ସେଠାରୁ ଅତିକ୍ରମ କଲାବେଳକୁ ଅଳ୍ପକେ କିଏ ଦୁର୍ଘଟଣାରୁ ବର୍ତ୍ତିଯାଉଛି ତ କିଏ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ବର୍ତ୍ତମାନ ଦଶହରା ପର୍ବ ନବରାତ୍ରି ଚାଲୁ ରହିଛି। ରାଜ୍ୟ କୋଣ ଅନୁକୋଣରୁ ଭକ୍ତମାନେ ମା'ଙ୍କ ଦର୍ଶନ ପାଇଁ ଦୌଡ଼ି ଆସୁଛନ୍ତି। କିନ୍ତୁ ଏଭଳି ବିପଜ୍ଜନକ ରାସ୍ତାରେ ଭୟଭୀତ ଅବସ୍ଥାରେ ଯାତାୟାତ କରିବାକୁ ଲୋକେ ବାଧ୍ୟ ହେଉଛନ୍ତି।

ତେଣୁ ଉଗ୍ରତାରା ନାରାୟଣୀ ୟୁଥ୍ କ୍ଲବ୍ ସଭାପତି ରବିନ୍ଦ୍ର କୁମାର ଭୂଜବଳ, ଉପସଭାପତି ଜୀବନ କୁମାର ବିଶ୍ୱାଳ, ସମ୍ପାଦକ ଗର୍ମୀ ରଞ୍ଜନ ବିଶ୍ୱାଳ, ଉପସମ୍ପାଦକ ଜଗନ୍ନାଥ ଓଝା, କୋଷାଧ୍ୟକ୍ଷ ହରିବନ୍ଧୁ ଜେନା ପ୍ରମୁଖ ଖୋର୍ଦ୍ଧା ଜିଲ୍ଲାପାଳ ଏବଂ ପୂର୍ତ୍ତ ବିଭାଗୀୟ ଅଧିକାରୀଙ୍କୁ ଯାତ୍ରୀଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଯଥାଶୀଘ୍ର ଏହା ମରାମତି କରିବାକୁ ଅନୁରୋଧ କରିଛନ୍ତି।

ସକାଳ
THE SAKALA



www.sakalaepaper.com

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୧ ● ପାଉଣ୍ଡ ୧୧୯.୫୫
- ୟୁରୋ ୧୦୪.୬୪ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୦୪,୯୦୦ (ଭୁବନେଶ୍ୱର)
- ରୁପା : ୧,୫୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୧୫୯.୦୦
- ନିଫ୍ଟି ୨୪,୮୯୦.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ବିଆଇପିଏଫ୍ ଏବଂ ଫିକି ସହଭାଗିତାରେ ଆଇଡିଏଟ୍-୨୦୨୫ ଅନୁଷ୍ଠିତ

ଭୁବନେଶ୍ୱର, ୨୫।୯(ସମିସ): ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍), ଫିକି ସହଭାଗିତାରେ ନୂଆଦିଲ୍ଲୀ ଫିକୀ କମିଶନ ହଲରେ ଏହାର ବାର୍ଷିକ ପ୍ରମୁଖ ସମ୍ମିଳନୀର ୧୪ତମ ସଂସ୍କରଣ ଆଇଡିଏଟ୍-୨୦୨୫ସଫଳତାର ସହିତ ସମାପ୍ତ କରିଛି। ଏହି ବର୍ଷର ବିଷୟବସ୍ତୁ 'ମାର୍ଜିନ୍ ଟୁ ମେନଷ୍ଟ୍ରିମ୍: ଏମ୍ପାୱାରିଂ ଟୁ ଲେଡ୍' ରହିଥିଲା। ଏଥିରେ ସ୍ୱତନ୍ତ୍ର ଭାଷଣ ପ୍ରଦାନ କରି, ଏଚ୍. ଟି. ମିଡିଆ ଲିମିଟେଡର ଅଧକ୍ଷା ଏବଂ ସମ୍ପାଦକୀୟ ନିର୍ଦ୍ଦେଶକ ପଦ୍ମଶ୍ରୀ ଶୋଭନା ଭାରତିଆ ମହିଳାମାନଙ୍କୁ ସଶକ୍ତ କରିବା ଦାନ ନୁହେଁ, ଏହା ଏକ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଆଇପିଏଫ୍‌ର ପ୍ରତିଷ୍ଠାତା ଏବଂ ସିଇଓ ଶୈଫାଳିକା ପଣ୍ଡା ବିଭିନ୍ନ କ୍ଷେତ୍ରରେ ଶକ୍ତି ଗତିଶୀଳତାକୁ ପୁନଃପରିଭାଷିତ କରିବାରେ ମହିଳା ନେତୃତ୍ୱର ପରିବର୍ତ୍ତନକାରୀ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଆମର ଦେଶ; ବିକଶିତ ଭାରତ ୨୦୪୭ର ଦୃଷ୍ଟିକୋଣ ଆଡ଼କୁ ଅଗ୍ରସର ହେଉଥିବାରୁ, ନାରୀ ଶକ୍ତିକୁ ବ୍ୟବହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ମହିଳାମାନଙ୍କ ନେତୃତ୍ୱରେ ବିକାଶର ପଥ ଅନୁସରଣ କରୁଥିବାରୁ, ଆମକୁ ମହିଳାମାନଙ୍କୁ ପରିବର୍ତ୍ତନର ସ୍ଥପତି ଭାବରେ ଦେଖିବା ଉଚିତ ଏବଂ ସେମାନଙ୍କ ପ୍ରବେଶ ସହିତ ସେମାନଙ୍କ ଏଜେନ୍ସିରେ ବିନିଯୋଗ କରିବାକୁ ପଡିବ।



# ୱାର୍ଲଡ ଫୁଡ୍ ଇଣ୍ଡିଆ ପ୍ରଦର୍ଶନୀରେ 'ଫାର୍ମ ବି'

ନୂଆଦିଲ୍ଲୀ,୨୫।୯(ସମିସ): କେନ୍ଦ୍ର ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରାଳୟ ପକ୍ଷରୁ ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଭାରତମଣ୍ଡପମ୍ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆଜି ଉଦ୍‌ଘାଟିତ ହୋଇଛି ୱାଲଡର୍ ଫୁଡ୍ ଇଣ୍ଡିଆ-୨୦୨୫ ଆନ୍ତର୍ଜାତିକ ପ୍ରଦର୍ଶନୀ। ଭାରତ ସମେତ ୨୧ଟି ଦେଶର ପ୍ରତିଷ୍ଠିତ ଖାଦ୍ୟ ଉଦ୍ୟୋଗୀମାନେ ଏଥିରେ ଅଂଶଗ୍ରହଣ କରିଥିଲାବେଳେ ଓଡ଼ିଶାର ବିଶ୍ୱେଶ୍ୱର ଫୁଡ୍ସ ପ୍ରାଇଭେଟ ଲିମିଟେଡ୍‌ର ଫାର୍ମ ବି' ବ୍ରାଣ୍ଡ ଏଥିରେ ଯୋଗଦେଇଛି। ଫାର୍ମ ବି' ଉଦ୍ୟୋଗର ନିର୍ଦ୍ଦେଶିକା ରଶ୍ମୀ ସାହୁଙ୍କ ନେତୃତ୍ୱରେ ଓଡ଼ିଶାର ଉନ୍ନତମାନର କୃଷି ଶିଳ୍ପଜାତ ଉତ୍ପାଦିତ ସାମଗ୍ରୀ ସ୍ୱାସ୍ଥ୍ୟପ୍ରଦ ଛତୁଆ, ଦଳିଆ, ଦେବଭୋଗ ଖେଚୁଡ଼ି, ପଞ୍ଜାବୀ ତଡକା, ଇନ୍‌ଷ୍ଟାଣ୍ଟ ବିରିଆନୀ, ଚୁଡ଼ା ପାଉଡ଼ର, ମାଣ୍ଡିଆଚୁନା ଓ ସାଗୁ ଭଳି ବିଭିନ୍ନ ସାମଗ୍ରୀ ଏଥିରେ ସ୍ଥାନ ପାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ଜୈବିକ କୃଷିଜାତ ସାମଗ୍ରୀ ପ୍ରତି ଖାଉଟିମାନଙ୍କର ବିଶେଷ ଆଗ୍ରହ ସୃଷ୍ଟି ହୋଇଥିଲାବେଳେ ଫାର୍ମ ବି' ଉତ୍ପାଦିତ ସାମଗ୍ରୀର ବେଶ୍ ଆଦର ରହିଛି। ଆଜି ଉଦ୍‌ଘାଟନୀ ଦିବସରେ ବିଭିନ୍ନ ପ୍ରଦର୍ଶନକାରୀମାନେ ଏହି ଖାଦ୍ୟ ସାମଗ୍ରୀ ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିବା ସହିତ ଫାର୍ମ ବି' ମଣ୍ଡପ ପରିଦର୍ଶନ କରିଥିଲେ।



## ଟାରିଫ୍ ବିବାଦରେ ନରମୁଛି ଆମେରିକା

# ଟ୍ରମ୍ପ୍- ମୋଦୀ ଭେଟ ଖୁବ୍‌ଶୀଘ୍ର

ୱାଶିଂଟନ, ୨୫।୯ (ଏଜେନ୍ସି): ଆମେରିକା ଦ୍ୱାରା ଭାରତ ଉପରେ ଭାରୀ ଟାରଇଫ୍ ଲାଗୁ କରାଯିବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ପ୍ରାୟତଃ ବିଗିଡିଯାଇଛି। ଏହା ମଧ୍ୟରେ କେତେକ ପ୍ରସଙ୍ଗରୁ ଏହା ସ୍ପଷ୍ଟ ହେଉଛି ଯେ, ଟାରିଫ୍ ବିବାଦରେ ଏବେ ଟ୍ରମ୍ପ ପ୍ରଶାସନ ନରମ ଭାବ ପୋଷଣ କରିବା ଆରମ୍ଭ କରିଛି। ବର୍ତ୍ତମାନ ଆମେରିକା ସ୍ୱୀକାର କରିଛି ଯେ ଭାରତ ସହିତ ସମ୍ପର୍କ କୂଟନୈତିକ ଉତ୍‌ଥାନ-ପତନ ଦେଇ ଗତି କରୁଛି, କିନ୍ତୁ ଅଧିକାରୀମାନେ କହିଛନ୍ତି ଯେ ଏହା ସତ୍ତ୍ୱେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦୃଢ଼ ରହିଛି। ଆମେରିକାର ଜଣେ ବରିଷ୍ଠ ବୈଦେଶିକ ବିଭାଗର ଅଧିକାରୀ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ବିଷୟରେ ସକାରାତ୍ମକ ଭାବନା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଦ୍ୱିପାକ୍ଷିକ ସମ୍ପର୍କରେ ଅସ୍ଥିରତା ମୁଖ୍ୟତଃ ୱାଶିଂଟନର ମିଶ୍ରିତ ସଙ୍କେତ ଯୋଗୁଁ ହୋଇଛି। ତଥାପି, ସେ ଜୋର ଦେଇ କହିଛନ୍ତି ଯେ ସହଭାଗିତା ଏକ ସକାରାତ୍ମକ ଦିଗରେ ଅଗ୍ରସର ହେଉଛି। ତେଣୁ ଖୁବ୍ ଶୀଘ୍ର ଟ୍ରମ୍ପ- ମୋଦୀଙ୍କ ସାକ୍ଷାତ ହେବାର ସମ୍ଭାବନା ରହିଛି। ସମ୍ଭବତଃ କ୍ୱାଡ୍ ଶିଖର ସମ୍ମିଳନୀ ସମୟରେ ଦୁଇ ଦେଶର ନେତୃବୃନ୍ଦଙ୍କ ମଧ୍ୟରେ ଏହି ଭେଟଘାଟ ହୋଇପାରେ। ତେବେ ଏହି ଦୁଇ ନେତାଙ୍କ ଆଲୋଚନା ପରେ ଟ୍ରମ୍ପ୍ ଭାରତ ଉପରେ ଲଗାଇଥିବା ୨୫% ଅତିରିକ୍ତ ଟାରିଫ୍ ମଧ୍ୟ ଶେଷ ହୋଇପାରେ ବୋଲି କୁହାଯାଉଛି।

ଅଧିକାରୀଜଣକ କହିଛନ୍ତି ଯେ କ୍ୱାଡ୍ ସମ୍ମିଳନୀ ପାଇଁ ତାରିଖ ସ୍ଥିର କରିବା ପାଇଁ ମଧ୍ୟ ବର୍ତ୍ତମାନ ଆଲୋଚନା ଚାଲିଛି। ଏହି ଶିଖର ସମ୍ମିଳନୀ ଚଳିତବର୍ଷ ଶେଷ କିମ୍ବା ଆସନ୍ତା ବର୍ଷ ପ୍ରାରମ୍ଭରେ ହୋଇପାରେ। ସେ କହିଛନ୍ତି, ଆମେ ନିଶ୍ଚିତ ଦୁଇ ନେତା (ମୋଦୀ ଏବଂ ଟ୍ରମ୍ପ)ଙ୍କ ସାକ୍ଷାତ ଆପଣମାନେ ଦେଖିବେ। ସେମାନଙ୍କ ମଧ୍ୟରେ ବହୁତ ସକାରାତ୍ମକ ସମ୍ପର୍କ ଅଛି। କୌଣସି ସମୟରେ, ଏହା ଘଟିବ। ଯଦି ଚଳିତ ବର୍ଷ ନୁହେଁ, ତେବେ ପରବର୍ତ୍ତୀ ବର୍ଷରେ ଏହା ହେବ। ଆମେ ସମ୍ପ୍ରତି ଏହି ସାକ୍ଷାତକାରର ନିର୍ଦ୍ଦିଷ୍ଟ ସମୟ ଉପରେ କାମ କରୁଛୁ। ଏହି ଆମେରିକୀୟ ଅଧିକାରୀ ଭାରତର ରୁଷଠାରୁ ଶକ୍ତି କ୍ରୟ ଉପରେ ଏକ ବିବୃତ୍ତି ଦେଇଛନ୍ତି ଏବଂ ନିଶ୍ଚିତ କରିଛନ୍ତି ଯେ ଏହି ପ୍ରସଙ୍ଗରେ ଭାରତ ସହିତ ଆଲୋଚନା ସକାରାତ୍ମକ ଭାବରେ ଅଗ୍ରଗତି କରୁଛି। ଭାରତ ଏବଂ ପାକିସ୍ତାନ ସମ୍ପର୍କରେ, ସେ କହିଛନ୍ତି ଯେ ଟ୍ରମ୍ପ ପ୍ରଶାସନ କାଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବାକୁ ଚାହୁଁନାହିଁ। ତଥାପି, ସେ ଆହୁରି କହିଛନ୍ତି ଯେ ଯଦି ୱାଶିଂଟନକୁ ସହାୟତା ପାଇଁ କୁହାଯାଏ ତେବେ ରାଷ୍ଟ୍ରପତି ଟ୍ରମ୍ପ୍ ପ୍ରସ୍ତୁତ।

ଚଳିତ ବର୍ଷ ମେ ମାସରେ, ଟ୍ରମ୍ପ୍ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶତ୍ରୁତା ସମାପ୍ତ କରିବା ପାଇଁ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିଲେ, ଯାହାକୁ ଭାରତ ପ୍ରତ୍ୟାଖ୍ୟାନ କରିଥିଲା।




- କ୍ୱାଡ୍ ଶିଖର ସମ୍ମିଳନୀରେ ହୋଇପାରେ ସାକ୍ଷାତ ଆଲୋଚନା
- ଶେଷ ହୋଇପାରେ ୨୫% ଅତିରିକ୍ତ ଟାରିଫ୍

## ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫

# ଭାରତ ବିଶ୍ୱ ଖାଦ୍ୟ ସୁରକ୍ଷାରେ ନିରନ୍ତର ଯୋଗଦାନ ଦେଉଛି: ମୋଦି

ନୂଆଦିଲ୍ଲୀ,୨୫।୯(ଏଜେନ୍ସି): ବିଶ୍ୱ ନିବେଶକ ବର୍ତ୍ତମାନ ଭାରତ ଆଡ଼କୁ ଦେଖୁଛନ୍ତି। ଭାରତରେ ବିବିଧତା, ଚାହିଦା ଏବଂ ପରିମାଣର ତ୍ରିଗୁଣ ଶକ୍ତି ଅଛି। ଭାରତ ପ୍ରତ୍ୟେକ ପ୍ରକାରର ଶସ୍ୟ, ଫଳ ଏବଂ ପନିପରିବା ଉତ୍ପାଦନ କରେ ଏବଂ ଏହି ବିବିଧତା ଦେଶକୁ ବିଶ୍ୱ ପରିଦୃଶ୍ୟରେ ଅନନ୍ୟ ଭାବରେ ସ୍ଥାନିତ କରିଥାଏ। ପ୍ରତି ଶହେ କିଲୋମିଟରରେ, ଖାଦ୍ୟ ଏବଂ ଏହାର ସ୍ୱାଦ ପରିବର୍ତ୍ତନ ହୁଏ, ଯାହା ଭାରତର ସମୃଦ୍ଧ ରାନ୍ଧଣା ବିବିଧତାକୁ ପ୍ରତିଫଳିତ କରେ। ଏହି ଦୃଢ଼ ଘରୋଇ ଚାହିଦା ଭାରତକୁ ଏକ ପ୍ରତିଯୋଗିତାମୂଳକ ଆଧାର ପ୍ରଦାନ କରେ ଏବଂ ଏହାକୁ ନିବେଶକମାନଙ୍କ ପାଇଁ ଏକ ପସନ୍ଦିତ ଗନ୍ତବ୍ୟସ୍ଥଳ କରିଥିବା ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମରେ ୱାର୍ଲ୍ଡ ଫୁଡ୍ ଇଣ୍ଡିଆ ୨୦୨୫କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି।

ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ସର୍ବବୃହତ ଷ୍ଟାର୍ଟ-ଅପ୍ ଇକୋସିଷ୍ଟମ। ଖାଦ୍ୟ ଏବଂ କୃଷି କ୍ଷେତ୍ରରେ ଅନେକ ଷ୍ଟାର୍ଟ-ଅପ୍ କାର୍ଯ୍ୟ କରୁଛନ୍ତି। ଏଆଇ, ଇ-କମର୍ସ, ଡ୍ରୋନ୍ ଏବଂ ଆପ୍ ଭଳି ପ୍ରଯୁକ୍ତିବିଦ୍ୟାକୁ ଏହି କ୍ଷେତ୍ରରେ ସମନ୍ୱିତ କରାଯାଉଛି, ଯୋଗାଣ ଶୃଙ୍ଖଳ, ଖୁଚୁରା ଏବଂ ପ୍ରକ୍ରିୟାକରଣ ପଦ୍ଧତିକୁ ପରିବର୍ତ୍ତନ କରାଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ। ଭାରତ ବିଶ୍ୱ ଖାଦ୍ୟ ସୁରକ୍ଷାରେ ସକ୍ରିୟ ଭାବରେ ଯୋଗଦାନ ଦେଇ ଆସୁଛି। ସରକାରଙ୍କ ନୀତି ଦ୍ୱାରା ସମର୍ଥିତ ଚାଷୀ, ପ୍ରାଣୀପାଳକ ଏବଂ ମତ୍ସ୍ୟଜୀବୀଙ୍କ କଠିନ ପରିଶ୍ରମ ଯୋଗୁଁ ଭାରତର କୃଷି କ୍ଷେତ୍ରର ଶକ୍ତି ବୃଦ୍ଧି ପାଇଛି ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ। ଯେତେବେଳେ ବିଶ୍ୱରେ ଫସଲ ସଙ୍କଟ କିମ୍ବା ଯୋଗାଣ ଶୃଙ୍ଖଳା ବିଭ୍ରାଟ ହୁଏ, ଭାରତ ଦୃଢ଼ ଭାବରେ ଠିଆ ହୁଏ ଏବଂ ଏହାର ଦାୟିତ୍ୱ ନିର୍ବାହ କରେ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରାଯାଉଛି, ବର୍ତ୍ତମାନ ୧୦୦% ଏଫଡିଆଇ ଅନୁମତି ଦିଆଯାଇଛି।



# ଟିପିସିଓଡିଏଲ ପକ୍ଷରୁ ଦଶହରା ପାଇଁ ପ୍ରତିଷେଧମୂଳକ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୨୫।୯(ସିମସ): ଟାଟା ପାୱାର ଏବଂ ଓଡିଶା ସରକାରଙ୍କର ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଦଶହରା ସମୟରେ ସୁରକ୍ଷିତ ଏବଂ ଭରସାଯୋଗ୍ୟ ବିଦ୍ୟୁତ୍ ସରବରାହ ନିଶ୍ଚିତ କରିବା ପାଇଁ ବିଶେଷ ସୁରକ୍ଷା ଉପାୟ ଘୋଷଣା କରାଯାଇଛି। ଟିପିସିଓଡିଏଲ୍ ସେବା ଯୋଗଉଥିବା ଅଞ୍ଚଳରେ ହଜାର ହଜାର ପୂଜା ପେଣ୍ଡାଲ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଉତ୍ସବ ଷ୍ଟଲ୍ ଆୟୋଜିତ ହେବାକୁ ଥିବାରୁ ଟିପିସିଓଡିଏଲ ସାର୍ବଜନୀନ ସୁରକ୍ଷା ପ୍ରତି ନିଜର ପ୍ରତିବଦ୍ଧତା ଦୋହରାଇଛି ଏବଂ ଆୟୋଜକ, ବିକ୍ରେତା ଓ ନାଗରିକମାନଙ୍କୁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ କଡ଼ାକଡି ଭାବେ ଅନୁସରଣ କରିବାକୁ ଅନୁରୋଧ କରିଛି। ପୂଜା କମିଟି ଏବଂ ଦୋକାନ ମାଲିକମାନେ ଟିପିସିଓଡିଏଲର ସେକ୍ସନ, ସବଡିଭିଜନ କିମ୍ବା ଡିଭିଜନ କାର୍ଯ୍ୟାଳୟରୁ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇପାରିବେ।

# ୱଣ୍ଡର୍‌ଲା ଭୁବନେଶ୍ୱର ପାଳୁଛି ପ୍ରଥମ ବାର୍ଷିକୀ

ଭୁବନେଶ୍ୱର,୨୫।୯(ସମିସ): ୱଣ୍ଡର୍‌ଲା ଆମ୍ୟୁଜମେଣ୍ଟ ପାର୍କ ଭୁବନେଶ୍ୱର ତା'ର ପ୍ରଥମ ବାର୍ଷିକ ଦିବସ ପାଳନ କରୁଥିବାବେଳେ ଏକ ବ୍ୟାପକ ପାର୍ବଣ କାର୍ଯ୍ୟକ୍ରମ ଏବଂ ପୂଜା ବିଶେଷ ଅଫର୍ ଘୋଷଣା କରିଛି। ୨୦୨୪ ସେପ୍ଟେମ୍ବରରେ ଉଦଘାଟନ ପରଠାରୁ ୱଣ୍ଡର୍‌ଲା ଭୁବନେଶ୍ୱର ୨.୬୪ ଲକ୍ଷରୁ ଅଧିକ ଅତିଥିଙ୍କୁ ସ୍ୱାଗତ କରିଛି। ଚଳିତବର୍ଷ ଏହି ସଂଖ୍ୟା ୩ ଲକ୍ଷରେ ପହଞ୍ଚିବା ଆଶା କରୁଛି। ୱଣ୍ଡରଲା ଭୁବନେଶ୍ୱର ଏକ ବିଶେଷ ପୂଜା ପାସ୍ ଘୋଷଣା କରିଛି ଯାହା କେବଳ ଅନଲାଇନ୍ ବୁକିଂ ପାଇଁ ୭୯୯ ଟଙ୍କାରେ ଉପଲବ୍ଧ ଏବଂ ସେହି ପାସ୍‌କୁ ୨୦୨୫ସେପ୍ଟେମ୍ବର ୨୭ ରୁ ଅକ୍ଟୋବର ୭ ମଧ୍ୟରେ ବ୍ୟବହାର କରାଯାଇପାରିବ ବୋଲିଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ୱଣ୍ଡରଲା ହଲିଡେଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧକ୍ଷ ଓ ଏମ୍‌ଡି ଅରୁନ କେ ଚିଟିଲ୍ଲାପଲ୍ଲି କହିଛନ୍ତି। ଆଗକୁ ଆହୁରି ନୂଆ ରାଇଡ୍ ସବୁ ଆସିବ। ଏ ପର୍ଯ୍ୟନ୍ତ କମ୍ପାନୀ ୱଣ୍ଡର୍‌ଲା ଆମ୍ୟୁଜମେଣ୍ଟ ପାର୍କ ଭୁବନେଶ୍ୱର ରେ ୧୯୦ କୋଟି ଯଙ୍କା ନିବଶେ କରିସାରିଛି ବୋଲି ୱଣ୍ଡରଲା ହଲିଡେଜ୍ ଲିମିଟେର ସିଓଓ ଧୀରନ ଚୌଧୁରୀ କହିଛନ୍ତି। ବାର୍ଷିକ ଉତ୍ସବର ଅଂଶ ଭାବରେ ୱଣ୍ଡରଲା ଭୁବନେଶ୍ୱର ଜୟ ଓଡିଶା ସହିତ ମିଶି ଏକ ରକ୍ତଦାନ ଶିବିରର ଆୟୋଜନ କରିଥିଲା ଯେଉଁଥିରେ ପାର୍କର କର୍ମଚାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ଲୋକମାନେ ୧୦୦ରୁ ଅଧିକ ୟୁନିଟ୍ ରକ୍ତ ଦାନ କରିଥିବା ପାର୍କ ହେଡ୍ ସମୀର ଅଲ୍ଲୀ କହିଛନ୍ତି।



# କାଇନେଟିକ୍ ଗ୍ରୀନ୍‌ର 'ଇ-ଲୁନା ପ୍ରାଇମ୍‌ରେ ବଜାରରେ

ପୁଣେ, ୨୫।୯: ଇଲେକ୍ଟ୍ରିକ୍ ଦୁଇ ଏବଂ ତିନିଚକିଆ ଯାନ ନିର୍ମାତା କାଇନେଟିକ୍ ଗ୍ରୀନ୍ ଏନର୍ଜି ଆଣ୍ଡ ପାୱାର ସଲ୍ୟୁସନ୍ସ ଲିମିଟେଡ୍, ଆଜି ଇ-ଲୁନା ପ୍ରାଇମ୍‌ର ବଜାର ପ୍ରବେଶ କରାଇଛି। ଏହା ଏକ ଇଲେକ୍ଟ୍ରିକ୍ ଗତିଶୀଳତା ସମାଧାନ ଯାହା ବିଶେଷ ଭାବରେ ଭାରତର ଦୈନନ୍ଦିନ ଯାତ୍ରୀଙ୍କ ପାଇଁ ଡିଜାଇନ୍ କରାଯାଇଛି। ଇ-ଲୁନା ପ୍ରାଇମ୍ ସହର କିମ୍ବା ଗ୍ରାମାଞ୍ଚଳରେ ହେଉ, ସୁଲଭ, ଆକର୍ଷଣୀୟ, ବ୍ୟବହାରିକ, ଶକ୍ତିଶାଳୀ ଏବଂ ନିର୍ଭରଯୋଗ୍ୟ ବ୍ୟକ୍ତିଗତ ଯାନ ଖୋଜୁଥିବା ଲକ୍ଷ ଲକ୍ଷ ଯାତ୍ରୀଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଅତ୍ୟାଧୁନିକ ଇଲେକ୍ଟ୍ରିକ୍ ଯାନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରେ। ଇ-ଲୁନା ପ୍ରାଇମ୍ ଦୁଇଟି ପ୍ରକାରରେ ଉପଲବ୍ଧ ହେବ, ୧୧୦ କିଲୋମିଟର ଏବଂ ୧୪୦ କିଲୋମିଟର ରେଞ୍ଜ। ଏହାର ଏକ୍ସ-ଶୋ' ରୁମ୍ ମୂଲ୍ୟ ୮୨,୪୯୦ ଟଙ୍କା। ଏହି ବାଇକ୍ ଛଅଟି ଭିନ୍ନ ରଙ୍ଗରେ ଉପଲବ୍ଧ ଏବଂ ଖୁବ୍ ଶୀଘ୍ର ଦେଶବ୍ୟାପୀ କାଇନେଟିକ୍ ଗ୍ରୀନ୍ ଡିଲରସିପ୍‌ରେ ବିକ୍ରି ପାଇଁ ଉପଲବ୍ଧ ହେବ। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ଭାରତର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବା ପାଇଁ ଡିଜାଇନ୍ କରାଯାଇଥିବା ଇ-ଲୁନା ପ୍ରାଇମ୍ ସ୍ଥାୟୀ, ସ୍ଥାୟୀ ଏବଂ ସୁଲଭ ବ୍ୟକ୍ତିଗତ ଗତିଶୀଳତା ପ୍ରଦାନ କରେ। ନୂତନ ପ୍ରାଇମ୍ ଉନ୍ନତ ବୈଶିଷ୍ଟ୍ୟଗୁଡ଼ିକ, ଉନ୍ନତ ଚଳାଇବା ଅଭିଜ୍ଞତା ଏବଂ ମହାନ ଆରାମ ସହିତ ଆସିଥାଏ।

KINETIC GREEN

# ବେଦାନ୍ତ ଲାଞ୍ଜିଗଡ଼ର ଅନନ୍ୟ ପ୍ରୟାସ 'ଶକ୍ତି'

ଭୁବନେଶ୍ୱର,୨୫।୯(ସମିସ): ବେଦାନ୍ତ ଆଲୁମିନିୟମ୍ ଦଶହରାରେ ପ୍ରଥମ ଥର ପାଇଁ ଏକ ନିଆରା ସାମୁହିକ ପ୍ରୟାସ ଆରମ୍ଭ କରିଛି - ଲାଞ୍ଜିଗଡ଼ର ଆଖପାଖ ଗ୍ରାମଗୁଡ଼ିକରେ ମହିଳାଙ୍କୁ ସଶକ୍ତ କରି ଶକ୍ତିର ଆତ୍ମାକୁ ପାଳନ କରିବା ଉଦ୍ଦେଶ୍ୟ ନେଇ କମ୍ପାନୀର ସ୍ୱତନ୍ତ୍ର ନବରାତ୍ରି ମିଳାପ କାର୍ଯ୍ୟକ୍ରମ ଅଧୀନରେ, କମ୍ପାନୀ ୬୦୦ରୁ ଅଧିକ 'ଶକ୍ତି କିଟ୍' ବଣ୍ଟନ କରୁଛି, ଯାହା ନଅଟି ଗ୍ରାମର ୧୫୦୦ରୁ ଅଧିକ ମହିଳାଙ୍କୁ ସଶକ୍ତ ଲାଭ ପହଞ୍ଚାଇବ। ପ୍ରତ୍ୟେକ ଶକ୍ତି କିଟ୍ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଏବଂ ପୁଷ୍ଟିର ପ୍ରୋତ୍ସାହନ ପାଇଁ ଚିନ୍ତନଶୀଳ ଭାବରେ ପ୍ରସ୍ତୁତ କରାଯାଇଛି - ଯାହା ମହିଳା ସଶକ୍ତିକରଣର ତିନୋଟି ସ୍ତମ୍ଭକୁ ସୁଦୃଢ଼ କରେ। କିଟ୍‌ଗୁଡ଼ିକରେ ସାନିଟାରୀ ନାପକିନ୍, ସାବୁନ, ହ୍ୟାଣ୍ଡୱାଶ୍ ଏବଂ ଅନ୍ୟାନ୍ୟ ସ୍ୱଚ୍ଛତା ଆବଶ୍ୟକୀୟ ସାମଗ୍ରୀ; ପୁଷ୍ଟି ବୃଦ୍ଧି ପାଇଁ ମିଲେଟରେ ତିଆରି ମିଷ୍ଟାନ୍ନ ; ଏବଂ ଲୁହା କଡେଇ, ଏକ ପାରମ୍ପରିକ ରୋଷେଇ ଉପକରଣ ଯାହା ସମୟ ସହିତ ରକ୍ତହୀନତା ହ୍ରାସ କରିବାରେ ସାହାଯ୍ୟ କରେ ବୋଲି ଜଣାଶୁଣା। ଏହି ଅନନ୍ୟ ପ୍ରୟାସକୁ ଶକ୍ତି ଏବଂ ଯତ୍ନର ଉତ୍ସବ କରିବା ପାଇଁ କିଛି ଉତ୍ସବ ସାମଗ୍ରୀ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମ ନବରାତ୍ରିର ୯ ଦିନ ଧରି କରାଯାଉଛି।



# ଅରୁନ୍ଧତୀ ଜୁଏଲର୍ସ ସମ୍ବଲପୁର ଶାଖାର ୧୧ତମ ଜନ୍ମବାର୍ଷିକୀ

ଭୁବନେଶ୍ୱର,୨୫।୯(ସମିସ): ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ସମ୍ବଲପୁର ଶାଖାର ୧୧ ତମ ଜନ୍ମବାର୍ଷିକୀ ୨୫ ତାରିଖରେ ପାଳନ କରାଯାଇଛି। ଅରୁନ୍ଧତୀ ଜୁଏଲର୍ସ ଦୀର୍ଘ ୧୧ ବର୍ଷ ଧରି ସମ୍ବଲପୁର ବାସୀଙ୍କ ଚାହିଦା ମୁତାବକ ସୁନ୍ଦର ଡିଜାଇନର ଗହଣା ,ଶ୍ରେଷ୍ଠ ଆତିଥେୟତା ଓ ସେବା ଯୋଗାଇଦେଇ ସମ୍ବଲପୁରବାସୀଙ୍କ ପ୍ରଥମ ପସନ୍ଦଯୋଗ୍ୟ ଓ ଭରସାଯୋଗ୍ୟ ଜୁଏଲାରୀ ବ୍ରାଣ୍ଡର ମାନ୍ୟତା ପାଇପାରିଛି। ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଅରୁନ୍ଧତୀକୁ ନିଜ ହୃଦୟରେ ସ୍ଥାନ ଦେଇ ଏତେ ବାଟକୁ ଆଣିଥିବାରୁ ଆନ୍ତରିକ ଜଣାଇଛନ୍ତି। ଅରୁନ୍ଧତୀ ଜୁଏଲର୍ସ ତରଫରୁ ଜନ୍ମବାର୍ଷିକୀ ସ୍ୱତନ୍ତ୍ର ଅଫର ମାଧ୍ୟମରେ ୫୧ ଜଣଙ୍କୁ ଲକ୍ଷପତି ହେବାର ସୁଯୋଗ ପ୍ରଦାନ କରାଯାଉଛି। ସୁନା ଗହଣାର ଗଢ଼ା ମଜୁରିରେରେ ୫୦% ରିଆତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ସେହିଭଳି ଆଡଭାନ୍ସ ବୁକିଂରେ ସର୍ବନିମ୍ନ ଦରରେ ସୁନା କ୍ରୟ ଏବଂ ଚବଢ 'ପେ ଜିରୋ ଫର ଇଜି ଜୁଏଲେରୀ ପରଚେଜ୍ ପ୍ଲାନ୍' ସହ ହୀରା ଗହଣା କ୍ରୟରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଉଛି।




# ଆମେରିକାରେ ପ୍ରତି ୧୫ ଜଣଙ୍କ ମଧ୍ୟରୁ ଜଣେ ନିୟୁତପତି

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଆମେରିକା ହେଉଛି ବିଶ୍ୱର ସର୍ବବୃହତ ଅର୍ଥନୀତି। ଏଠାରେ ବିଶ୍ୱରେ ସର୍ବାଧିକ ସଂଖ୍ୟକ କୋଟିପତି ରହୁଛନ୍ତି। ଆମେରିକାର ଜନସଂଖ୍ୟା ପ୍ରାୟ ୩୫ କୋଟି ଏବଂ ସେମାନଙ୍କ ମଧ୍ୟରୁ ପ୍ରାୟ ୨୨ ନିୟୁତ ଲୋକ ନିୟୁତପତି। ଏହାର ଅର୍ଥ ହେଉଛି ଆମେରିକାରେ ପ୍ରତି ୧୫ ଜଣରେ ଜଣେ ହେଉଛନ୍ତି ଜଣେ ନିୟୁତପତି। ଚୀନ୍ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛିବ ସେଠାରେ ୬ ନିୟୁତ ନିୟୁତପତି ରହୁଛନ୍ତି। ତେବେ ଫ୍ରାନ୍ସରେ ଏହି ସଂଖ୍ୟା ୨.୯ ନିୟୁତ ଏବଂ ଜାପାନରେ ୨.୭ ନିୟୁତ ରହିଛି। ଏହା ବ୍ୟତୀତ, ଆମେରିକାରେ ପ୍ରତି ବୟସ୍କଙ୍କ ହାରାହାରି ସମ୍ପତ୍ତି ପ୍ରାୟ ୫୫୧,୩୫୧ ଡଲାର। ଏହି କ୍ଷେତ୍ରରେ କେବଳ ସ୍ୱିଜରଲ୍ୟାଣ୍ଡ ଆମେରିକାକୁ ପଛରେ ପକାଇଛି।

ୟୁବିଏସ୍ ଗ୍ଲୋବାଲ୍ ୱେଲ୍‌ଥ ରିପୋର୍ଟ ଅନୁଯାୟୀ, ୟୁରୋପର କ୍ରୀଡାଭୂମି କୁହାଯାଉଥିବା ସ୍ୱିଜରଲ୍ୟାଣ୍ଡରେ ପ୍ରତି ବୟସ୍କଙ୍କ ହାରାହାରି ସମ୍ପତ୍ତି ୬୮୫,୨୩୦ ଡଲାର। ଏହା ପଇକୁ ଆମେରିକା ଅଛି। ଏହି ତାଲିକାରେ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ଅଛି, ଯାହାର ହାରାହାରି ବୟସ୍କ ସମ୍ପତ୍ତି ୪୯୬,୮୨୦ ଡଲାର। ଡେନମାର୍କରେ ୪୦୯,୯୫୦ ଡଲାର, ନ୍ୟୁଜିଲ୍ୟାଣ୍ଡରେ ୩୮୮,୭୬୦ ଡଲାର, ନରୱେରେ ୩୮୫,୩୪୦ ଡଲାର, ସିଙ୍ଗାପୁରରେ ୩୮୨,୯୬୦ ଡଲାର, କାନାଡାରେ ୩୬୯,୫୮୦ ଡଲାର, ନେଦରଲ୍ୟାଣ୍ଡରେ ୩୫୮,୨୩୦ ଡଲାର , ବେଲଜିୟମରେ ୩୫୨,୮୧୦ ଡଲାର, ଫ୍ରାନ୍ସରେ ୩୧୨,୨୩୦ ଡଲାର ଏବଂ ୟୁକେରେ ୩୦୨,୭୮୦ ଡଲାରର ସମ୍ପତ୍ତି ରହିଛି।


ଆମେରିକାର ସମ୍ପତ୍ତି ଏହି ତଥ୍ୟରୁ ଅନୁମାନ କରାଯାଇପାରେ ଯେ ବିଶ୍ୱର ଶ୍ରେଷ୍ଠ ୧୫ ଜଣ ଧନୀ ବ୍ୟକ୍ତିଙ୍କ ମଧ୍ୟରୁ ୧୪ ଜଣ ଆମେରିକାର। ଏଥିମଧ୍ୟରୁ ୧୦ ଜଣ ପ୍ରଯୁକ୍ତିବିଦ୍ୟା କମ୍ପାନୀ ସହିତ ଜଡିତ। ଟେସ୍‌ଲା ଏବଂ ସ୍ପେସଏକ୍ସ ସମେତ ଅନେକ କମ୍ପାନୀ ପରିଚାଳନା କରୁଥିବା ଏଲନ ମସ୍କ ତାଲିକାର ଶୀର୍ଷରେ ଅଛନ୍ତି। ତାଙ୍କ ପଛକୁ ଲେରି ଏଲିସନ, ମାର୍କ ଜୁକରବର୍ଗ, ଜେଫ୍ ବେଜୋସ୍, ଲ୍ୟାରୀ ପେଜ୍, ସେର୍ଗେଇ ବ୍ରିନ୍ ଏବଂ ଷ୍ଟିଭ୍ ବଲମର୍ ଅଛନ୍ତି। ଫ୍ରାନ୍ସର ବର୍ଣ୍ଣାର୍ଡ ଆର୍ଣ୍ଣୋଲ୍ଟ ହେଉଛନ୍ତି ଶ୍ରେଷ୍ଠ ୧୫ ଜଣଙ୍କ ମଧ୍ୟରେ ଏକମାତ୍ର ଅଣ-ଆମେରିକୀୟ କୋଟିପତି। ଜେନସନ ହୁଆଙ୍ଗ, ୱାରେନ୍ ବଫେ, ମାଇକେଲ୍ ଡେଲ୍, ଜିମ୍ ୱାଲଟନ୍, ବବ୍ ୱାଲଟନ୍, ଆଲିସ୍ ୱାଲଟନ୍ ଏବଂ ବିଲ୍ ଗେଟ୍ସ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି।



## ଦେଶର ୨.୨ କୋଟିରୁ ଅଧିକ ଲୋକ ମିଲୟନେୟାର

# ଜିନ୍ଦଲ ଷ୍ଟେନ୍‌ଲେସ ପକ୍ଷରୁ ପ୍ରଥମ ସମନ୍ୱିତ ରିପୋର୍ଟ ପ୍ରକାଶିତ

ଭୁବନେଶ୍ୱର, ୨୫।୯ (ସମିସ): ଷ୍ଟେନଲେସ୍-ଷ୍ଟିଲ୍ ନିର୍ମାତା ଜିନ୍ଦଲ୍ ଷ୍ଟେନଲେସ୍ ଆର୍ଥିକ ବର୍ଷ ୨୦୨୫ ପାଇଁ ଏହାର ପ୍ରଥମ ସମନ୍ୱିତ ରିପୋର୍ଟ ପ୍ରକାଶ କରିଛି। ଏହି ରିପୋର୍ଟ ସମସ୍ତ ଅଂଶୀଦାରଙ୍କ ପାଇଁ ସ୍ୱଚ୍ଛତା,ଦାୟିତ୍ୱବୋଧତା ଏବଂ ସ୍ଥାୟୀ ମୂଲ୍ୟ ସୃଷ୍ଟି ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଅନ୍ତର୍ଜାତୀୟ ସମନ୍ୱିତ ରିପୋର୍ଟିଂ ପରିଷଦ ଫ୍ରେମୱାର୍କ ଅନୁଯାୟୀ ବିଶ୍ୱ ସ୍ଥାୟୀତ୍ୱ ରିପୋର୍ଟିଂ ମାନଦଣ୍ଡ ଆଧାରରେ ଏହି ସମନ୍ୱିତ ରିପୋର୍ଟ ପ୍ରସ୍ତୁତ ହୋଇଛି। ଫୋର୍ଜ୍ଡ ଇନ୍ ଇଣ୍ଡିଆ, ବିଲ୍ଟ ଫର୍ ୱର୍ଲ୍ଡ ଥିମକୁ ନେଇ ପ୍ରକାଶିତ ଏହି ରିପୋର୍ଟରେ କମ୍ପାନୀର ବ୍ୟବସାୟ ଅଭିବୃଦ୍ଧି ଏବଂ ଉତ୍ପାଦନ ଉପରେ ଗୁରୁତ୍ୱ ଦେବା ସହ ଷ୍ଟେନଲେସ୍ ସମାଧାନରେ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ କମ୍ପାନୀ ହେବା ପାଇଁ ଥିବା ଭିଜନକୁ ଦର୍ଶାଯାଇଛି। ଏହା ସମ୍ପର୍କରେ ଜିନ୍ଦଲ ଷ୍ଟେନଲେସର ମୁଖ୍ୟ ସଷ୍ଟେନେବିଲିଟି ଅଧିକାରୀ କଲ୍ୟାଣ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଜିନ୍ଦଲ ଷ୍ଟେନଲେସରେ ଇଏସଜି ନୀତିଗୁଡ଼ିକ ଆମର କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ ସାମିଲ ରହିଛି ଏବଂ ଆମେ ବିଶ୍ୱାସ କରୁ ଯେ ପରିବେଶ ପରିଚାଳନା ଏବଂ ସାମାଜିକ ଦାୟିତ୍ୱ ସହିତ ବ୍ୟାବସାୟିକ କାର୍ଯ୍ୟଦକ୍ଷତାକୁ ସମନ୍ୱିତ କରି ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରାଯାଇପାରିବ। ଏହି ରିପୋର୍ଟ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଏ ।




# ସଙ୍କଟରେ ହିମାଳୟ କ୍ଷେତ୍ର

## ଗୋଟିଏ ବର୍ଷରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରାକୃତିକ ବିପର୍ଯ୍ୟୟ
## ପ୍ରାଣ ହରାଇଲେଣି ୭୨୬, ଶତାଧିକ ନିଖୋଜ
## ହଜାର ହଜାର କୋଟିର କ୍ଷତି

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ହିମାଳୟ କ୍ଷେତ୍ରରେ ଅର୍ଥାତ ପାଦ ଦେଶରେ ଥିବା ରାଜ୍ୟଗୁଡିକର ଅସ୍ତିତ୍ୱ ଏବେ ସଙ୍କଟରେ ପଡ଼ିଛି ବୋଲି ସୁପ୍ରିମକୋର୍ଟ ହୃଦୟଙ୍ଗମ କରିଛନ୍ତି। ଏହି ରାଜ୍ୟଗୁଡିକରେ ପରିବେଶ ଜନିତ ସଂନ୍ତୁଳନ ନେଇ କୋର୍ଟ ବାରମ୍ବାର ଚିନ୍ତା ପ୍ରକଟ କରି ଆସିଛନ୍ତି। ହିମାଳୟ କ୍ଷେତ୍ରରେ ୧୩ଟି ରାଜ୍ୟ ଅବସ୍ଥାନ କରୁଛି। ଏଗୁଡିକ ହେଲା ଜମ୍ମୁ-କଶ୍ମୀର, ଲାଦାଖ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା, ଆସାମ ଓ ପଶ୍ଚିମବଙ୍ଗର କିଛି ଅଂଶ। ଏହି ରାଜ୍ୟଗୁଡିକର ମୋଟ୍ ସୀମା ୨୫୦୦ କିଲୋମିଟର। ଏହାକୁ ଭାରତର ‘ଜଳ ମୀନାର’ ବୋଲି କୁହାଯାଇଥାଏ। କାରଣ ଏହି ରାଜ୍ୟ ତଥା ହିମାଳୟ କ୍ଷେତ୍ରରୁ ବଡ଼ ବଡ଼ ନଦୀଗୁଡିକ ବାହାରିଥାଏ। ଚଳିତ ବର୍ଷ ଏହି କ୍ଷେତ୍ରରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରାକୃତିକ ବିପଦ ଆସିଛି। ଖାସ୍ କରି ଉତ୍ତରାଖଣ୍ଡ, ହିମାଚଳ, ଜମ୍ମୁ-କଶ୍ମୀରରେ ବହୁତ କ୍ଷୟକ୍ଷତି ହେବା ସହ ଧନଜୀବନ ହାନି ହୋଇଛି। ମୋଟ ଉପରେ ଏହି ଅଞ୍ଚଳରେ ଚଳିତବର୍ଷ ଏପର୍ଯ୍ୟନ୍ତ ୭୨୬ଜଣ ମୃତ୍ୟୁବରଣ କରିଛନ୍ତି। ବିଭିନ୍ନ ପାକୃତିକ ବିପର୍ଯ୍ୟୟ ପାଇଁ ସୁପ୍ରିମକୋର୍ଟ ଖାସ୍ କରି ହିମାଚଳ ପ୍ରଦେଶର ସରକାରଙ୍କୁ କେତୋଟି ପ୍ରଶ୍ନ ପଚାରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ସଞ୍ଜୀବ ମେହେଟାଙ୍କ ବେଞ୍ଚ୍ କହିଛନ୍ତି ଯେ, ଏଥର ମୌସୁମୀରେ ହିମାଚଳରେ ପ୍ରବଳ ବର୍ଷା ଓ ଭୂସ୍ଖଳନ କାରଣରୁ ଶହଶହ ଲୋକଙ୍କର ଜୀବନ ଯାଇଛି ଓ ହଜାର ହଜାର ଲୋକଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ହିମାଚଳର ପରିବେଶ ବହୁତ ନକରାତ୍ମକ ଭାବେ ପ୍ରଭାବିତ ହୋଇଛି ବୋଲି ଏହି ବିପର୍ଯ୍ୟୟରୁ ପ୍ରମାଣିତ ହୋଇଛି।

ସମ୍ପୂର୍ଣ୍ଣ ହିମାଳୟ କ୍ଷେତ୍ର ଗମ୍ଭୀର ସଙ୍କଟରେ ରହିଛି। ଲଗାତର ଭାବେ ହେଉଥିବା ଭୂସ୍ଖଳନ, ଘର ଭୁଶୁଡିବା, ସଡ଼କ ଦବିବା ଭଳି ଘଟଣା ପାଇଁ ପ୍ରକୃତିକୁ ନୁହଁ ବରଂ ମଣିଷକୁ ଦାୟୀ କରାଯାଇଛି। ବିଶେଷଜ୍ଞଙ୍କ ରିପୋର୍ଟର ଦ୍ୱାହି ଦେଇ କୋର୍ଟ ହିମାଚଳର ବିପର୍ଯ୍ୟୟ ପାଇଁ ଜଳବିଦ୍ୟୁତ ପ୍ରକଳ୍ପ, ଫୋରଲେନ୍ ସଡ଼କ, ଜଙ୍ଗଲ କାଟିବା ଓ ବହୁତଳ ବିଶିଷ୍ଟ କୋଠା ଯଥା ହୋଟେଲ, ଗେଷ୍ଟ ହାଉସ୍ ଓ ଶିଳ୍ପପ୍ରତିଷ୍ଠାନ ନିର୍ମାଣକୁ ଦାୟୀ କରିଛନ୍ତି। ଏହି କାରଣଗୁଡିକ ନେଇ କୋର୍ଟ ରାଜ୍ୟ ସରକାରଙ୍କୁ ବିଭିନ୍ନ ପରିସଂଖ୍ୟାନ ଭିତ୍ତିକ ପ୍ରଶ୍ନ ପଚାରିଛନ୍ତି। ଅକ୍ଟୋବର ୨୮ ପର୍ଯ୍ୟନ୍ତ ସରକାରଙ୍କୁ ଏ ନେଇ ଉତ୍ତର ଦେବାକୁ କୁହାଯାଇଛି। ହିମାଚଳରେ ଏବେ ୧୭ ହଜାର ୧୨୦ ଭୂସ୍ଖଳନ ପ୍ରବଣ କ୍ଷେତ୍ର ରହିଛି। ଏଥିମଧ୍ୟରୁ ୬୭୫ଟି କ୍ଷେତ୍ର ଜନବସତି ନିକଟରେ ରହିଛି। ହିମାଚଳର ଚମ୍ବା, ମଣ୍ଡି, କାଂଗ୍ରା, ଲାହଉଲ ଓ ସ୍ପିଟି, ଉନା, କୁଲ୍ଲୁ, ଶିମଳା, ସୋଲାନ, ବିଳାଶପୁର, ସରମରପୁର ଓ କିନ୍ନାଉରର ବହୁ ଅଞ୍ଚଳ ହାଇରିସ୍କ ଜୋନ୍ ଅର୍ଥାତ ବିପଜ୍ଜନକ ବିବେଚିତ ହେଉଛି।



ତେବେ ପର୍ଯ୍ୟଟନ ହେଉଛି ହିମାଚଳର ଆୟର ସବୁଠାରୁ ବଡ଼ ଉତ୍ସ ବୋଲି କୋର୍ଟ ସ୍ୱୀକାର କରିଛନ୍ତି। କିନ୍ତୁ ଅନିୟନ୍ତ୍ରିତ ପର୍ଯ୍ୟଟନ ଓ ବିକାଶ କାରଣରୁ ବିପର୍ଯ୍ୟୟ ସୃଷ୍ଟି ହେଉଛି ବୋଲି ଆମକୁ ଗ୍ରହଣ କରିବାକୁ ହେବ। ରାଜ୍ୟର ପର୍ଯ୍ୟଟନ ଓ ପର୍ଯ୍ୟାବରଣ ମଧ୍ୟରେ ସନ୍ତୁଳନ ରହିବା ଆବଶ୍ୟକ। ପୂର୍ବରୁ ମଧ୍ୟ କୋର୍ଟ ଏ ନେଇ ଚେତାବନୀ ଦେଇଥିଲେ ଓ ହିମାଚଳ ଦେଶର ମାନଚିତ୍ରରୁ ଗାଏବ ହୋଇଯିବ ବୋଲି କହିଥିଲେ। ତେଣୁ ବେଳ ଥାଉଥାଉ ଗଠନମୂଳକ ପଦକ୍ଷେପ ନିଆଯିବା ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି।

## ଲଦାଖ ହିଂସା ପଛରେ ୱାଙ୍ଗଚୁକଙ୍କ ହାତ

ଲେହ, ୨୫।୯ (ଏଜେନ୍ସି): ଲଦାଖରେ ଗୁରୁବାର ହୋଇଥିବା ହିଂସାତ୍ମକ ଆନ୍ଦୋଳନ ଏବେ ନୂଆ ମୋଡ଼ ନେଇଛି। ଏହି ହିଂସାରେ ଜଳବାୟୁ କର୍ମୀ ତଥା ଶିକ୍ଷା ସଂସ୍କାରକ ସୋନମ ୱାଙ୍ଗଚୁକଙ୍କ ହାତ ରହିଛି ବୋଲି କେନ୍ଦ୍ର କହିଛନ୍ତି। ହିଂସା ପାଇଁ ସେ ଛାତ୍ରମାନଙ୍କ ଭିଡକୁ ଉସୁକାଇଥିଲେ ବୋଲି ଅଭିଯୋଗ ହୋଇଛି। ଏହି ହିଂସାରେ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୦ ଜଣ ଆହତ ହୋଇଥିଲେ। କିନ୍ତୁ ୱାଙ୍ଗଚୁକ୍ ଏହାକୁ ଖଣ୍ଡନ କରିଛନ୍ତି। ମୋତେ ବଳିର ବୋଦା ବନା ଯାଇଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ମଧ୍ୟ ୱାଙ୍ଗଚୁକଙ୍କ ଷ୍ଟୁଡେଣ୍ଟସ ଏଜୁକେଶନାଲ ଆଣ୍ଡ କଲଚରାଲ ମୁଭମେଣ୍ଟ ଅଫ୍ ଲଦାଖ (ଏସ୍‌ଇସିଏମ୍‌ଓଏଲ୍)ର ଏଫ୍‌ସିଆରଏ ଲାଇସେନ୍ସକୁ ରଦ୍ଦ କରିଛନ୍ତି। ଏହି ଲାଇସେନ୍ସ ମାଧ୍ୟମରେ ତାଙ୍କ ଏନ୍‌ଜିଓକୁ ପାଣ୍ଠି ଆସୁଥିଲା। ୱାଙ୍ଗଚୁକ୍ ଏଫ୍‌ସିଆରଏ ନିୟମର ଉଲ୍ଲଂଘନ କରିଛନ୍ତି ବୋଲି କେନ୍ଦ୍ର କହିଛି। ଏନ୍‌ଜିଓର ବ୍ୟାଙ୍କ ଆକାଉଣ୍ଟରୁ ଫଣ୍ଡ ଟ୍ରାନ୍ସଫର ହୋଇଛି ଓ ଏହା ଫେମା ନିୟମର ଉଲ୍ଲଂଘନ କରୁଛି ବୋଲି କୁହାଯାଇଛି। ତେଣୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସୋନମଙ୍କ ଏହି ଏନ୍‌ଜିଓକୁ ନୋଟିସ ପଠାଇଛି।

## ମୋ ବିରୋଧରେ ୩ଟି ଷଡ଼ଯନ୍ତ୍ର ହୋଇଛି: ଟ୍ରମ୍ପ

ନ୍ୟୁୟର୍କ, ୨୫।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଜାତିସଂଘ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଜାତିସଂଘ ମହାସଭାର ୮୦ତମ ସଂସ୍କରଣ ଅବସରରେ ତାଙ୍କ ବିରୋଧରେ ୩ଟି ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ଜାତିସଂଘକୁ ଲଜ୍ଜା ଲାଗିବା ଆବଶ୍ୟକ ବୋଲି ସେ କହିଛନ୍ତି। ଗୋଟିଏ, ଦୁଇଟି ନୁହଁ ମୋ ସହିତ ୩ଟି ସଂଦିଗ୍ଧ ଘଟଣା ହୋଇଛି ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ସେ ଏହି ୩ଟି ଘଟଣା ଉପରେ ଆଲୋକପାତ କରିଛନ୍ତି। ୩ଟି ଘଟଣା ହେଲା ସେ ଭାଷଣ ଦେବା ଅବସରରେ ଟେଲି ପ୍ରିଣ୍ଟର ବନ୍ଦ ହେବା, ଟେଲି ପ୍ରିଣ୍ଟର ଖରାପ ହେବା ଓ ଭାଷଣ ପରେ ହଲ୍‌ରେ ସାଉଣ୍ଡ ସିଷ୍ଟମ ଖରାପ ହେବା। ଏହାଦ୍ୱାରା ଅନ୍ୟ ନେତାମାନଙ୍କୁ ଟ୍ରମ୍ପଙ୍କ କଥା ଶୁଣିବା ପାଇଁ ଟ୍ରାନ୍ସଲେଟର ଇୟରପିସ୍‌ର ସାହାରା ନେବାକୁ ପଡ଼ିଥିଲା। ଆକ୍ସେଲେଟର ପରେ ଟେଲିପ୍ରିଣ୍ଟର ଖରାପ ହେବା ଘଟଣାକୁ ଦୁର୍ଭାଗ୍ୟଜନକ କହିଥିଲେ ଟ୍ରମ୍ପ। ଏହା ସତ୍ତ୍ୱେ ଟ୍ରମ୍ପ ୫୭ ମିନିଟ୍ ଭାଷଣ ଦେଇଥିଲେ।



## ଯୌନ ଅପରାଧୀଙ୍କୁ ହତ୍ୟା କଲେ ଆମେରିକାନ ଭାରତୀୟ

ଲସ୍‌ଏଞ୍ଜେଲ୍ସ, ୨୫।୯ (ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟରେ ରହୁଥିବା ବରୁଣ ସୁରେଶ ନାମକ ଜଣେ ଭାରତୀୟ ଜଣେ ବୟସ୍କ ଯୌନ ଅପରାଧୀଙ୍କୁ ଛୁରୀ ଭୁଶି ହତ୍ୟା କରିଛନ୍ତି। ସେ ଜାଣିଶୁଣି ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି। ସେପ୍ଟେମ୍ବର ୧୮ରେ ବରୁଣ ଓ ୭୧ ବର୍ଷୀୟ ଡେଭିଡ ବ୍ରିମରଙ୍କ ମଧ୍ୟରେ ଝଗଡ଼ା ହେବାର ସୂଚନା ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ସେତେବେଳେ ଡେଭିଡ୍ ତଳେ ପଡ଼ିଯାଇଥିଲା ଓ ତାଙ୍କ ଦେହରେ ଛୁରି ମାଡର କେତୋଟି ଚିହ୍ନ ଦେଖିବାକୁ ମିଳିଥିଲା। ପୁଲିସ ଓ ମେଡିକାଲ ଟିମ୍ ତାଙ୍କୁ ବଞ୍ଚାଇବାକୁ ପ୍ରୟାସ କରିଥିଲେ ମଧ୍ୟ ସେ ମୃତ୍ୟୁବରଣ କରିଥିଲେ। ଘଟଣାସ୍ଥଳରୁ ଛୁରି ଜବତ କରାଯିବା ପରେ ବରୁଣଙ୍କୁ ତୁରନ୍ତ ଗିରଫ କରାଯାଇଥିଲା। ୧୯୯୫ରେ ବ୍ରିମର ଜଣେ ନାବାଳକଙ୍କ ଯୌନ ଶୋଷଣ କରିଥିଲେ ଓ ଏଥିପାଇଁ ସେ ୭ ବର୍ଷ ଜେଲ ଦଣ୍ଡ ଭୋଗିଥିଲେ। ବରୁଣ କାଲିଫର୍ଣ୍ଣିଆର ଏକ ୱେବସାଇଟ୍‌ରେ ଯୌନ ଅପରାଧୀଙ୍କ ତାଲିକାରେ ବ୍ରିମରଙ୍କୁ ଦେଖି ତାଙ୍କୁ ଟାର୍ଗେଟ କରିଥିଲେ। ଛୋଟ ପିଲାଙ୍କୁ ଯୌନ ଶୋଷଣ କରୁଥିବାରୁ ଏଭଳି ଲୋକଙ୍କର ବଞ୍ଚିବାର ଅଧିକାର ନାହିଁ ବୋଲି ବରୁଣ ପୁଲିସକୁ କହିଥିଲେ। ହତ୍ୟା କରିଥିଲେ ମଧ୍ୟ ବରୁଣ ଆଦୌ ଅନୁତପ୍ତ ନୁହଁ ବୋଲି କହିଛି।

## କର୍ଣ୍ଣେଲ ପୁରୋହିତଙ୍କ ପଦୋନ୍ନତି

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ୨୦୦୮ରେ ବହୁ ଚର୍ଚ୍ଚିତ ମାଲେଗାଁଓ ବୋମା ବିସ୍ଫୋରଣ ମାମଲାରେ ନିର୍ଦ୍ଦୋଶ ସାବ୍ୟସ୍ତ ହୋଇ ଜେଲରୁ ମୁକୁଳିବା ପରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରସାଦ ଶ୍ରୀକାନ୍ତ ପୁରୋହିତଙ୍କୁ କଲୋନେଲ ପଦକୁ ପ୍ରମୋଶନ ମିଳିଛି। ସେନାବାହିନୀରେ ଏହି ପ୍ରମୋଶନ ପାଇଁ ତାଙ୍କୁ ଦୀର୍ଘ ୧୭ ବର୍ଷ ପ୍ରତୀକ୍ଷା ପରେ ମିଳିଛି। ୨୦୨୫ ଜୁଲାଇ ୩୧ରେ ମୁମ୍ବଇର ଏକ ସ୍ୱତନ୍ତ୍ର କୋର୍ଟ କର୍ଣ୍ଣଲ ପୁରୋହିତଙ୍କ ସମେତ ସବୁ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ। ଏହି ବିସ୍ଫୋରଣରେ ୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। କୋର୍ଟ ତାଙ୍କୁ ଖଲାସ କରିବା ପରେ ସେନା ପୁରୋହିତଙ୍କ କ୍ୟାରିୟରରେ ଗତ ୧୬ ବର୍ଷ ଲାଗୁ କରାଯାଇଥିବା ଡିସିପ୍ଲିନ୍‌ଡ ଆଣ୍ଡ ଭିଜିଲାନ୍ସ (ଡିଭି) ପ୍ରତିବନ୍ଧ ହଟାଯାଇଛି। ଫଳରେ ତାଙ୍କର ପ୍ରମୋସନ ଓ ବାକି ଥିବା ଅନ୍ୟ ପ୍ରକ୍ରିୟାଗୁଡିକୁ ଆରମ୍ଭ କରାଯାଇଛି। ବିସ୍ଫୋରଣ ମାମଲାରେ ଅଭିଯୁକ୍ତ ଭାବେ ଗିରଫ କରାଯିବା ପରେ ତାଙ୍କ ଉପରେ ଡିଭି ପ୍ରତିବନ୍ଧ ଲାଗୁ କରାଯାଇଥିଲା। ତାଙ୍କୁ ପ୍ରମୋସନ ମିଳିବା ପରେ କେନ୍ଦ୍ରମନ୍ତ୍ରୀ ତଥା ବିହାରର ବେଗୁସରାଇ ଲୋକସଭା ସଦସ୍ୟ ଗିରିରାଜ ସିଂ ସାମାଜିକ ଗଣମାଧ୍ୟମ ଏକ୍ସରେ ଅଭିନନ୍ଦନ ଜଣାଇଛନ୍ତି। କୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶ ସାବ୍ୟସ୍ତ ହେବା ପରେ ମୁଁ ଦେଶକୁ ବହୁତ ଭଲ ପାଏ। ନିଜ ଯବାନଙ୍କୁ ସହଯୋଗ କରୁଥିବା ଭାରତୀୟ ସେନାକୁ କୃତଜ୍ଞତା ଜଣାଉଛି ବୋଲି ପୁରୋହିତ କହିଥିଲେ।



### ବିଧବା ଓ ନିସନ୍ତାନ ମହିଳାଙ୍କ ସମ୍ପତ୍ତି ମାମଲା

## ମାତାପିତା ନୁହେଁ; ଶାଶୂଘର ଦାବିଦାର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ବିଧବା ଓ ନିଃସନ୍ତାନ ମହିଳାଙ୍କ ସମ୍ପତ୍ତି ଉପରେ ଅଧିକାର ନେଇ ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ହିନ୍ଦୁ ସମାଜରେ କନ୍ୟାଦାନ ପରମ୍ପରା ରହିଛି। ପରମ୍ପରା ଅନୁଯାୟୀ ଯେତେବେଳେ ଜଣେ ହିନ୍ଦୁ ମହିଳା ବିବାହ କରିଥାନ୍ତି, ସେତେବେଳେ ତାଙ୍କ ଗୋତ୍ର ଅର୍ଥାତ କୂଳ ବା ବଂଶ ବଦଳିଯାଇଥାଏ। ଏଭଳି କ୍ଷେତ୍ରରେ ବିଧବା କିମ୍ବା ନିଃସନ୍ତାନ ମହିଳାଙ୍କ ମୃତ୍ୟୁ ହେଲେ ତାଙ୍କ ସମ୍ପତ୍ତି ଉପରେ ମାତାପିତା ନୁହେଁ, ତାଙ୍କ ସ୍ୱାମୀ ଅର୍ଥାତ ଶାଶୂଘର ଘରର ଲୋକଙ୍କ ଅଧିକାର ରହିବ। ମହିଳା କୌଣସି ଇଚ୍ଛାପତ୍ର ଛାଡ଼ିନଥିଲେ ଏହି ନିୟମ ଲାଗୁହେବ। ହଜାର ହଜାର ବର୍ଷ ଧରି ଚାଲି ଆସିଥିବା ଏହି ପରମ୍ପରାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି କୋର୍ଟ। ମାମଲାର ବିଚାର କରୁଥିବା ସୁପ୍ରିମକୋର୍ଟଙ୍କର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ବିଭି ନାଗରତ୍ନା କହିଛନ୍ତି ଯେ ହିନ୍ଦୁ ସମାଜର ଏକ ସଂରଚନା ରହିଛି, ଆପଣ ତାହାକୁ ତଳେ ପକାଇପାରିବେ ନାହିଁ। ହଜାର ହଜାର ବର୍ଷଧରି ଚାଲିଆସୁଥିବା ଏହି ପରମ୍ପରାରେ ବାଧା ସୃଷ୍ଟି କରିବାକୁ ଆମେ ଚାହୁଁନାହୁଁ। ମହିଳାମାନଙ୍କୁ ଅଧିକାର ଆବଶ୍ୟକ। କିନ୍ତୁ ମହିଳାଙ୍କ ଅଧିକାର ଓ ସାମାଜିକ ପରମ୍ପରା ଓ ସଂରଚନା ମଧ୍ୟରେ ସନ୍ତୁଳନ ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି।

ଏଭଳି ପରମ୍ପରାକୁ ଚାଲେଞ୍ଜ କରି ଆଗତ କେତେକ ପିଟିସନ ଉପରେ ଶୁଣାଣି କରୁଛନ୍ତି ଜଷ୍ଟିସ ନାଗରତ୍ନା ଏବଂ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ। ଗୋଟିଏ ପିଟିସନ ଅନୁଯାୟୀ କୋଭିଡ ସମୟରେ ଏକ ନିଃସନ୍ତାନ ଦଂପତିଙ୍କର ମୃତ୍ୟୁ ଘଟିଥିଲା। ସେମାନଙ୍କ ସଂପତ୍ତି ଦଖଲ କରିବା ଲାଗି ଉଭୟ ପୁରୁଷ ଓ ମହିଳାଙ୍କର ମା’ ଦାବି କରୁଛନ୍ତି। ପୁରୁଷଙ୍କ ମା’ ପରଂପରା ଅନୁଯାୟୀ ଉଭୟ ତାଙ୍କ ପୁଅ ଓ ବୋହୂର ସମସ୍ତ ସଂପତ୍ତି ନେବାକୁ ଦାବି କରୁଥିବା ବେଳେ ଝିଅର ମା’ ତାଙ୍କ ଝିଅ ନାମରେ ଥିବା ସଂପତ୍ତି ନେବାକୁ ଦାବି କରୁଛନ୍ତି। ମାମଲାର ଶୁଣାଣି ବେଳେ ମାନ୍ୟବର ବେଞ୍ଚ କହିଲେ ଯେ ଜଣେ ମହିଳା ବିବାହ କରିବା ପରେ ତାଙ୍କର ସମସ୍ତ ଦାୟିତ୍ୱ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଉପରେ ନ୍ୟସ୍ତ ହୋଇଯାଏ। ଜଣେ ମହିଳା ଭରଣପୋଷଣ ପାଇଁ କେବେ ନିଜ ଭାଇ ବିରୋଧରେ ପିଟିସନ କରିଛି କି? ଯଦି ନାହିଁ, ତାହାହେଲେ ତାର ସଂପତ୍ତି ଉପରେ ମହିଳାଙ୍କ ବାପା ଘର ଲୋକ କାହିଁକି ଦାବି କରିବେ? ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବରରେ ହେବ।

## ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ସରକୋଜିଙ୍କୁ ୫ ବର୍ଷ ଜେଲ୍

ପ୍ୟାରିସ୍, ୨୫।୯ (ଏଜେନ୍ସି): ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ନିକୋଲାସ ସରକୋଜି ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ୨୦୦୭ରେ ରାଷ୍ଟ୍ରପତି ନିର୍ବାଚନ ଅଭିଯାନରେ ସେ ସେତେବେଳର ଲିବିୟା ଏକଚ୍ଛତ୍ରବାଦୀ ଶାସକ ମୁଆମ୍ମାର ଗଦ୍ଦାଫିଠାରୁ ବିପୁଳ ପରିମାଣର ଅର୍ଥ ତଥା ପାଣ୍ଠି ନେଇଥିବାର ଅଭିଯୋଗ ହୋଇଥିଲା। ରାଜଧାନୀ ପ୍ୟାରିସର ଏକ କ୍ରିମିନାଲ କୋର୍ଟ ତାଙ୍କୁ ଏହି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛି। ତେବେ କୋର୍ଟ ତାଙ୍କୁ ଦୁର୍ନୀତି ଓ ଅବୈଧ ପାଣ୍ଠି ସଂଗ୍ରହ ପାଇଁ ଅନ୍ୟ ଦୁଇଟି ମାମଲାରେ ନିର୍ଦ୍ଦୋଷ ବୋଲି କହିଛନ୍ତି। ନିକୋଲାସ କିନ୍ତୁ ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଏହି ଦଣ୍ଡ ବିରୋଧରେ ଅପିଲ କରିବାକୁ ପ୍ରସ୍ତୁତି କରୁଛନ୍ତି ବୋଲି କହିଛନ୍ତି। ୨୦୦୫ରେ ନିକୋଲାସ ଓ ତାଙ୍କ ସହଯୋଗୀ ୨୦୦୭ ରାଷ୍ଟ୍ରପତି ନିର୍ବାଚନ ପାଇଁ ବେଆଇନଭାବେ ଗଦ୍ଦାଫିଙ୍କଠାରୁ ଅର୍ଥ ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ବଦଳରେ ଗଦ୍ଦାଫି ନୋକାଲାସ୍‌ଙ୍କଠାରୁ କୂଟନୈତିକ ଓ ବ୍ୟବସାୟୀକ ସାହଯ୍ୟ ଲୋଡିଥିଲେ ଓ ହାସଲ ମଧ୍ୟ କରିଥିଲେ। ଗଦ୍ଦାଫି ତାଙ୍କ ଶାସନ କାଳରେ ମାନବଅଧିକାର ଉଲ୍ଲଂଘନ ଓ ଆତାଙ୍କଦାଦ ପାଇଁ କୁଖ୍ୟାତ ଥିଲେ। ତେଣୁ ତାଙ୍କୁ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ସାହଯ୍ୟ କରିବା ନିକୋଲାସଙ୍କ ପାଇଁ ଏବେ ମହଙ୍ଗା ସାବ୍ୟସ୍ତ ହୋଇଛି ବୋଲି କୁହାଯାଉଛି। ୭୦ ବର୍ଷୀୟ ନିକୋଲାସ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଫ୍ରାନ୍ସର ରାଷ୍ଟ୍ରପତି ଭାବେ ଦାୟିତ୍ୱରେ ଥିଲେ।



## ଚୈତନ୍ୟାନନ୍ଦଙ୍କ ଭାଣ୍ଡାମୀର ପର୍ଦ୍ଦାଫାସ୍ କଲା ବାୟୁସେନା ଅଧିକାରୀଙ୍କ ଇ-ମେଲ୍

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଦିଲ୍ଲୀର ବସନ୍ତକୁଞ୍ଜସ୍ଥିତ ଏକ ଘରୋଇ ମ୍ୟାନେଜମେଣ୍ଟ ସଂସ୍ଥାର ଅଧ୍ୟକ୍ଷ ତଥା ଆତ୍ମଘୋଷିତ ବାବା ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ ଡଃ ପାର୍ଥ ସାରଥୀଙ୍କ ଯୌନ ଶୋଷଣ ଜନିତ ଭାଣ୍ଡାମୀ ସାମ୍ନାକୁ ଆସିଛି। କର୍ଣ୍ଣାଟକ ଶ୍ରୀଙ୍ଗେରିସ୍ଥିତ ଶ୍ରୀ ସାରଦା ପିଠ ସହିତ ଜଡ଼ିତ ଥିବା ଏହି ସଂସ୍ଥାରେ ପଢୁଥିବା ୧୭ ଜଣ ଛାତ୍ରୀ ଏହି ବାବାଙ୍କ ବରୋଧରେ ଯୌନ ଶୋଷଣର ଗମ୍ଭୀର ଅଭିଯୋଗ ଆଣିଥିଲେ। ପୁଲିସ ଏ ନେଇ ମାମଲା ରୁଜୁ କରିଥିଲେ ମଧ୍ୟ ବାବା ଫେରାର ଅଛନ୍ତି। ବାବାଙ୍କ ଏହି ଚର୍ଚ୍ଚିତ କାଣ୍ଡ ଭାରତୀୟ ବାୟୁସେନାର ଜଣେ ଅଧିକାରୀଙ୍କ ଇ-ମେଲ୍‌ରୁ ହିଁ ସାମ୍ନାକୁ ଆସିଥିଲା। ଶାରଦା ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟର ଜଣେ ପୂର୍ବତନ ଛାତ୍ରୀ ଜୁଲାଇ ୨୮ରେ ଏହି ସଂସ୍ଥାକୁ ପତ୍ର ଲେଖି ବାବାଙ୍କ କାର୍ଯ୍ୟକଳାପକୁ ପର୍ଦ୍ଦାଫାସ କରିଥିଲେ। ଏହାର କିଛି ଦିନପରେ ଭାରତୀୟ ବାୟୁସେନାର ଜଣେ ଗ୍ରୁପ୍ କ୍ୟାପଟେନ୍ ଇ-ମେଲ ପଠାଇ ଏ ବିଷୟରେ ଉଲ୍ଲେଖ କରିଥିଲେ। କେତେଜଣ ଛାତ୍ରୀ ବାବାଙ୍କ ମନଇଚ୍ଛା ବ୍ୟବହାର ଓ ଉତ୍ପୀଡନ ନେଇ ଅଭିଯୋଗ କରିଥିଲେ ଓ ରାତିରେ ବାବା ହ୍ୱାଟ୍ସଆପ୍‌ରେ ଆପତ୍ତିଜନକ ମେସେଜ ପଠାଇଥିଲେ ବୋଲି ଅଧିକାରୀ ଜଣକ ଉଲ୍ଲେଖ କରିଛନ୍ତି। ଏହି ଇ-ମେଲ ପାଇବା ପରେ ସଂସ୍ଥାର ଗଭର୍ଣ୍ଣିଂ କାଉନସିଲ୍ ଅଗଷ୍ଟ ୩ରେ ୩୦ରୁ ଅଧିକ ଛାତ୍ରୀଙ୍କ ସହିତ ଆଭାସୀ ବୈଠକ କରିଥିଲେ। ଏଥିରେ କେତେଜଣ ଛାତ୍ରୀ ବାବାଙ୍କ ବରୋଧରେ ଯୌନ ଉତ୍ପୀଡ଼ନ, ଅଭଦ୍ର ଭାଷା, ଅବାଞ୍ଛିତ ଶାରୀରିକ ସ୍ପର୍ଶ ନେଇ ଅଭିଯୋଗ କରିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି ଜଣେ ଡିନ୍‌ଙ୍କ ସମେତ ସଂସ୍ଥାରେ ୩ ମହିଳା କର୍ମଚାରୀ ସବୁ ଜାଣି ମଧ୍ୟ ବାବାଙ୍କୁ ସହଯୋଗ କରିଥିଲେ।

## ପୋଷ୍ଟାଲ ବାଲାଟ ଗଣତି ପରେ ଇଭିଏମ୍‌ର ଚୂଡ଼ାନ୍ତ ଗଣତି

ପାଟନା, ୨୫।୯ (ଏଜେନ୍ସି): ନିର୍ବାଚନ କମିଶନ ବିହାର ବିଧାନସଭା ନିର୍ବାଚନରେ ଭୋଟ ଗଣତି ନେଇ ନୂଆ ପ୍ରଣାଳୀ ଲାଗୁ କରିବ। ନୂଆ ନିୟମ ଅନୁସାରେ ଯଦି ପୋଷ୍ଟାଲ ବାଲାଟ୍ ଗଣିତିରେ ବିଳମ୍ବ ହୁଏ, ତେବେ ଇଭିଏମ୍ କାଉଣ୍ଟିଂକୁ ରୋକି ଦିଆଯିବ। ଏଥିସହ ବାଲାଟ ଅଧିକ ହେଲେ କାଉଣ୍ଟିଂ ଟେବଲ ସଂଖ୍ୟାରେ ବୃଦ୍ଧି କରାଯିବ ବୋଲି କମିଶନ କହିଛନ୍ତି। କାଉଣ୍ଟିଂ ଦିନ ଭୋଟ ଗଣତି ସକାଳ ୮ ଟାରେ ଆରମ୍ଭ ହୋଇଥାଏ। କିନ୍ତୁ ଇଭିଏମ୍ କାଉଣ୍ଟିଂ ୮.୩୦ରେ ଆରମ୍ଭ ହୋଇଥାଏ। କେତୋଟି ସେଣ୍ଟରରେ ମେସିନରେ କାଉଣ୍ଟିଂ ଶେଷ ହୋଇଥିଲେ ମଧ୍ୟ ବାଲାଟ ଗଣତି ପାଇଁ ସମୟ ଲାଗୁଥିଲା। କିନ୍ତୁ ଏବେ ଗଣତି ପ୍ରକ୍ରିୟା ଭିନ୍ନ ହେବ। ବାଲାଟ ଗଣତି ବାକି ଥିଲେ ଇଭିଏମ୍‌ର ଅନ୍ତିମ ରାଉଣ୍ଡ ବା ସେକେଣ୍ଡ ଲାଷ୍ଟ ରାଉଣ୍ଡ ଗଣତିକୁ ରୋକା ଯିବ। ଗୁରୁବାର କମିଶନ ପ୍ରେସ ବିଜ୍ଞପ୍ତି ଜାରି କରି ଏ ନେଇ ସୂଚନା ଦେଇଛନ୍ତି। ଏହି ନୂଆ ନିୟମ ବିହାର ବିଧାନସଭା ନର୍ବାଚନରେ ପ୍ରଥମେ ଲାଗୁ କରାଯିବ।



## ଆଜି ଅବସର ନେବ ମିଗ୍-୨୧ ବିମାନ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଦୀର୍ଘ ୬୨ ବର୍ଷ ହେବ ଦେଶକୁ ରକ୍ଷା କରିଆସୁଥିବା ଲଢୁଆ ବିମାନ ମିଗ୍-୨୧ ଶୁକ୍ରବାର ଅବସର ନେବ। ଫଳରେ ଭାରତୀୟ ବାୟୁସେନା ପାଇଁ ଏକ ଯୁଗର ଅବସାନ ହେବ। ଚଣ୍ଡିଗଡ଼ ବାୟୁସେନା ଷ୍ଟେସନରେ ମିଗ୍-୨୧ର ଅନ୍ତିମ ବିଦାୟୀ ସମାରୋହର ଆୟୋଜନ ହେବ। ଏହି ବିଦାୟୀ ସମାରୋହ ପାଇଁ ଚଣ୍ଡିଗଡ଼ରେ ଡ୍ରେସ ରିହରସାଲ ହୋଇଛି। ଏଥିରେ ମିଗ୍-୨୧ ସମେତ ଜାଗୁଆର, ସୂର୍ଯ୍ୟକିରଣ ଏରୋବେଟିକ୍ ଟିମ୍ ଆକାଶରେ ସୁନ୍ଦର ଉଡାଣ ଭରିଥିଲେ। ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂ ମିଗ୍-୨୧ ଉଡାଇ ତା’ର ଦକ୍ଷତା ପ୍ରଦର୍ଶନ କରିଥିଲେ। ଗୁରବାର ସେ ଏହି ଉଡାଣ ଭରିଥିଲେ ଓ ଶୁକ୍ରବାର ମଧ୍ୟ ସେ ମିଗ୍-୨୧ ଉଡାଇବେ। ଭାରତୀୟ ବାୟୁସେନାର ସପ୍ତମ ମହିଳା ଫାଇଟର ପାଇଲଟ୍ ସ୍କ୍ୱାଡ୍ରନ ଲିଡର ପ୍ରିୟା ଶର୍ମା ଶୁକ୍ରବାର ଶେଷଥର ପାଇଁ ମିଗ୍-୨୧କୁ ଆକାଶରେ ଉଡାଇବେ। ଏହି ବିମାନ ଧ୍ୱନୀର ଗତି (ସେକେଣ୍ଡ ପ୍ରତି ୩୩୨ ମିଟର)ଠାରୁ ଆହୁରି ଅଧିକ ବେଗ୍‌ରେ ଗତି କରିଥାଏ। ୧୯୬୦ ଦଶକରେ ମିଗ୍-୨୧ର ଆରମ୍ଭ ହୋଇଥିଲା। ସେତେବେଳର ସୋଭିଏତ ସଂଘ (ରୁଷିଆ)ରେ ଏହି ବିମାନର ଡିଜାଇନ୍ ହୋଇଥିଲା। ୧୯୬୩ ଏପ୍ରିଲ୍‌ରେ ୬ଟି ମିଗ୍-୨୧ ବିମାନ ପ୍ରଥମ ପର୍ଯ୍ୟାୟରେ ମୁମ୍ବଇରୁ ଚଣ୍ଡିଗଡ଼କୁ ଅଣାଯାଇଥିଲା। ଭାରତର ପ୍ରଥମ ସୁପରସୋନିକ୍ ଫାଇଟର ବିମାନ ମିଗ୍-୨୧ ୧୯୬୫, ୧୯୭୧ ଓ ୧୯୯୯ରେ ପାକିସ୍ତାନ ବିରୋଧରେ କାରଗିଲ ଯୁଦ୍ଧରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ସାରା ଦୁନିଆକୁ ନିଜର ଦକ୍ଷତା ପ୍ରତିପାଦନ କରିଥିଲା। ତେବେ ବିଭିନ୍ନ କାରଣରୁ ୪୦୦ରୁ ଊର୍ଦ୍ଧ୍ୱ ମିଗ୍-୨୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ଓ ଏଥିରେ ୨୦ ପାଇଲଟ ମୃତ୍ୟୁବରଣ କରିଥିଲେ। ଖାସ୍ ଏଥିପାଇଁ ଏହାକୁ ଫ୍ଲାଇଙ୍ଗ କଫିନ ଓ ୱିଡୋ ମେକରର ଆଖ୍ୟା ଦିଆଯାଇଥିଲା। ୨୦୨୧ରେ ଏହି ବିମାନ ୭ଥର କ୍ରାଶ ହୋଇଛି। ଏହାର ବିଦାୟୀ ସମାରୋହକୁ ଆକର୍ଷଣୀୟ ଓ ସ୍ମରଣୀୟ କରିବାକୁ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି। ସମାରୋହରେ ଏହି ବିମାନକୁ ପାଣିର ତୋପରେ ସଲାମୀ ଦିଆଯିବ। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ ରହିବେ।

## ପାକିସ୍ତାନ ସ୍କୁଲ ପାଠ୍ୟକ୍ରମରେ ‘ଅପରେସନ୍ ସିନ୍ଦୂର’

ଇସ୍‌ଲାମାବାଦ୍, ୨୫।୯ (ଏଜେନ୍ସି): ପାକିସ୍ତାନ ନିଜ ସ୍କୁଲ ପାଠ୍ୟକ୍ରମରେ ଭାରତ ସହିତ ହୋଇଥିବା ୪ ଦିନର ଯୁଦ୍ଧକୁ ସାମିଲ କରିଛି। ଏଥିରେ ବିଭିନ୍ନ ପ୍ରକାର ତଥ୍ୟକୁ କଦର୍ଥ କରାଯାଇ ଉପସ୍ଥାପନ କରାଯାଇଛି। ଭାରତ ବିନା କୌଣସି କାରଣରେ ୨୦୨୫ ମେ ୭ରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା ବୋଲି ବହିରେ ଦର୍ଶାଯାଇଛି। ଭାରତ କଶ୍ମୀର ପହଲଗାମରେ ହୋଇଥିବା ଆକ୍ରମଣ ପାଇଁ ପାକିସ୍ତାନକୁ ମିଛରେ ଦାୟୀ କରିଛି। ଭାରତ ଯୁଦ୍ଧ ଆରମ୍ଭ କରିଥିଲା ବୋଲି ବହିରେ ଉଲ୍ଲେଖ କରାଯାଇଛି। କିନ୍ତୁ ଜବାବରେ ପାକିସ୍ତାନ ସେନା ଭାରତର ୪ଟି ରାଫେଲ ବିମାନକୁ ମାରି ଖସାଇଥିଲା ଓ କେତୋଟି ଏୟାର ବେସ୍‌କୁ ଧ୍ୱଂସ କରିଥିଲା ବୋଲି ବହିରେ ଉଲ୍ଲେଖ କରାଯାଇଛି। ତେବେ କେଉଁ ଶ୍ରେଣୀର ପାଠ୍ୟକ୍ରମରେ ଏହାକୁ ସାମିଲ କରାଯାଇଛି ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। କିନ୍ତୁ ପାଠ୍ୟକ୍ରମରେ ସାମିଲ କରିଥିବା ସବୁ ତଥ୍ୟ ମିଥ୍ୟା ବୋଲି ଜଣାପଡ଼ିଛି। ଉଲ୍ଲେଖଥାଉ କି, ପହଲଗାମ୍‌ରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏଥିରେ ଭାରତ ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିଥିଲା ଓ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ। ୪ ଦିନର ସଂଘର୍ଷ ପରେ ପାକିସ୍ତାନ ଡିଜିଏମ୍‌ଓଙ୍କ ଅନୁରୋଧ କ୍ରମେ ଅସ୍ତ୍ରବିରତି ଘୋଷିତ ହୋଇଥିଲା। ଅବଶ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅପରେସନ ସିନ୍ଦୂର ଶେଷ ହୋଇନାହିଁ ବରଂ ସ୍ଥଗିତ ରଖାଯାଇଛି ବୋଲି ସେତେବେଳେ କହିଥିଲେ।



## ଆମକୁ ତାଲିବାନ ଓ ଇସ୍‌ଲାମିକ ଷ୍ଟେଟ୍ ଭଳି ଦେଖାଯାଉଛି: ୟୁନୁସ୍

ୱାଶିଂଟନ, ୨୫।୯ (ଏଜେନ୍ସି): ବାଂଲାଦେଶ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ଭାରତ ସହିତ ଥିବା ସମ୍ପର୍କ ନେଇ ମୁହଁ ଖୋଲିଛନ୍ତି। ଦୁଇ ଦେଶ ମଧ୍ୟରେ ଏବେ ସମସ୍ୟା ରହିଛି ବୋଲି ସେ ସ୍ୱୀକାର କରିଛନ୍ତି। ଭାରତକୁ ଆମ ଛାତ୍ରମାନଙ୍କ କାର୍ଯ୍ୟ ପସନ୍ଦ ଆସୁନାହିଁ। ପୁଣି ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଭାରତ ଶରଣ ଦେଇଛି। ଫଳରେ ବାଂଲାଦେଶ ବହୁ ସମସ୍ୟାର ସମ୍ମୁଖୀନ ହେଉଛି ବୋଲି ସେ କହିଛନ୍ତି। ହସିନାଙ୍କ କାରଣରୁ ବାଂଲାଦେଶରେ ବହୁ ଯୁବକ ହତ୍ୟାର ଶିକାର ହୋଇଛନ୍ତି। ଏହି କାରଣ ଯୋଗୁଁ ଭାରତ ଓ ବାଂଲାଦେଶ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କ ୨୦୨୪ ଅଗଷ୍ଟରୁ ଖରାପ ହେବା ଆରମ୍ଭ ହୋଇଥିଲା। ଯେତେବେଳେ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ଚାଲି ଯାଇଥିଲେ। ଚାକିରି କୋଟା ନେଇ ଭେଦଭାବ ସୃଷ୍ଟି ହେବାରୁ ଛାତ୍ରମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଏହି କାରଣ ଯୋଗୁଁ ବାଂଲାଦେଶରେ ସରକାର ପତନ ହୋଇଥିଲା। ଭାରତ ବାଂଲାଦେଶ ବିରୋଧରେ ଫେକ୍ ନ୍ୟୁଜ୍ ଅର୍ଥାତ ମିଥ୍ୟା ଖବର ପ୍ରଚାର ଓ ପ୍ରସାର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ସାର୍କ (ଏସଏଏଆରସି) କେବଳ ଗୋଟିଏ ଦେଶର ରାଜନୀତି ନୁହଁ। ଏହି ସଂଗଠନରେ ସାମିଲ ଥିବା ସବୁ ଦେଶ ଏକ ପରିବାର ଭଳି ବୋଲି ସେ କହିଛନ୍ତି।


## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ବାଦ୍ ପଡ଼ିଲେ ନାୟର, ପଡିକାଲ ସାମିଲ

ଦୁବାଇ,୨୫।୯ (ଏଜେନ୍ସି):

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ମାଟିରେ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଭାରତର ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଶୁବମନ ଗିଲ୍‌ଙ୍କୁ ଏହି ଦଳର ଅଧିନାୟକ ଓ ରବୀନ୍ଦ୍ର ଜାଡେଜାଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ଏହି ସିରିଜ୍ ପୂର୍ବରୁ ଇଂଲଣ୍ଡରେ ଖେଳିଥିବା ଭାରତୀୟ ଟେଷ୍ଟ ଦଳରୁ କରୁନ ନାୟର ଓ ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରିଜର୍ଭ ଖେଳାଳିଭାବେ ରହିଥିବା ଅଭିମନ୍ୟୁ ଈଶ୍ୱରନଙ୍କୁ ଏହି ଦଳରୁ ବାଦ୍ ଦିଆଯାଇଛି। ନାୟରଙ୍କ ସ୍ଥାନରେ ତାଙ୍କ ରାଜ୍ୟର ସାଥିଖେଳାଳି ଦେବଦତ୍ତ ପଡ଼ିକାଲଙ୍କୁ ଏବଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯାଇଛି। ତାମିଲନାଡୁର ଦୁଇ ଖେଳାଳି ସାଇ ସୁଦର୍ଶନ ଓ ୱିକେଟ ରକ୍ଷକ ନାରାୟଣ ଜଗଦୀଶନଙ୍କୁ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଆହତ ହୋଇଥିବା ଦଳର ନଂ-୧ ୱିକେଟରକ୍ଷକ ଋଷଭ ପନ୍ତ ଫିଟ୍ ହୋଇ ନ ଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇନାହିଁ। ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ପୁଣିଥରେ ଭାରତୀୟ ଦଳର ନଂ-୧ ୱିକେଟରକ୍ଷକ ଭାବେ ଚୟନ କରାଯାଇଛି। ଫାଷ୍ଟ ବୋଲର ଆକାଶ ଦୀପ୍ ମଧ ଟେଷ୍ଟ ଦଳରେ ସ୍ଥାନ ପାଇନାହାନ୍ତି। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଓ ଦ୍ୱିତୀୟ ମ୍ୟାଚ୍ ନୂଆଦିଲ୍ଲୀରେ ଅକ୍ଟୋବର ୧୦ରୁ ଖେଳାଯିବ।





ଏ ସମ୍ପର୍କରେ ବିସିସିଆଇ ସିନିଅର ଚୟନ କମିଟିର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହନ୍ତି ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ କରୁନ ନାୟରଙ୍କଠାରୁ ଆମେ କିଛି ସ୍ଥିର ଖେଳ ଓ ସଫଳତା ଆଶା କରୁଥିଲୁ। ସେ କିନ୍ତୁ ଗୋଟିଏ ଅର୍ଦ୍ଧଶତକ କରିପାରିଥିଲେ। ଏହି ସ୍ଥାନରେ ଜଣେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଦଳରେ ନେବାକୁ ଚାହିଁଥିଲୁ। ଭାରତ ପକ୍ଷରୁ ଖେଳିଥିବା ଦେବଦତ୍ତ ପଡ଼ିକାଲଙ୍କୁ ସୁଯୋଗ ଦେବାକୁ ଆମେ ନିଷ୍ପତ୍ତି ନେଇଛୁ। ଆମେ ସମସ୍ତଙ୍କୁ ୧୫ରୁ ୨୦ ଟେଷ୍ଟ ଖେଳିବାକୁ ସୁଯୋଗ ଦେବାକୁ ଯୋଜନା କରୁଥିଲୁ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ସମ୍ଭବ ହେଉନାହିଁ। ଦୁବାଇରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ଘୋଷଣା କରିବା ଅବସରରେ ଅଜିତ ଅଗରକର ଏହା କହିଛନ୍ତି।

**ଘୋଷିତ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରବୀନ୍ଦ୍ର ଜାଡେଜା (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକାଲ, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, କୁଲଦୀପ ଯାଦବ ଓ ନାରାୟଣ ଜଗଦୀଶନ।

**ୱେଷ୍ଟଇଣ୍ଡିଜ୍ ଦଳ:** ରୋଷ୍ଟୋନ ଚେଜ୍ (ଅଧିନାୟକ), ବ୍ରାଣ୍ଡନ କିଙ୍ଗ୍, ଆଲିକ୍ ଆଥାନାଜେ, ଟାଗେନାରିନ ଚନ୍ଦରପଲ, କେଭଲନ ଆଣ୍ଡରସନ, ଜନ୍ କ୍ୟାମ୍ପବେଲ, ସାଇ ହୋପ୍, ଟେଭଲିନ ଇମ୍‌ଲାଚ୍, ଜଷ୍ଟିନ ଗ୍ରିଭ୍‌ସ, ଶମର ଯୋଶେଫ, ଆଲଜରୀ ଯୋଶେଫ, ଜେଡେନ ସିଲ୍ସ, ଆଣ୍ଡରସନ ଫିଲିପ୍, ଜୋମେଲ ୱାରିକାନ୍, ଖାରୀ ପିଏରେ।

**ସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୦୨ରୁ ୦୬।୧୦ | ପ୍ରଥମ ଟେଷ୍ଟ | ଅହମ୍ମଦାବାଦ |
| ୧୦ରୁ ୧୪।୧୦ | ଦ୍ୱିତୀୟ ଟେଷ୍ଟ | ନୂଆଦିଲ୍ଲୀ |

## ଏସିଆ କପ୍ କ୍ରିକେଟ

# ଭାରତ-ପାକିସ୍ତାନ ପ୍ରଥମ ଫାଇନାଲ

ଦୁବାଇ,୨୫।୯ (ଏଜେନ୍ସି): ଭାରତ ଓ ପାକିସ୍ତାନ ମଧ୍ୟରେ ପ୍ରଥମଥର ଏସିଆ କପ୍ କ୍ରିକେଟ ଫାଇନାଲ ମୁକାବିଲା ହେବ। ଚଳିତବର୍ଷ ଟି-୨୦ ଫର୍ମାଟରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଦୁବାଇରେ ରବିବାର ୨୮ ତାରିଖରେ ଖେଳାଯିବ। ସୁପର-୪ ପର୍ଯ୍ୟାୟରେ ଉଭୟ ପାକିସ୍ତାନ ଓ ବାଂଲାଦେଶକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଭାରତ ଫାଇନାଲରେ ପ୍ରବେଶ କରିଥିଲା। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶକୁ ୧୧ ରନ୍‌ରେ ପରାସ୍ତ କରି ଦ୍ୱିତୀୟ ବିଜୟ ସହ ପାକିସ୍ତାନ ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ସୁପର-୪'ର ଶେଷ ମୁକାବିଲା ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବ।

ଏଠାରେ ଗୁରୁବାର ଖେଳାଯାଇଥିବା ଏସିଆ କପ୍ ସୁପର-୪ ମୁକାବିଲାରେ ପାକିସ୍ତାନ ପ୍ରତିପକ୍ଷ ବାଂଲାଦେଶ ଆଗରେ ୧୩୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୯ ୱିକେଟରେ ୧୨୪ ରନ୍ କରିପାରିଥିଲା। ଦଳ ପକ୍ଷରୁ ଶମିମ ହୋସେନ ସର୍ବାଧିକ ୩୦ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ଦୁଇ ଫାଷ୍ଟ ବୋଲର ସାହିନ ଆଫ୍ରିଦୀ ଓ ହାରିସ ରୌଫ୍ ୩ଟି ଲେଖାଏଁ, କାମଚଳା ସ୍ପିନର ସାଏମ ଆୟୁବ ୨ଟି ୱିକେଟ ପାଇଥିଲେ। ଏହି ମ୍ୟାଚରେ ବାଂଲାଦେଶ ବ୍ୟାଟରମାନେ ଅନାବଶ୍ୟକ ସଟ ଖେଳି ଜିତିବା ମ୍ୟାଚ୍‌କୁ ହାରିବାରେ ପରିଣତ କରିଥିଲେ।



**ଆଜିର ମ୍ୟାଚ୍**
ଭାରତ-ଶ୍ରୀଲଙ୍କା
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

ଗୁରୁବାର ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ପାକିସ୍ତାନକୁ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ପାକିସ୍ତାନ ପ୍ରଥମ ଓଭରରେ ୱିକେଟ ହରାଇ ବିପର୍ଯ୍ୟୟର ସୂତ୍ରପାତ କରିଥିଲା। ଏହି ଧାରା ଦଳ ବଜାୟ ରଖିବାରୁ ୧୧ଓଭର ସୁଦ୍ଧା ମାତ୍ର ୪୯ ରନ୍‌ରେ ଅଧା ଖେଳାଳିଙ୍କୁ ହରାଇଥିଲା। ଶେଷ ଭାଗରେ ମହମ୍ମଦ୍ ହାରିସ୍ ୨୩ ବଲ୍‌ରୁ ୩୧ ଓ ମହମ୍ମଦ୍ ନୱାଜ ୧୫ ବଲ୍‌ରୁ ୨୫ ରନ୍ କରିବା ଫଳରେ ଦଳ ଶହେ ରନ୍ ଅତିକ୍ରମ କରିଥିଲା। ଫହୀମ ଅଶ୍ରଫ ୯ ବଲ୍‌ରେ ୧୪ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅଧିନାୟକ ସଲମାନ ଅଲି ଆଘା ଓ ସାହିନ ଆଫ୍ରିଦୀ ୧୯ ରନ୍‌ର ଯୋଗଦାନ ଦେଇଥିଲେ। ପାକସ୍ତାନ ପ୍ରଥମ ୧୦ ଓଭରରେ ୪ ୱିକେଟ ହରାଇ ୪୬ ଓ ଶେଷ ୧୦ ଓଭରରେ ୪ ୱିକେଟ ହରାଇ ୮୯ ରନ୍ କରିଥିଲା। ବାଂଲାର ପେସର ତସ୍କିନ ଅହମ୍ମଦ୍ ସର୍ବାଧିକ ୩ଟି, ଦୁଇ ସ୍ପିନର ମାହେଦୀ ହାସନ ଓ ରିଶାଦ ହୋସେନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ବିଶ୍ୱ ପାରା ଆଥ୍‌ଲେଟିକ୍ସ ଉଦ୍‌ଘାଟିତ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱାଦଶ ସଂସ୍କରଣ ଗୁରୁବାର ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟିତ ହେଲା ବୋଲି ଘୋଷଣା କରିଥିଲେ। ପାରାଅଲିମ୍ପିକ୍ସ କ୍ଲବ ଥ୍ରୋ ସ୍ୱର୍ଣ୍ଣ ବିଜେତା ଧର୍ମବୀର ନୈନ ଓ ଡବଲ୍ କାଂସ୍ୟ ବିଜୟିନୀ ପ୍ରୀତି ପାଲ୍ ଭାରତୀୟ ଦଳର ପତାକା ବାହକ ରହିଥିଲେ। ଭାରତ ୨୦୧୫, ୨୦୧୯ ଓ ୨୦୨୪ ପରେ ଚତୁର୍ଥ ଥର ପାଇଁ ଏହାକୁ ଆୟୋଜନ କରୁଛି। ଚଳିତ ସଂସ୍କରଣରେ ୧୦୪ ଦେଶର ପାଖାପାଖି ୨୨୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଏଥର ୧୮୬ଟି ପଦକ ଇଭେଣ୍ଟ ରହିଛି। ଭାରତର ୭୩ ଜଣ କ୍ରୀଡ଼ାବିତ ଏଥିରେ ଅଂଶଗ୍ରହଣ କରୁଛନ୍ତି।

## ଲିସା କେଟ୍‌ଲୀ ଏମ୍‌ଆଇ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ

ମୁମ୍ବଇ,୨୫।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସିନିଅର ମହିଳା ଦଳର ପୂର୍ବତନ ହେଡ୍ କୋଚ୍ ଲିସା କେଟ୍‌ଲୀ ୨୦୨୬ ସିଜନ ମହିଳା ପ୍ରିମିୟର ଲିଗ୍ ପାଇଁ ମୁମ୍ବଇ ଇଣ୍ଡିଆନ୍ସ ମହିଳା ଦଳର ହେଡ୍ କୋଚ୍ ନିଯୁକ୍ତ ହୋଇଛନ୍ତି। ସେ ମୁମ୍ବଇକୁ ଦୁଇଥର ଚାମ୍ପିଅନ କରାଇଥିବା ହେଡ୍ କୋଚ୍ ଚାର୍ଲୋଟି ଏଡ୍‌ୱାର୍ଡ୍ସଙ୍କ ସ୍ଥାନରେ ନିଯୁକ୍ତି ପାଇନ୍ତି। ଚାର୍ଲୋଟିଙ୍କୁ ଇଂଲଣ୍ଡ ସିନିଅର ମହିଳା ଦଳର ହେଡ୍ କୋଚ୍ ଭାବେ ଦାୟିତ୍ୱ ମିଳିଛି। ୫୪ ବର୍ଷିୟା କେଟ୍‌ଲୀ ଅଷ୍ଟ୍ରେଲିଆ ପକ୍ଷରୁ ୯୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ୧୯୯୭ ଓ ୨୦୦୫ରେ ଅଷ୍ଟ୍ରେଲିଆ ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ସେ ଏହି ଦଳର ସଦସ୍ୟ ରହିଥିଲେ।

## ଇରାନି କପ୍‌ରେ ଆକାଶଦୀପ, ଈଶ୍ୱରନ୍ ସାମିଲ

ମୁମ୍ବଇ,୨୫।୯ (ଏଜେନ୍ସି): ଚଳିତ ସିଜନର ଭାରତର ଦ୍ୱିତୀୟ ଘରୋଇ କ୍ରିକେଟ ମୁକାବିଲା ଇରାନି କପ୍ ନାଗପୁରରେ ବିଦର୍ଭ ଓ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଖେଳାଯିବ। ଏହି ମୁକାବିଲା ଅକ୍ଟୋବର ୧ରେ ଆରମ୍ଭ ହେବାକୁ ଥିବା ରଣଜୀ ଚାମ୍ପିଅନ ବିଦର୍ଭ ଦଳର ନେତୃତ୍ୱ ଅକ୍ଷୟ ୱାଡକରଙ୍କୁ ଦିଆଯାଇଛି। ସେହିପରି ମଧ୍ୟପ୍ରଦେଶର ରଜତ ପାଟିଦାର ଅବଶିଷ୍ଟ ଭାରତ ଏକାଦଶର ନେତୃତ୍ୱ ନେବେ। ମହାରାଷ୍ଟ୍ରର ଋତୁରାଜ ଗାଏକ୍ୱାଡଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଖେଳିଥିବା ଆକାଶ ଦୀପ ଓ ଅଂଶୁଲ କାମ୍ବୋଜଙ୍କୁ ମଧ ଏହି ଦଳରେ ନିଆଯାଇଛି।



**ଘୋଷିତ ଦଳ:** ରଜତ ପାଟିଦାର (ଅଧିନାୟକ), ଋତୁରାଜ ଗାଏକ୍‌ୱାଡ୍ (ଉପଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ଯଶ ଧୂଲ, ସେଖ ରଶିଦ୍, ଇଶାନ କିସାନ ଓ ଆର୍ଯ୍ୟନ ଜୁୟାଲ (ୱିକେଟରକ୍ଷକ), ତନୁଶ କୋଟିଆନ୍, ମାନବ ସୂତାର, ସାରାଂଶ ଜୈନ୍, ଗୁରନୁର ବ୍ରାର, ଖଲୀଲ ଅହମ୍ମଦ୍, ଆକାଶ ଦୀପ୍ ଓ ଅଂଶୁଲ କାମ୍ବୋଜ୍।

## ମହିଳା ଦିନିକିଆ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍

# ନାଟାଲୀଙ୍କ ଶତକରେ ଭାରତ ପରାସ୍ତ

ବେଙ୍ଗାଲୁରୁ, ୨୫।୯ (ଏଜେନ୍ସି): ଚଳିତ ମାସ ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ମହିଳା ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବାକୁଯାଉଛି। ତେବେ ଏଥିପୂର୍ବରୁ ଗୁରୁବାରଠାରୁ ଆରମ୍ଭ ହୋଇଛି ୱାର୍ମଅପ୍ ମ୍ୟାଚ୍। ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଇଂଲଣ୍ଡ ମହିଳା ଦଳ ୧୫୩ ରନର ବୃହତ୍ ବ୍ୟବଧାନରେ ଘରୋଇ ଭାରତକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୫୦ ଓଭରରେ ୯ ୱିକେଟ୍ ହରାଇ ୩୪୦ ରନର ବିଶାଳ ସ୍କୋର କରିଛି। ଅଭିଜ୍ଞ ଖେଳାଳି ନାଟାଲୀ ସ୍କିଭର-ବ୍ରଣ୍ଟ ସର୍ବାଧିକ ୧୨୦ ରନ କରି ରିଟାୟାର୍ଡ ହର୍ଟ ନେଇଥିଲେ। ଭାରତ ପକ୍ଷରୁ କ୍ରାନ୍ତି ଗୌଡ଼ା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଭାରତ ଜେମିମା ରୋଡ୍ରିଗ୍ସେଜ (୬୬) ଓ ଉମା ଛେତ୍ରୀ (୪୫)ଙ୍କ ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ୩୪ ଓଭରରେ ୧୮୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବିଶ୍ୱକପ୍‌ରେ ଭାରତ ସେପ୍ଟେମ୍ବର ୩୦ରେ ଶ୍ରୀଲଙ୍କା ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

## ଅଷ୍ଟ୍ରେଲିଆ-ଏ' ବିପକ୍ଷ ଦିନିକିଆ ସିରିଜ୍

# ଆୟର ଭାରତ-ଏ' ଅଧିନାୟକ

ମୁମ୍ବଇ,୨୫।୯ (ଏଜେନ୍ସି): ଉତ୍ତରପ୍ରଦେଶର କାନପୁରରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ତାରିଖଯାଏ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଶ୍ରେୟସ ଆୟରଙ୍କୁ ଭାରତ-ଏ' ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହା ସହ ତାଙ୍କୁ ଇରାନି କପ୍ ଦଳରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ ଦିନିକ୍ରି ସିରିଜ୍ ଲାଗି ଅଧିନାୟକ ମନୋନୀତ ହୋଇଥିବା ରଜତ ପାଟିଦାରଙ୍କୁ ଏବେ ଇରାନି କପ୍ ଲାଗି ଅବଶିଷ୍ଟ ଭାରତୀୟ ଏକାଦଶର ନେତୃତ୍ୱ ପ୍ରଦାନ କରାଯାଇଛି। ପ୍ରଥମ ଦିନିକିଆ ଲାଗି ଘୋଷିତ ଦଳରୁ ୪ଜଣ ଖେଳାଳିଙ୍କୁ ବାଦ୍ ଦିଆଯାଇ ଏସିଆ କପ୍ ଖେଳୁଥିବା ଅଭିଷେକ ଶର୍ମା, ତିଳକ ବର୍ମା, ହର୍ଷିତ ରାଣା, ଅର୍ଶଦୀପ ସିଂହଙ୍କୁ ଦ୍ୱିତୀୟ ଓ ତୃତୀୟ ଦିନିକିଆ ଲାଗି ଦଳରେ ସାମିଲ କରାଯିବ।



**ପ୍ରଥମ ଦିନିକିଆ ଲାଗି ଦଳ :** ଶ୍ରେୟସ ଆୟର, ପ୍ରଭସିମନରନ ସିଂହ (ୱିକେଟରକ୍ଷକ), ରିୟାନ ପରାଗ, ଆୟୁଷ ବଦୋନି, ସୂର୍ଯ୍ୟାଂଶ ଶେଦ୍‌ଜେ, ବିପରାଜ ନିଗମ, ନିଶାନ୍ତ ସାନ୍ଧୁ, ଗୁରଜାନପ୍ରୀତ୍ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ (ୱିକେଟରକ୍ଷକ), ପ୍ରୀୟାଂଶ ଆର୍ଯ୍ୟ ଓ ସିମରଜିତ ସିଂହ।

**ଦ୍ୱିତୀୟ ଓ ତୃତୀୟ ଦିନିକିଆ ଲାଗି ଦଳ :** ଶ୍ରେୟସ ଆୟର, ତିଳକ ବର୍ମା (ଉପଅଧିନାୟକ), ଅଭିଷେକ ଶର୍ମା, ପ୍ରଭସିମନରନ ସିଂହ (ୱିକେଟରକ୍ଷକ), ରିୟାନ ପରାଗ, ଆୟୁଷ ବଦୋନି, ସୂର୍ଯ୍ୟାଂଶ ଶେଦ୍‌ଜେ, ବିପରାଜ ନିଗମ, ନିଶାନ୍ତ ସାନ୍ଧୁ, ଗୁରଜାନପ୍ରୀତ୍ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ (ୱିକେଟରକ୍ଷକ), ହର୍ଷିତ ରାଣା ଓ ଅର୍ଶଦୀପ ସିଂହ।

## ପୂର୍ବାଞ୍ଚଳ ଆଥଲେଟିକ୍ସରେ ଓଡ଼ିଶାକୁ ୨୧ ସ୍ୱର୍ଣ୍ଣ

କଟକ,୨୫।୯ (ସମିସ): ଝାଡଖଣ୍ଡର ରାଞ୍ଚିରେ ଚାଲିଥିବା ୩୬ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ ଚାମ୍ପିଅନସିପ୍ ଶେଷ ହୋଇଛି। ଏଥିରେ ଓଡ଼ିଶାକୁ ବୃହତ୍ତ ସଫଳତା ମିଳିଛି। ଓଡ଼ିଆ ଆଥଲେଟମାନେ ୨୧ଟି ସ୍ୱର୍ଣ୍ଣ ସହ ମୋଟ ୪୯ ପଦକ ଜିତିଛନ୍ତି। ଏଥିରେ ୧୬ଟି ରୌପ୍ୟ ଏବଂ ୧୨ଟି କାଂସ୍ୟ ପଦକ ରହିଛି। ଚାମ୍ପିଅନସିପ୍‌ରେ ଆୟୋଜକ ଝାଡଖଣ୍ଡ(୧୭୨ ପଏଣ୍ଟ) ଦଳଗତ ଚାମ୍ପିଅନ ହୋଇଥିବା ବେଳେ ବିହାର(୧୬୮ ପଏଣ୍ଟ) ଦ୍ୱିତୀୟ ଏବଂ ଓଡ଼ିଶା (୧୬୫ ପଏଣ୍ଟ) ତୃତୀୟ ସ୍ଥାନରେ ରହିଛି। ୧୬ବର୍ଷରୁ କମ୍ ବାଳିକା ବର୍ଗରେ ଓଡ଼ିଶା ଚାମ୍ପିଅନ ହୋଇଥିବା ବେଳେ ୧୪ବର୍ଷରୁ କମ୍ ଏବଂ ୨୦ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶା ରନର୍ସଅପ ହୋଇଛି। ଏତଦବ୍ୟତୀତ ୨୦ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶାର ଆସ୍ତିକ ପ୍ରଧାନଙ୍କୁ ଶ୍ରେଷ୍ଠ ଆଥଲେଟ ଘୋଷଣା କରାଯାଇଛି।

## ସୁପର୍ କପ୍

# ଗୋଟିଏ ଗ୍ରୁପ୍‌ରେ ମୋହନ ବାଗାନ, ଇଷ୍ଟବେଙ୍ଗଲ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଅକ୍ଟୋବର ୨୫ରୁ ସୁପର୍ କପ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଆଇଏଫ୍‌ଏଫ୍‌ର ଏହି ସିଜନ ଓପନିଂ ଟୁର୍ଣ୍ଣାମେଣ୍ଟ ଲାଗି ଗୁରୁବାର ଡ୍ର' ଘୋଷଣା ହୋଇଛି। ଆଇଏସ୍‌ଏଲ୍ ଚାମ୍ପିଅନ ମୋହନ ବାଗାନ ସୁପର୍ ଜାଏଣ୍ଟସ ଓ ୨୦୨୪ ସୁପର୍ କପ୍ ଚାମ୍ପିଅନ ଇଷ୍ଟ ବେଙ୍ଗଲ ସମାନ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଡ୍ର'ରେ ଉଭୟ ଦଳ ଗ୍ରୁପ୍-ଏ'ରେ ରହିଛନ୍ତି। ଏହି ଗ୍ରୁପ୍‌ରେ ଆଇଏସ୍‌ଏଲ୍‌ର ଅନ୍ୟତମ ଦଳ ଚେନ୍ନାଇନ ଏଫ୍‌ସି ଓ ଆଇ-ଲିଗ୍ ଦଳ ରିଅଲ୍ କାଶ୍ମୀର ସ୍ଥାନ ପାଇଛି। ଆଇଏସ୍‌ଏଲ୍‌ରୁ ୧୨ ଓ ଆଇ-ଲିଗ୍‌ରୁ ୪ଟି ଦଳ ଦଳ ଏଥର ସୁପର୍ କପ୍‌ରେ ଅଂଶଗ୍ରହଣ କରିବେ। ମୋଟ୍ ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ସୁପର୍ କପ୍‌ର ଡିଫେଣ୍ଡିଂ ଚାମ୍ପିଅନ ଏଫ୍‌ସି ଗୋଆ ଗ୍ରୁପ୍-ବି'ରେ ରହିଛି।

**ଗ୍ରୁପ୍ ତାଲିକା**

**ଗ୍ରୁପ୍-ଏ:** ମୋହନ ବାଗାନ ଏସ୍‌ଜି, ଇଷ୍ଟ ବେଙ୍ଗଲ, ଚେନ୍ନାଇନ ଏଫ୍‌ସି ଓ ରିଅଲ କାଶ୍ମୀର

**ଗ୍ରୁପ୍-ବି:** ଏଫ୍‌ସି ଗୋଆ, ଜାମସେଦପୁର ଏଫ୍‌ସି, ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଓ ଇଣ୍ଟର କାଶୀ

**ଗ୍ରୁପ୍-ସି:** ବେଙ୍ଗାଲୁରୁ ଏଫ୍‌ସି, ମହମ୍ମଡାନ ସ୍ପୋର୍ଟିଂ, ପଞ୍ଜାବ ଏଫ୍‌ସି ଓ ଗୋକୁଲମ କେରଳ

**ଗ୍ରୁପ୍-ଡି:** ମୁମ୍ବାଇ ସିଟି ଏଫ୍‌ସି, କେରଳା ବ୍ଲାଷ୍ଟର୍ସ, ହାଇଦରାବାଦ୍ ଏଫ୍‌ସି ଓ ରାଜସ୍ଥାନ ୟୁନାଇଡଟେଡ୍ ଏଫ୍‌ସି

## ଓପିଟିଏଲ୍ ୨୦୨୫

# ଫାଇନାଲରେ ସମ୍ବଲପୁର ୱାରିୟର୍ସ

କଟକ,୨୫।୯ (ସମିସ): ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବର୍ଷାରେ ଧୋଇଯିବା ପରେ ପଏଣ୍ଟ ଆଧାରରେ ସମ୍ବଲପୁର ୱାରିୟର୍ସଙ୍କୁ ଫାଇନାଲରେ ସୁଯୋଗ ମିଳିଛି। ଆଜି ଅପରାହ୍ନରେ ବାରବାଟୀ ଷ୍ଟାଡିୟମରେ ଭୁବନେଶ୍ୱର ଟାଇଗର୍ସ ବିପକ୍ଷ ଏହି ମ୍ୟାଚ୍ ବର୍ଷା ଯୋଗୁଁ ଅଧାରୁ ବନ୍ଦ ରହିଥିଲା, ମାତ୍ର ଓଦା ଆଉଟଫିଲ୍ଡ ଯୋଗୁଁ ଖେଳ ପୁର୍ନବାର ଆରମ୍ଭ ହୋଇ ପାରିନଥିଲା। ଖେଳ ସ୍ଥଗିତ ରହିବା ବେଳକୁ ପ୍ରଥମେ ବ୍ୟାଟିଂ କରୁଥିବା ଟାଇଗର୍ସ ୧୪ ଓଭରରେ ୪ ୱିକେଟ ବିନିମୟରେ ୮୩ ରନ ସଂଗ୍ରହ କରିଥିଲା। ତେବେ ଟୁର୍ଣ୍ଣାମେଣ୍ଟର ରାଉଣ୍ଡରବିନ୍ ଲିଗ୍‌ରେ ୱାରିୟର୍ସ ୧୪ ପଏଣ୍ଟ ସହ ଟେବଲର ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଟାଇଗର୍ସ ୧୨ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଥିଲା। ଲିଗ୍ ପର୍ଯ୍ୟାୟରେ ଅଧିକ ୨ ପଏଣ୍ଟ ୱାରିୟର୍ସଙ୍କୁ ଫାଇନାଲରେ ପହଞ୍ଚାଇଛି। କଟକ ପାନ୍ଥର୍ସ ଏବଂ ପୁରୀ ଟାଇଟନ୍ସ ବିପକ୍ଷ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ପୁରୀ ଟାଇଟନ୍ସ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ ପାନ୍ଥର୍ସ ୨୦ ଓଭରରେ ୮ ୱିକେଟ୍ ହରାଇ ୧୮୭ ରନ୍ ସ୍କୋର କରିଛି। ଦଳ ପକ୍ଷରୁ ଅଭିଜ୍ଞ ଖେଳାଳି ବିପ୍ଳବ ସାମନ୍ତରାୟ ୨୮ ବଲ୍‌ରେ ୫ ଛକ୍ ସହାୟତାରେ ୪୮ ରନ୍ କରିଛନ୍ତି। ଫଳରେ ପୁରୀ ସାମ୍ନାରେ ୧୮୮ ରନ୍‌ର ଲକ୍ଷ୍ୟଧାର୍ଯ୍ୟ ହୋଇଛି।

## କଳିଙ୍ଗରେ ଏସିଆନ୍ ଟିଟି ଟିମ୍ ଚାମ୍ପିଅନସିପ୍ ୧୧ରୁ

# ଭାଗନେବେ ୨୨ ଦେଶର ଖେଳାଳି

ଭୁବନେଶ୍ୱର, ୨୫।୯ (ସମିସ): ପ୍ରଥମଥର ଲାଗି ଓଡ଼ିଶାରେ ଏସିଆନ୍ ଟେବଲ୍ ଟେନିସ (ଟିଟି) ଟିମ୍ ଚାମ୍ପିଅନସିପ୍ ଆୟୋଜିତ ହେବାକୁଯାଉଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୧୧ରୁ ଏହି ସମ୍ମାନଜନକ ପ୍ରତିଯୋଗିତାର ର ୨୮ତମ ସଂସ୍କରଣ ଆରମ୍ଭ ହେବ। ପାଞ୍ଚଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ ଦେଶର ପାଖାପାଖି ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଟିଟି ମହାସଂଘର ସାଧାରଣ ସମ୍ପାଦକ କମଲେଶ ମେହେଟା ସୂଚନା ଦେଇଛନ୍ତି। ଆୟୋଜକ ଭାରତ ବ୍ୟତୀତ ଜାପାନ, ଚାଇନା, କୋରିଆ, ଉତ୍ତରକୋରିଆ, ଚାଇନିଜ ତାଇପେଇ, ହଂକଂ, ସିଙ୍ଗାପୁର, ମାକାଉ, ବାଂଲାଦେଶ, ଇରାନ, କାଜାଖସ୍ଥାନ, କିର୍ଗିଜସ୍ତାନ, ମାଲେସିଆ, ମାଳଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କାତାର, ଶ୍ରୀଲଙ୍କା, ଥାଇଲାଣ୍ଡ ଓ ଉଜବେକିସ୍ତାନ ଦଳ ଭାଗନେବ। ଏଥିରେ ଉଭୟ ବାଳକ ଓ ବାଳିକା ଟିମ୍ ଇଭେଣ୍ଟରେ ମ୍ୟାଚ୍ ଖେଳାଯିବ।



ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ୨୦୨୬ରେ ଲଣ୍ଡନରେ ଖେଳାଯିବାକୁ ଥିବା ବିଶ୍ୱ ଟିଟି ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିବ ବୋଲି ଜଣାପଡ଼ିଛି। ସେହିଭଳି ଏହି ଟୁର୍ଣ୍ଣାମେଣ୍ଟ ସମୟରେ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୧୦ରୁ ୪୦ତମ ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପ୍ ଓ ୧୧ରୁ ଆଇଟିଏଫ୍ ମାଷ୍ଟର୍ସ-୧୦୦ ଟେନିସ ଚାମ୍ପିଅନସିପ୍ ଖେଳାଯିବ। ଗୁରୁବାର ସାମ୍ବାଦିକ ସମ୍ମଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆୟୋଜକ କମିଟିର ନିର୍ଦ୍ଦେଶକ ଏନ୍. ଗଣେଶନ, ସମ୍ପାଦକ ରବୀନ୍ଦ୍ର ପରିଡ଼ା, କ୍ରୀଡ଼ା ନିର୍ଦ୍ଦେଶକ ଡ. ବିଜୟ ଯେଦୁଲା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଓଡ଼ିଶା ପ୍ରୋ ଟି-୨୦ ଲିଗ୍

# ରାଜେଶ ଓ ଡାନିସ୍‌ଙ୍କୁ ଚେତନଙ୍କ ପ୍ରଶଂସା

କଟକ,୨୫।୯ (ସମିସ):

ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ) ଘରୋଇ ଖେଳାଳିମାନଙ୍କ ନିମନ୍ତେ ଏକ ବଡ ପ୍ଲାଟଫର୍ମ। ଏଥିରେ ଭାଗ ନେଇଥିବା ଖେଳାଳିମାନେ ନିଜ ପ୍ରଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ସମସ୍ତ ଦଳରେ କେତେକ ବ୍ୟାଟର ଓ ବୋଲର ରହିଛନ୍ତି, ଯାହାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ପରିଲକ୍ଷିତ ହୋଇଛି। ବ୍ୟକ୍ତିଗତ ଭାବେ କହିବାକୁ ଗଲେ ରାଜେଶ ମହାନ୍ତି ଓ ମହମ୍ମଦ ଡାନିସ୍‌ଙ୍କ ଖେଳ ପସନ୍ଦ ଆସିଛି ବୋଲି ଓପିଟିଏଲରେ ଭାଷ୍ୟକାର ଦାୟିତ୍ୱ ତୁଲାଉଥିବା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଚେତନ ଶର୍ମା କହିଛନ୍ତି। ପୁରୀ ଟାଇଟନ୍ସ ଦଳରୁ ଦୁଇ ପେସ୍ ବୋଲର ରାଜେଶ ଓ ଡାନିସ ପ୍ରତିନିଧିତ୍ୱ କରୁଛନ୍ତି।

ଘରୋଇ କ୍ରିକେଟରୁ ଜାତୀୟ ଦଳର ଯାତ୍ରା ବାବଦରେ ଚେତନ କହିଛନ୍ତି ଯେ, ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଏଭଳି ପଦକ୍ଷେପ ନିହାତି ରୂପେ ପ୍ରଶଂସନୀୟ। ଗତବର୍ଷ ଦିଲ୍ଲୀ ପ୍ରିମିୟର ଲିଗ୍‌ରୁ ୬ଜଣ ଖେଳାଳି ରାଜ୍ୟ ଦଳରେ ସ୍ଥାନ ପାଇଥିଲେ। ଏମାନଙ୍କୁ ଆଇପିଏଲରେ ମଧ ସୁଯୋଗ ମିଳିଥିଲା। ଓପିଟିଏଲରେ ଖେଳୁଥିବା ୬ଟି ଯାକ ଦଳରୁ କିଛି ଖେଳାଳି ଅତିକମ୍‌ରେ ରାଜ୍ୟ ଦଳରେ ନିହାତି ରୂପେ ସ୍ଥାନ ପାଇବାର ହକ୍‌ଦାର ଅଟନ୍ତି। ଏହି ପରିପ୍ରେକ୍ଷୀରେ ୧୯୮୭ ବିଶ୍ୱକପ୍‌ରେ ନିଜ ହ୍ୟାଟ୍ରିକ ୱିକେଟ ସଫଳତାକୁ ମନେ ପକାଇ ସେ କହିଥିଲେ ଯେ, ପ୍ରତ୍ୟେକ ଖେଳାଳିର ସ୍ୱପ୍ନ ଥାଏ ଥରେ ଜାତୀୟ ଦଳର ଜର୍ସି ପିନ୍ଧିବାକୁ। ସେ ସୁଯୋଗ ପାଇବା ପରେ ଭଲ ଖେଳି ଦେଶର ନାମ ଉଜ୍ଜଳ କରିବାକୁ ଲକ୍ଷ୍ୟ ରଖିଥାଏ। ବିଶ୍ୱକପ୍‌ର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ମୋତେ ସେଭଳି ସୁଯୋଗ ମିଳିଥିଲା। କ୍ରିକେଟ ଦୁନିଆରେ ହ୍ୟାଟ୍ରିକ କଥା ଆଲୋଚନାକୁ ଆସିଲେ ଚେତନ ଶର୍ମାଙ୍କୁ ସମସ୍ତେ ମନେ ପକାଇବେ ବୋଲି ସେ କହିଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS